# ଧରିତ୍ରୀ DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର,ରବିବାର, ମେ ୪/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 4/2025 | Page 16 | ₹ 7.00 | RAYAGADA

୫୧ଶ ଭାଗ ୧୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 158 | ମୂଲ୍ୟ₹୭/-





## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଜୟପୁର,୩।୫(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣୀ ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏ ନେଇ ଯୁବକଙ୍କ ମା' ବୁଦେଇ ଭୁମିଆ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନା ଅନୁଯାୟୀ, ଗତ ୧ ତାରିଖରେ ପୁଅ ପିତାମ୍ବରୀ ଶ୍ୱଶୁର ଘରକୁ ଯାଇଥିଲେ। ଆସିବା ପରେ ରୁମ୍‌ରେ ଶୋଇଥିଲେ। କିନ୍ତୁ ସକାଳୁ ଆତ୍ମହତ୍ୟା କରିଥିବା ପରିବାର ଜାଣିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସଦର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ଏସ୍‌ଆଇ ରାଜକିଶୋର ବାରିକ ଘଟଣାର ତଦନ୍ତ କରୁଛନ୍ତି।

### ଶ୍ରମିକ ଦିବସ ପାଳିତ

ବୈପାରୀଗୁଡ଼ା,୩।୫(କଳ୍ପତରୁ ମହାନ୍ତି)

ବୈପାରୀଗୁଡ଼ା ନେତାଜୀ ରାଜମିସ୍ତ୍ରୀ ସଂଗଠନ, ପିଡିଏସ୍ ଖୋଲାସି ଓ ଦର୍ଜି ମହାସଂଘର ମିଳିତ ଉଦ୍ୟମରେ ଡାକବଙ୍ଗଳାରେ ଶ୍ରମିକ ଦିବସ ଗୁରୁବାର ପାଳିତ ହୋଇଯାଇଛି। ସଭା ପୂର୍ବରୁ ଶ୍ରମିକମାନଙ୍କ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଲାଲ ପତାକା ଉତ୍ତୋଳନ କରାଯାଇ କ୍ରାନ୍ତିକାରୀ ନେତା କାର୍ଲମାକ୍ସ ଫେଡରିକ୍ ଏଙ୍ଗେଲ୍ସ,ଲେନିନ୍,ଷ୍ଟାଲିନ୍, ମାଓସେତୁଙ୍ଗ୍ ଓ କମ୍ରେଡ୍ଣ୍ଣ ବଦାସ ଘୋଷଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଆଇୟୁଟିୟୁସିର କୋରାପୁଟ ଜିଲା ସଭାପତି କାହ୍ନୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଏଆଇୟୁଟିୟୁସିର ରାଜ୍ୟ ସମ୍ପାଦକ ଜୟସେନ ମେହେର, ବିଜୟ ସାହୁ, ଜିଲା ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଶୋୟୀ, ରଶ୍ମି ଡାକୁଆ,ଲକ୍ଷ୍ମଣ ପରଜା,କେଶବ ଘୁଡୁଗିଆ,ଅନାମ ମୁର୍ଜିଆ,ପତି ଦଣ୍ଡସେନା,ସୁନାମ ନାୟକ,ମୋହନ ମହୁରିଆ,ଭଗବାନ ଦୋରା,ତ୍ରିନାଥ ଦୋରାଓ ସୁଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀନିବାସ ପ୍ରଧାନ ସେବିକା ନିଲମ୍ବିତ

### ହଷ୍ଟେଲରେ ଛାତ୍ରୀଙ୍କୁ ବଳାତ୍କାର ଘଟଣା

ନନ୍ଦପୁର/ଲମତାପୁଟ,୩।୫
(ତୁଷାର କାନ୍ତ ମହାନ୍ତି/ଭକ୍ତରାମ ବାଙ୍କିଆ)

ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ଲମତାପୁଟ ବ୍ଲକ୍‌ର ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀ ନିବାସରେ ପଢି ୮ ବର୍ଷୀୟ ଛାତ୍ରୀଙ୍କୁ ବଳାତ୍କାର କରିବା ଘଟଣାରେ ହଷ୍ଟେଲ ପ୍ରଧାନ ସେବିକା ଭାନୁପ୍ରିୟା ରାୟଙ୍କୁ ଶୁକ୍ରବାର ମଧ୍ୟରାତିରେ ନିଲମ୍ବନ କରାଯାଇଛି। ଶନିବାର ସନ୍ଧ୍ୟାରେ କୋରାପୁଟ ବିଧାୟକ ରଘୁରାମ ମାଛ ପୀଡ଼ିତାଙ୍କ ଗ୍ରାମକୁ ଯାଇ ପରିବାରକୁ ସମବେଦନା ଜଣାଇଛନ୍ତି। ପୋଲିସ ଦ୍ୱାରା ଦୋଷୀଙ୍କୁ ଦଣ୍ଡ ବିଧାନ କରାଯିବ। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ରାଜନୀତି ନ କରି ଅଞ୍ଚଳରେ ଶାନ୍ତି ରକ୍ଷା କରିବା ସହ ପରିବାର ଓ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

ସୂଚନା ଅନୁଯାୟୀ, ଘଟଣାର ୧୭ ଦିନ ପରେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଘରକୁ ପଠାଇଥିଲେ। ଏ ନେଇ ପରିବାର ମାଛକୁଣ୍ଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସର ତନାଘନା ଓ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅର୍ଜୁନ ନାୟକଙ୍କ ତଦନ୍ତ ରିପୋର୍ଟ ଆଧାରରେ କୋରାପୁଟ ଜିଲାପାଳଙ୍କ ମଙ୍ଗଳ ବିଭାଗ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୩୧୪/ଆଇଆଇଆଇ/୧୩୭/୨୫ ତା.୨/୫/୨୫ରେ ପ୍ରଧାନ ସେବିକାଙ୍କୁ ନିଲମ୍ବନ କରାଯାଇଛି। ଆଗାମୀ ନିର୍ଦ୍ଦେଶ ଯାଏ ତାଙ୍କୁ ଜିଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଥିବା ଜିଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି ସୂଚନା ଦେଇଛନ୍ତି। ଜିଲା ପୋଲିସ ଅତିରିକ୍ତ ଅଧିକ୍ଷକ ମନୋଜ କୁମାର ପୂଜାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାଛକୁଣ୍ଡ ପୋଲିସ ସ୍ଥାନୀୟ କେତେକ ଯୁବକଙ୍କ ସମେତ ଛାତ୍ରୀ ନିବାସରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା ଜାରି ରଖିଛନ୍ତି। ଶୀଘ୍ର ସତ୍ୟାସତ୍ୟ ବାହାର କରି ଗିରଫଦାରୀ କରାଯିବ ବୋଲି ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।



କୋରାପୁଟ ବିଧାୟକ ରଘୁରାମ ମାଛ ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

### ଖବରଦାତା ସମ୍ମିଳନୀରେ ଅସନ୍ତୋଷ ପ୍ରକାଶ କଲା ବିଜେଡି, କଂଗ୍ରେସ

ହଷ୍ଟେଲରେ ଛାତ୍ରୀଙ୍କୁ ବଳାତ୍କାର ଘଟଣାକୁ ନେଇ ଅଞ୍ଚଳରେ ରାଜନୀତି ସରଗରମ ହୋଇଛି। କଂଗ୍ରେସ ଓ ବିଜେଡିର ନେତାମାନେ ପୃଥକ ପୃଥକ ଭାବେ ଶନିବାର ହଷ୍ଟେଲ ପରିଦର୍ଶନ କରିଛନ୍ତି। କଂଗ୍ରେସର ମିନାକ୍ଷୀ ବାହିନୀପତି, କୃପା ମୁଦୁଲି, ଜିଲା ପରିଷଦ ସଦସ୍ୟ(୧) ପୂର୍ଣ୍ଣଚନ୍ଦ୍ର ପାଙ୍ଗୀ ଓ ଜିଲା ପରିଷଦ ସଦସ୍ୟ(୨) ଗିତାରାଣୀ ମାହଲା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜେଡି ପକ୍ଷରୁ ପୂର୍ବତନ କୋରାପୁଟ ବିଧାୟକ ରଘୁରାମ ପଡାଲ, ଜିଲା ସଭାପତି ଝିନ୍ନ ହିକକା, ପୂର୍ବତନ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ପ୍ରଫୁଲ୍ଲ ପାଙ୍ଗି, ଈଶ୍ୱର ପାଣିଗ୍ରାହୀ ଓ ସୁନାଧର ଆଡାରି ପ୍ରମୁଖ ଛାତ୍ରୀ ନିବାସ ପରିଦର୍ଶନ କରିଥିଲେ। ପୀଡ଼ିତାଙ୍କ ଗ୍ରାମକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଉଭୟ ଦଳ ପକ୍ଷରୁ ପୃଥକ ପୃଥକ ଖବରଦାତା ସମ୍ମିଳନୀ କରି ଘଟଣାକୁ ନିନ୍ଦା କରାଯାଇଛି। ପୋଲିସର ତଦନ୍ତରେ ଶିଥିଳତା ଓ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀନିବାସ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ମାଟ୍ରିକ୍ ପରୀକ୍ଷା

### ଦିବ୍ୟାଶ୍ରୀ କୋରାପୁଟ ଜିଲା ଟପ୍ପର

କୋରାପୁଟ,୩।୫
(ଅମିତାଭ ବେହେରା)



ଦିବ୍ୟାଶ୍ରୀ ଦୈବ୍ୟଶକ୍ତି

ଦଶମ ପରୀକ୍ଷାରେ ଦିବ୍ୟାଶ୍ରୀ ଦୈବ୍ୟଶକ୍ତି କୋରାପୁଟ ଜିଲା ଟପ୍ପର ହୋଇଛନ୍ତି। ଟପ୍ ଟେନ୍‌ରେ ଜିଲାର ୧୨ ଜଣ ରହିଛନ୍ତି। ଦିବ୍ୟାଶ୍ରୀ ଜୟପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଠ ପଢୁଥିବା ବେଳେ ପରୀକ୍ଷାରେ ୫୬୪ ନମ୍ବର(୯୪ ପ୍ରତିଶତ) ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବୋରିଗୁମ୍ମା ବ୍ଲକର ସମୀକ୍ଷା ପ୍ରିୟଦର୍ଶନୀ ଚୌଧୁରି ଓ ସୁହାନା ପାଢି ଦ୍ୱିତୀୟ,ଜୟପୁରର ଅର୍ପିତା ମିଶ୍ର ୫୫୬ ମାର୍କ ରଖି ତୃତୀୟ ଟପ୍ପର ହୋଇଛନ୍ତି। ସେହିପରି ବୋରିଗୁମ୍ମାର ତୃପ୍ତିମୟୀ ସାହୁ ଓ ଜୟପୁରର ସୁଶ୍ରୀ ପାଢି ୫୫୩ ମାର୍କ ରଖିଛନ୍ତି। କୋରାପୁଟର ଚନ୍ଦନ କୁମାର ପରିଡା ଓ ଜୟପୁର ସୋହନ କୁମାର ଦାସ ୫୫୨, ସେମିଳିଗୁଡାର ସମ୍ବିତ କୁମାର ସାମଲ ୫୫୦, ଜୟପୁରର ଅଭିପ୍ସା ପଟ୍ଟନାୟକ ୫୪୬, କୋରାପୁଟର ଶ୍ୟାମ ଶେଖର ସାହୁ ୫୪୪, ସୋନାଲି ମାହୁନ୍ତ ୫୪୦ ମାର୍କ ରଖି ଏ ୧ ଗ୍ରେଡରେ କୃତକାର୍ଯ୍ୟ ହୋଇଛନ୍ତି।

### ରୋହିତ ନନ୍ଦପୁର ବ୍ଲକ୍ ଟପ୍ପର



ରୋହିତ ପରିଡା | ଜ୍ୟୋତ୍ସ୍ନାରାଣୀ ପାଙ୍ଗୀ | ପ୍ରଫୁଲ୍ଲ ଖିଲ

ନନ୍ଦପୁର,୩।୫(ତୁଷାରକାନ୍ତ ମହାନ୍ତି)

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାଫଳ ଶୁକ୍ରବାର ସନ୍ଧ୍ୟାରେ ପ୍ରକାଶ ପାଇଥିବା ବେଳେ ନନ୍ଦପୁର ବ୍ଲକ୍‌ରେ ସେମେଳା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ର ରୋହିତ କୁମାର ପରିଡ଼ା ମୋଟ ୪୯୫ ମାର୍କ(ଏ-୨) ରଖି ଟପ୍ପର ହୋଇଛନ୍ତି। ବ୍ଲକ୍‌ରେ ଥିବା ୨୦ ଉଚ୍ଚ ବିଦ୍ୟାଳୟର ୧୦୫୫ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।

୩୮ ପରୀକ୍ଷାର୍ଥୀ ଫେଲ୍ ହୋଇଥିବା ଜଣାପଡ଼ିଛି। ଏ-୨ ଗ୍ରେଡ୍‌ରେ ଜଣେ, ବି-୧ରେ ୯ ଜଣ, ବି-୨ରେ ୧୦୪, ସିରେ ୪୯୭, ଡି ଗ୍ରେଡ୍‌ରେ ୩୫୫ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଚାଟୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଜ୍ୟୋତ୍ସ୍ନାରାଣୀ ପାଙ୍ଗୀ(ବି-୧) ୪୬୦ ନମ୍ବର ରଖି ଦ୍ୱିତୀୟ ଓ ହିକିମପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ର ପ୍ରଫୁଲ୍ଲ ଖିଲ (ବି-୧) ୪୪୮ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ୩ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନନ୍ଦପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ଜୁନ ୨୯ରେ ନନ୍ଦପୁର ସୀମାଦ୍ରି ମଣ୍ଡପରେ ହେବାକୁ ଥିବା ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ବ୍ଲକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ସଂସଦ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା ସୂଚନା ଦେଇଛନ୍ତି।

### ଏ୧ରେ ବୋରିଗୁମ୍ମାର ୩ ପରୀକ୍ଷାର୍ଥୀ

ବୋରିଗୁମ୍ମା, ୩।୫
(ବିଜୟ ସାହୁ)



ସମୀକ୍ଷା ପ୍ରିୟଦର୍ଶନୀ | ସୁହାନା ପାଢୀ | ତୃପ୍ତିମୟୀ ସାହୁ

ମାଟ୍ରିକ୍ ପରୀକ୍ଷାରେ ଶ୍ରେଷ୍ଠ ପାଞ୍ଚ ମଧ୍ୟରେ କୋରାପୁଟ ଜିଲା ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ୩ ପରୀକ୍ଷାର୍ଥୀ ସ୍ଥାନ ପାଇଛନ୍ତି। ଜିଲାରେ ୫୫୭ ମାର୍କ ରଖି ବୋରିଗୁମ୍ମାର ସମୀକ୍ଷା ପ୍ରିୟଦର୍ଶନୀ ଚୌଧୁରୀ ଦ୍ୱିତୀୟ, ୫୫୭ ନମ୍ବର ରଖି ସୁହାନା ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୫୫୩ ନମ୍ବର ରଖି ପ୍ରଶାନ୍ତ କୁମାର ସାହୁ, ସରସ୍ୱତୀ ପାଣିଗ୍ରାହୀଙ୍କ ଝିଅ ତୃପ୍ତିମୟୀ ସାହୁ ପଞ୍ଚମ ସ୍ଥାନରେ ରହିଛନ୍ତି। ଆଗକୁ ବିଜ୍ଞାନ ବିଭାଗରେ ନାମ ଲେଖାଇବାକୁ ସେମାନେ ଆଗ୍ରହୀ ଅଛନ୍ତି।

# ଜଙ୍ଗଲରୁ ଗଛ କାଟି କାଠ ଚୋରା ଚାଲାଣ ଅଭିଯୋଗ

ଲକ୍ଷ୍ମୀପୁର,୩।୫(ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବନାଞ୍ଚଳ ଅଧୀନ ଭିତରଗଡ଼ ପଞ୍ଚାୟତ ଚାରଡ଼ା ଗ୍ରାମ ନିକଟ ଭାଲୁ ଚବା ସରକାରୀ ପାହାଡ଼ି ଜମିରୁ ଗଛ କାଟି କାଠ ଚୋରି ହେଉଥିବା ଅଭିଯୋଗ ହୋଇଛି। ମାଫିଆମାନେ ଜଙ୍ଗଲ ଜମିରୁ ନୀଳଗିରି ଗଛ ଚୋରି କରୁଥିବା ଓ ବନ ବିଭାଗ ନୀରବତା ଅବଲମ୍ବନ କରୁଥିବା ଗ୍ରାମବାସୀ କହିଛନ୍ତି। ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉ ନ ଥିବା କହିଛନ୍ତି। ମାଫିଆମାନେ ଗଛ କାଟି ଗାଡ଼ିରେ କାଠ ଅନେକ ସ୍ଥାନକୁ ପରିବହନ କରୁଥିବା ଜଣାପଡ଼ିଛି। ସରକାରୀ ଜଙ୍ଗଲ ଜମିରେ ଲାଗିଥିବା ନୀଳଗିରି ଗଛକୁ ଗ୍ରାମବାସୀଙ୍କ ବିନା ଅନୁମତିରେ କାଟି ବିକ୍ରି ପାଇଁ ଅନୁମତି କିଏ ଦେଇଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏ ନେଇ ଗ୍ରାମବାସୀ ଲକ୍ଷ୍ମୀପୁର ବନାଞ୍ଚଳ ଅଧିକାରୀ କୁମାର ଖରାଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ବନପାଳ ନିର୍ମଳା ଆନନ୍ଦ ଗଛ କାଟୁଥିବା ସ୍ଥାନରେ ପହଞ୍ଚି ଅନୁଧ୍ୟାନ କରିଥିଲେ। କିଛିଦିନ ବନ୍ଦ କରି ମାଫିଆମାନେ ପୁଣି ଜଙ୍ଗଲରୁ ଦିନ ଦ୍ୱିପ୍ରହରରେ ଗଛ କାଟି ଗାଡ଼ି ଯୋଗେ କାଠ ଚୋରା ଚାଲାଣ କରୁଥିଲେ। ଏ ନେଇ ଗ୍ରାମବାସୀ ଲକ୍ଷ୍ମୀପୁର ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ସୂଚନା ଅନୁଯାୟୀ, ଲକ୍ଷ୍ମୀପୁର ବନାଞ୍ଚଳ ସରକାରଙ୍କ ଜଙ୍ଗଲ ଜମିରେ ଦୀର୍ଘ ବର୍ଷ ହେବ ପାହାଡ଼ରେ ୫ ହେକ୍ଟର ଜମିରେ ନୀଳଗିରି ଗଛ ଲଗାଯାଇଥିଲା। ଗ୍ରାମବାସୀ ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଥିଲେ। ମାଫିଆମାନେ ଗ୍ରାମବାସୀଙ୍କ ବିନା ଅନୁମତିରେ ଗଛ କାଟି କାଠ ଚାଲାଣ କରୁଛନ୍ତି। ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ପୂର୍ବତନ ସରପଞ୍ଚ ଡାଙ୍କୁ ଜାନୀ, ପୂର୍ବତନ ସରପଞ୍ଚ ରଘୁନାଥ ସାଉନ୍ତା, ପୂର୍ବତନ ସରପଞ୍ଚ ଜେଟି ମୁଦୁଲି,ଅର୍ଜୁନ ମୁଦୁଲି,ନିଳମ୍ବ୍ର ସାଉନ୍ତା, ଦେବ ମୁଦୁଲି, ଶରତ ନାୟକ, ଶଙ୍କର ବିଷୋୟୀ, ଗଣେଶ୍ୱର ବିଷୋୟୀ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଖରା ଓ ବନପାଳ ଆନନ୍ଦଙ୍କୁ ପଚାରିବାରୁ ରାଜସ୍ୱ ଅଧିକାରୀଙ୍କୁ ପଚାରନ୍ତୁ ବୋଲି କହିଛନ୍ତି। ଉଭୟ ବିଭାଗର ମତରେ ତାଳମେଳ ରହୁନାହିଁ।



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

# ସୀମାନ୍ତ ଗ୍ରାମବାସୀଙ୍କୁ ଓଡ଼ିଶା ପକ୍ଷରୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ



କାର୍ଯ୍ୟକ୍ରମରେ ୨ ଗ୍ରାମର ଗ୍ରାମବାସୀ ଓ ଅଧିକାରୀମାନେ।

ପଟ୍ଟାଙ୍ଗି,୩।୫(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମବାସୀଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଶନିବାର ଜଙ୍ଗଲଜମି ପଟ୍ଟା ପ୍ରଦାନ କରି ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସରକାରଙ୍କ ମୋ ଜଙ୍ଗଲ ଜମି ଯୋଜନା କାର୍ଯ୍ୟକ୍ରମକୁ ସହଯୋଗ କରୁଥିବା ଏଫଇଏସ୍ ଅନୁଷ୍ଠାନର ରିପୋର୍ଟ ଅନୁସାରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗୁମେଲପଦର ଓ ମାଥାଲାଆମ୍ବ ୨ ଗ୍ରାମର ୭୦ ପରିବାରକୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ସୂଚନା କ୍ରମେ ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨ ଗ୍ରାମବାସୀଙ୍କୁ ନେଇ ଗୁମେଲପଦରରେ ଏକ ବୈଠକ କରାଯାଇଥିଲା। ୨ ସୀମାନ୍ତବାସୀଙ୍କୁ ଓଡ଼ିଶା ସରକାରୀ ଯୋଜନା ସମ୍ପର୍କରେ ଓ ଜଙ୍ଗଲଜମିର ଉପକାରିତା ନେଇ ଅତିରିକ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ସାହୁ ବୁଝାଇଥିଲେ। ଏଥିରେ ଜଙ୍ଗଲ ବିଭାଗର ଫରେଷ୍ଟର ସୁଶାନ୍ତ କୁମାର ସେଠୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନିଲ କୁମାର ସେଠୀ, ସନ୍ତୋଷ ଚୌଧୁରୀ, ଆପାନ୍ନା ଖରା ଓ ଏଫଇଏସ୍ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୋଟିଆ ପଞ୍ଚାୟତ ଅନ୍ୟ ସୀମାନ୍ତ ଗ୍ରାମବାସୀଙ୍କୁ ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏଭଳି ଜଙ୍ଗଲଜମି ପଟ୍ଟା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୀମାନ୍ତ ରଣାସିଂ ଓ ପନିକି ଗ୍ରାମର ଗ୍ରାମବାସୀଙ୍କୁ ଜଙ୍ଗଲଜମି ପଟ୍ଟା ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ପରୀକ୍ଷାଫଳ ଦେଖିବା ଆଗରୁ ଛାତ୍ରୀ ମୃତ

କୁନ୍ଦୁରା,୩।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଆସନାର ଜଣେ ଛାତ୍ରୀଙ୍କ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଫଳାଫଳ ଦେଖିବା ପୂର୍ବରୁ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳୁ ମୃତ୍ୟୁ ହୋଇଛି। ମୃତକ ହେଲେ ଆସନାର କମଳଲୋଚନ ଓ ସୁନାଦେଇଙ୍କ ଝିଅ ଭଗବତୀ କଟିଆ(୧୮)। ସେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୨୯୫ ନମ୍ବର ରଖି ଗ୍ରେଡ୍ ଡିରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭଗବତୀ ଅସୁସ୍ଥ ଥିବା ବେଳେ କୋରାପୁଟ ମେଡିକାଲ୍‌ରେ ଚିକିତ୍ସିତ ହେଉଥିଲେ। ପରିବାର ସୂଚନା ଅନୁଯାୟୀ, ଏପ୍ରିଲ ୨୯ରେ ଭଗବତୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସମସ୍ତ ପ୍ରକାର ପରୀକ୍ଷା କରିବା ପରେ କୌଣସି ରୋଗ ଥିବା ଜଣାପଡ଼ିନଥିଲା। ଶନିବାର ତାଙ୍କୁ ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହୋଇଥିଲା। ଡାକ୍ତର ଅକ୍ସିଜେନ ଦେବା ସତ୍ତ୍ୱେ କୌଣସି ଫଳ ମିଳିନଥିଲା। ଏକ ଘଣ୍ଟାର ସଂଘର୍ଷ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଝିଅ ମାଟ୍ରିକ ପାସ କରିଥିବା ବେଳେ ଫଳାଫଳ ଜାଣିପାରିଲା ନାହିଁ। ଝିଅର ମୃତ୍ୟୁରେ ପରିବାର ଭାଙ୍ଗି ପଡ଼ିଛନ୍ତି। ଖବର ପ୍ରସାରିତ ହେବା ପରେ ଅଞ୍ଚଳର ବହୁ ଲୋକ ଜମା ହୋଇଥିଲେ। ଆସନା ଉଚ୍ଚ ବିଦ୍ୟାଳୟର ଭଗବତୀ ଜଣେ ଭଲ ଛାତ୍ରୀ। ତାଙ୍କ ମୃତ୍ୟୁକୁ ନେଇ ଶିକ୍ଷୟିତ୍ରୀ ଶିକ୍ଷକ ଦୁଃଖ ପ୍ରକାଶ କରିଛନ୍ତି।

# ଛିଣ୍ଡାନଈର ବାର୍ଷିକ ଉତ୍ସବ ପାଳିତ

ଜୟପୁର,୩।୫(ପବନ ପାଣିଗ୍ରାହୀ)

କଟକ ଛିଣ୍ଡାନଈ ସାହିତ୍ୟ ସଂସଦ ଓ ଜୟପୁର ଶାଖାର ବାର୍ଷିକ ଉତ୍ସବ ସ୍ଥାନୀୟ ଲୋକେଶ୍ୱରୀ କମ୍ୟୁନିଟି ହଲ୍ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କବି କୃଷ୍ଣଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ସାହିତ୍ୟିକ ଡ. ସୁରେଶ ଦାଶ, ଆଦିବାସୀ ଭାଷା ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ ଓ ଅଧ୍ୟାପକ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ମଞ୍ଚାସୀନ ହୋଇଥିଲେ। ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସଂସଦର ସମ୍ପାଦକ ଯୁଧିଷ୍ଠିର ମଲ୍ଲିକ ବିବରଣୀ ପାଠ କରିଥିଲେ। ସଂସଦର ସହ ସମ୍ପାଦକ ପ୍ରକାଶ ମହାନନ୍ଦିଆ, କବୟିତ୍ରୀ ସୌଭାଗିନୀ ନନ୍ଦ ଅତିଥି ପରିଚୟ ଦେଇଥିଲେ। ଥସଂସଦର ମୁଖପତ୍ର ଶୁଭ୍ରାଶ୍ରୀ ପତ୍ରିକା ଉନ୍ମୋଚିତ ହୋଇଥିଲା। ସାମ୍ପ୍ରତିକ ସ୍ଥିତିରେ ସାହିତ୍ୟର ଭୂମିକା ନେଇ ଆଲୋଚନା ହୋଇଥିଲା।

# ରଥଯାତ୍ରା ପ୍ରସ୍ତୁତି ବୈଠକ

ନନ୍ଦପୁର,୩।୫(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ସଦର ମହକୁମାରେ ଥିବା ଐତିହାସିକ ଜଗନ୍ନାଥ ମନ୍ଦିରର ଆଗାମୀ ରଥଯାତ୍ରା ପାଇଁ ନନ୍ଦପୁର ଦେବୋତ୍ତର କମିଟି ପକ୍ଷରୁ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଦେବୋତ୍ତର ବିଭାଗ ନନ୍ଦପୁର ବ୍ଲକ୍‌ରେ କାର୍ଯ୍ୟରତ ୧୩ ସରକାରୀ ଓ ୧୨ ବୁଦ୍ଧିଜୀବୀଙ୍କୁ ନେଇ ସଦ୍ୟ ଅନୁମୋଦିତ ୨୫ ଜଣିଆ ଦେବୋତ୍ତର କମିଟିକୁ ନେଇ ବୈଠକ ହୋଇଥିଲା। ଏଥିରେ ନନ୍ଦପୁର ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀ ସଭାପତିତ୍ୱରେ ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ବିଜୟ ପାଢ଼ୀ, ତୁଷାରକାନ୍ତ ମହାନ୍ତି, ଗୋପାଳ ମାଟାମ, ମୁନା ଦଳପତି, ଲୋକନାଥ ଚୌଧୁରୀ, ସୁରେନ୍ଦ୍ର ଖେମୁଣ୍ଡୁ, ବନପାଳ ଗୋପୀନାଥ ପାଙ୍ଗୀ, ଅଗ୍ନିଶମ ଓଆଇସି ଚିତ୍ତରଞ୍ଜନ ପାଣ୍ଡିଆ, ନିରଞ୍ଜନ ବିହାରୀ, ରାଜସ୍ୱ ନିରୀକ୍ଷକ ମଧୁସୂଦନ ଖେମୁଣ୍ଡୁ, ଜଗନ୍ନାଥ ମନ୍ଦିର ପୂଜକ ପ୍ରଦୀପ୍ତ ଦାସ ଓ ଅନିଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ନୂତନ ରଥ କରାଯିବାକୁ କାଠ ସଂଗ୍ରହ କାର୍ଯ୍ୟ ଦେଉଳଗୁଡ଼ା ଗ୍ରାମରୁ ଆସନ୍ତା ୯ ତାରିଖ କରିବାକୁ ନିଷ୍ପତ୍ତି ହୋଇଛି। ରଥକାଠ ସଂଗ୍ରହ ପାଇଁ ଦେଉଳପଡ଼ା ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଥିଲା। ରଥକାଠ କାଟିବା ପାଇଁ ଏକ ୯ ଜଣିଆ କମିଟି ଗଠନ କରାଯାଇଛି। କୁନ୍ଦୁରାର ରଥ କାରିଗର ରଥ ନିର୍ମାଣ କରିବେ ଓ ସ୍ଥାନୀୟ କାରିଗର ଏଥିରେ ସହଯୋଗ କରିବାକୁ ଅତିରିକ୍ତ ତହସିଲଦାର ପାଙ୍ଗୀ କହିଥିଲେ।

# କୋରାପୁଟରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

କୋରାପୁଟ,୩।୫(ଅମିତାଭ ବେହେରା)

କୋରାପୁଟ ପ୍ରେସ୍ କ୍ଲବ ପକ୍ଷରୁ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଶନିବାର ପାଳିତ ହୋଇଯାଇଛି। କୋରାପୁଟ ପ୍ରେସ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଅମିତାଭ ବେହେରା, କୋଷାଧ୍ୟକ୍ଷ ଘନଶ୍ୟାମ ରଥ, ସଦସ୍ୟ ସି.ଏଚ୍.ସାନ୍ତାକାର, ସୂର୍ଯ୍ୟନାରାୟଣ ପଣ୍ଡା, ଅରୁଣ ଦାସ,ଉତ୍ତମ ନାୟକ, ଦିପୁ ମହାନ୍ତି, ମଣ୍ଟୁ ଭଦ୍ରା, ପବିତ୍ର ସେଠୀ, ସୁନ୍ଦର କୁମାର ପାଣି, କରୁଣା ମହାନନ୍ଦିଆ ପ୍ରମୁଖ ଯୋଗଦେଇଥିଲେ। ଖବରଦାତା ଦେବାଶ୍ରିତ ପଟ୍ଟନାୟକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ କୋରାପୁଟ ପ୍ରେସ୍ କ୍ଲବର ସଦସ୍ୟମାନେ ।

### ଗଣମାଧ୍ୟମ ସ୍ୱାଧୀନ ହେବା ଦରକାର

ଜୟପୁର,୩।୫(ପବନ ପାଣିଗ୍ରାହୀ)

ଷ୍ଟେଟ ୟୁନିଅନ ଅଫ ଜର୍ନାଲିଷ୍ଟ କୋରାପୁଟ ଜିଲା ଶାଖା ପକ୍ଷରୁ ବିଶ୍ୱ ପ୍ରେସ୍ ସ୍ୱାଧିନତା ଦିବସ ଶନିବାର ପାଳିତ ହୋଇଯାଇଛି। ଗଣମାଧ୍ୟମ ସ୍ୱାଧୀନ ହେଲେ ସତ୍ୟ କହିବା ସହ ଅନ୍ୟାୟ, ଦୁର୍ନୀତି, ଭ୍ରଷ୍ଟାଚାର, ଅସମାନତା ଓ ଶୋଷଣ ବିରୋଧରେ ସ୍ୱର ଉଠାଇ ପାରିବ ବୋଲି ସଭାପତି ତରୁଣ କୁମାର ମହାପାତ୍ର କହିଥିଲେ। ସମସ୍ତଙ୍କ ପାଖରେ ମୋବାଇଲ ଡିଜିଟାଲ କ୍ୟାମେରା ଏବଂ ସୋସିଆଲ ମିଡିଆ ଥିବା ଲୋକମାନେ ମଧ ଖବର କରୁଛନ୍ତି। କିନ୍ତୁ ସେହି ସତ୍ୟ ଓ ଦାୟିତ୍ୱ ବୀହିନ ହେଲେ ଏହି ଗୁରୁତ୍ୱ ନଷ୍ଟ ହୁଏ। ଏଥିରେ ନିର୍ବାଚନ ଅଧିକାରୀ ପବନ ପାଣିଗ୍ରାହୀ, ସମ୍ପାଦକ ଶିଶିର ଆଚାର୍ଯ୍ୟ, ଉପସଭାପତି ପଦ୍ମନାଭ ହୋତା, ଉପଦେଷ୍ଟା ସତ୍ୟ ପଟ୍ଟନାୟକ, ନୃସିଂହ ଚେଧୁରୀ,ସଦସ୍ୟ କମଳ ଭଦ୍ରା ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଗଣମାଧ୍ୟମର ଭୂମିକା, ଆବଶ୍ୟକତା ନେଇ ଆଲୋଚନା

ନନ୍ଦପୁର,୩।୫(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ପ୍ରେସ କ୍ଲବ୍ ଆନୁକୁଲ୍ୟରେ ଅନ୍ତର୍ଜାତୀୟ ପ୍ରେସ୍ ସ୍ୱତନ୍ତ୍ରତା ଦିବସ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ପାଳିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଞ୍ଚଳର ଖବରକାଗଜ ପାଠକ, ଲୋକ ପ୍ରତିନିଧି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମର ଭୂମିକା ଓ ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା। ଖବରଦାତାଙ୍କ ସମସ୍ୟା, ଖବର ସଂଗ୍ରହ ପାଇଁ କରୁଥିବା କଷ୍ଟ, ନିରପେକ୍ଷ ହୋଇ ଖବର ପ୍ରସାରଣ ପରେ ମିଳୁଥିବା ପ୍ରଶଂସା ଓ ଆକ୍ରୋଶ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ବ୍ଲକ୍‌ରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା ଅଞ୍ଚଳର ସମସ୍ୟା, ଆବଶ୍ୟକତା, ସରକାରୀ ବେସରକାରୀ କାର୍ଯ୍ୟକ୍ରମ, ଲୁକ୍କାୟିତ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଖବର ପ୍ରସାରିତ ହେଉଥିବାରୁ ପ୍ରଶଂସା କରିଥିଲେ। ବୈଠକରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗୀ, ଭାଜପା ନେତା ଶେଖ୍ ଗଫୁର, ଜିଲା ସମିତି ସଭ୍ୟ ସଂଘର ସମ୍ପାଦକ ଜଗନ୍ନାଥ ହନ୍ତାଳ, ସେମିଳିଗୁଡା ବ୍ଲକ୍ ଉପାଧ୍ୟକ୍ଷ ଶିବା ବାଗିରି, ପାଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଖବରଦାତା ଓ ଅନ୍ୟମାନେ।

### ଅନ୍ତର୍ଜାତୀୟ ପ୍ରେସ୍ ସ୍ୱତନ୍ତ୍ରତା ଦିବସ ପାଳିତ

ତଥା ଅବସର ପ୍ରାପ୍ତ ଶିକ୍ଷକ କିରଣ ପ୍ରକାଶ ପଣ୍ଡା, ଲୋକନାଥ ଚୌଧୁରୀ, ତରୁଣ କୁମାର ସେଠୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଭାତ ଗୁରୁମାଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାମ୍ବାଦିକ ସଂଘ(ଓୟୁଜେ ଅନୁବନ୍ଧିତ) କାର୍ଯ୍ୟକାରୀ ସମ୍ପାଦକ ତ୍ରିନାଥ ଖରା ସଭା ପରିଚାଳନା କରିଥିଲେ। ସଂଘ ବ୍ଲକ୍ ସଂଯୋଜକ ତୁଷାର କାନ୍ତ ମହାନ୍ତି, ରମେଶ କୁମାର ଅଧିକାରୀ, ହରେସ ଖିଲ ପ୍ରମୁଖ ସହଯୋଗ କରିଥିଲେ।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର,ରବିବାର, ମେ ୪/୨୦୨୫ | Bhubaneswar, Sunday, May 4/2025 | ପୃଷ୍ଠା-୧



କଟକର କାଠଯୋଡ଼ି ନଦୀ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍ ଶନିବାର ସନ୍ଧ୍ୟାରେ ଖସିପଡ଼ିଛି। **(ଫଟୋ-ରାଜକିଶୋର ମହାନ୍ତି)**

## ବଦଳିଲା ସିବିଏସ୍‌ଇ ବୋର୍ଡ ପରୀକ୍ଷାଫଳ ପୁନଃମୂଲ୍ୟାୟନ ପ୍ରକ୍ରିୟା

ଭୁବନେଶ୍ୱର,୩।୫
(ଅନୁରାଧା ମହାରଣା)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଖାତା ପୁନଃମୂଲ୍ୟାୟନ ପ୍ରକ୍ରିୟାରେ କେତେକ ପରିବର୍ତ୍ତନ ଆଣିଛି। ପରୀକ୍ଷାଫଳ ପ୍ରକାଶ ପରେ ପୁନଃମୂଲ୍ୟାୟନ ପାଇଁ ଆବେଦନ କରୁଥିବା ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଉତ୍ତର ଖାତାର ଫଟୋ କପି ମିଳିବ। ତା'ପରେ ରିଭାଲ୍ୟୁଏଶନ ହେବ। ଛାତ୍ରୀଛାତ୍ରଙ୍କୁ ଅଧିକ ସ୍ୱଚ୍ଛତା ଏବଂ ଆତ୍ମନିର୍ଭରଶୀଳତା ଦେବା ଲକ୍ଷ୍ୟରେ ଏହି ପରିବର୍ତ୍ତନ କରାଯାଇଛି। ଆଗକୁ ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଫଳାଫଳ ପ୍ରକାଶ ପାଇବାକୁ ଥିବାବେଳେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ଉତ୍କଣ୍ଠା ଲାଗି ରହିଛି। ଏପରିସ୍ଥିତିରେ ବୋର୍ଡର ଏହି ବଡ଼ ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଛନ୍ତି। ନିଷ୍ପତ୍ତି ଅନୁସାରେ, ଛାତ୍ରୀଛାତ୍ର ପ୍ରଥମେ ସେମାନଙ୍କ ପରୀକ୍ଷା ଉତ୍ତରପତ୍ରର ଫଟୋକପି ଦେଖିପାରିବେ ଏବଂ ତା'ପରେ ହିଁ ସେମାନେ ମାର୍କ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିପାରିବେ। ଏହାଦ୍ୱାରା ଛାତ୍ରୀଛାତ୍ର କେଉଁ ଉତ୍ତର ପାଇଁ କେତେ ମାର୍କ ମିଳିଛି ଏବଂ କେଉଁ ପ୍ରଶ୍ନ ପାଇଁ କେତେ କଟାଯାଇଛି ତାହା ଜାଣିପାରିବେ। ଏହା ମାର୍କ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିବାକୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

# ବ୍ରିଜ୍ ସ୍ଲାବ୍ ଖସିପଡ଼ି ୩ ମୃତ

**କଟକର କାଠଯୋଡ଼ି ନଦୀ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍ ଖସିପଡ଼ିବାରୁ ଜଣେ ଇଞ୍ଜିନିୟରଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଖାନ୍‌ନଗରରେ ଶନିବାର ସନ୍ଧ୍ୟାରେ ଉକ୍ତ ବ୍ରିଜ୍ ନିର୍ମାଣ ପାଇଁ କ୍ରେନ୍‌ରେ ରେଡିମେଡ୍ ସ୍ଲାବ୍ ଉଠାଯାଉଥିଲା। କ୍ରେନ୍ ଛିଣ୍ଡିଯିବାରୁ ସ୍ଲାବ୍‌ଟି ହଠାତ୍ ଭୁଶୁଡ଼ିପଡ଼ିଥିଲା। ଫଳରେ ଏହା ତଳେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୫ ଜଣ ଚାପିହୋଇ ଯାଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ୨ ଶ୍ରମିକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣା ରାଜ୍ୟର ନିର୍ମାଣସ୍ଥଳଗୁଡ଼ିକରେ ଶ୍ରମିକଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପ୍ରୋଟୋକଲ ଉପରେ ପ୍ରଶ୍ନବାଚୀ ଉଠାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ତଦନ୍ତ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ସକାଶେ ଘୋଷଣା କରିଛନ୍ତି।**

କଟକ,୩।୫(କାର୍ତ୍ତିକ ସାହୁ)

କଟକରେ ଶନିବାର ସନ୍ଧ୍ୟାରେ ଘଟିଛି ବଡ଼ ଅଘଟଣ। ଖାନନଗରସ୍ଥିତ କାଠଯୋଡ଼ି ନଦୀ ଭିତରେ ନୂଆ ବ୍ରିଜ୍ କାମ ଚାଲିଥିବା ସମୟରେ ସ୍ଲାବ୍ ଖସିପଡ଼ି ଜଣେ ଇଞ୍ଜିନିୟର ଓ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ ଶିବଶଙ୍କର ପଟ୍ଟନାୟକ, ସୁବାସ ଚନ୍ଦ୍ର ଭକ୍ତ ଓ ସୌମ୍ୟରଞ୍ଜନ ମଲ୍ଲିକ। ଦୁଇ ଗୁରୁତର ବିକଳ ଜେନା ଓ ଅରୁଣ ବାରିକ ଏବେ ଏସ୍‌ସିବି ମେଡିକାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥା ସଂକଟାପନ୍ନ ରହିଛି।

ସୂଚନା ଅନୁସାରେ ଖାନନଗର ରିଂବନ୍ଧ ସମ୍ପ୍ରସାରଣ ପାଇଁ କାଠଯୋଡ଼ି ନଦୀ ଭିତରେ ବ୍ରିଜ୍ ନିର୍ମାଣ କରାଯାଉଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ ପାଇଁ ଘରୋଇ କମ୍ପାନୀ ଏଲ୍‌ଆଣ୍ଡଟିକୁ ଦାୟିତ୍ୱ ଦିଆଯାଇଛି। ଏଲ୍‌ଆଣ୍ଡଟି ଅଧୀନରେ ଆର୍‌କେଡି କନ୍‌ଷ୍ଟ୍ରକ୍ସନ୍ ଏହାର ନିର୍ମାଣ କରୁଥିଲା। ସବୁଦିନ ଭଳି ନିର୍ମାଣ କାମ ଚାଲିଥିଲା। କିନ୍ତୁ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଅଘଟଣ ଘଟିଥିଲା। ବ୍ରିଜ୍ ଉପରେ କେତେଜଣ ଶ୍ରମିକ କାମ କରୁଥିବାବେଳେ ଅନ୍ୟମାନେ ତଳେ ଥିଲେ। ଦୁଇ ପିଲାରକୁ ସଂଯୋଗ କରିବା ନିମନ୍ତେ ଉଦ୍ଦିଷ୍ଟ ବଡ଼ ସ୍ଲାବ୍‌କୁ କ୍ରେନ ସାହାଯ୍ୟରେ ଉଠାଯାଉଥିଲା। ସ୍ଲାବର ଉଭୟ ପାର୍ଶ୍ୱରେ ୨ଟି କ୍ରେନ୍ ନିୟୋଜିତ ଥିବାବେଳେ ଗୋଟିଏ କ୍ରେନ୍ ଭାଙ୍ଗି ପଡ଼ିଥିଲା। ଫଳରେ ସ୍ଲାବ ଖସି ତଳେ ଥିବା ଶ୍ରମିକଙ୍କ ଉପରେ ପଡ଼ିଥିଲା। ସେମାନଙ୍କୁ ଆଉ ଏକ କ୍ରେନ୍ ସାହାଯ୍ୟରେ ବାହାର କରି ତୁରନ୍ତ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ପ୍ରାୟ ୪୦ରୁ ୫୦ ଶ୍ରମିକ ସେଠାରେ କାମ କରୁଥିଲେ। କାମ କରିବା ସମୟରେ ଶ୍ରମିକଙ୍କ ନିରାପତ୍ତା ପ୍ରତି ଦୃଷ୍ଟି ଦିଆ ନ ଥିବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ମେୟର ସୁବାସ ସିଂହଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ଅପରପକ୍ଷରେ ଜିଲାପାଳ ଶିନ୍ଦେ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।




## ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କଲା ପାକିସ୍ତାନ



ଇସଲାମାବାଦ,୩।୫

ପହଲଗାମ୍ ଆକ୍ରମଣ ପରେ ସୀମାରେ ଉତ୍ତେଜନା ବଢ଼ିଥିବାବେଳେ ପାକିସ୍ତାନ ଶନିବାର ୪୫୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରିଥିବା ଦାବି କରିଛି। ସ୍ଥଳରୁ ସ୍ଥଳଭାଗକୁ ନିକ୍ଷେପ କରାଯାଇପାରୁଥିବା ଏହି ଆବଦଲି ୱେପନ୍ ସିଷ୍ଟମ୍‌କୁ ଏକ ସମରାଭ୍ୟାସ ବେଳେ ପରୀକ୍ଷା କରାଯାଇଥିବା ଇସ୍‌ଲାମାବାଦ କହିଛି। ପଡ଼ୋଶୀ ଦେଶ ଦ୍ୱାରା ଯେକୌଣସି ପ୍ରକାର ମିଶାଇଲ୍ ପରୀକ୍ଷାକୁ ଭାରତ ଗମ୍ଭୀର ଉତ୍ତେଜନା ସୃଷ୍ଟିକାରୀ ଭାବେ ଦେଖୁଥିବା ଏକ ସୂତ୍ରରୁ କୁହାଯାଇଛି। ସୈନ୍ୟମାନଙ୍କ ଆକ୍ରମଣ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଏବଂ ପ୍ରମୁଖ ବୈଷୟିକ ମାପଦଣ୍ଡର ସତ୍ୟାସତ୍ୟ ଦର୍ଶାଇବା ଲକ୍ଷ୍ୟରେ ଏହି କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଥିବା ପାକ୍ ସରକାର କହିଛନ୍ତି। ସୂଚନାଯୋଗ୍ୟ, ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ସୀମାରେଖାରେ ନିୟମିତ ଭାବେ ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତକୁ ଉସୁକାଇବାକୁ ଉଦ୍ୟମ କରିଆସୁଛି। ଭାରତ ପକ୍ଷରୁ ଏହାର ଠିକଣା ଜବାବ ଦିଆଯାଉଛି।

## ସ୍ୱଦେଶୀ କ୍ରୀଡ଼ାକୁ ବିଶ୍ୱସ୍ତରୀୟ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ମୁମ୍ବାଇ,୩।୫

ଜିଓ ୱାର୍ଲ୍ଡ ସେଣ୍ଟରରେ ଆୟୋଜିତ ୱାର୍ଲ୍ଡ ଅଡିଓ ଭିଜୁଆଲ ଓ ଏଣ୍ଟରଟେନମେଣ୍ଟ ସମିଟ୍ (ୱେଭ୍ସ) ୨୦୨୫ରେ ଶନିବାର 'ସ୍ୱଦେଶୀ କ୍ରୀଡ଼ା-ଭାରତରୁ ବିଶ୍ୱସ୍ତର' ଶୀର୍ଷକ ଉପରେ ଆଲୋଚନା ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ ସ୍ୱଦେଶୀ କ୍ରୀଡ଼ାକୁ ବିଶ୍ୱସ୍ତରୀୟ ମାନ୍ୟତା ଦିଗରେ ଆଗେଇ ନେବା ଲାଗି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ସ୍ୱଦେଶୀ କ୍ରୀଡ଼ାର ବିକାଶ ଉପରେ ଆଲୋକପାତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ସ୍ୱଦେଶୀ କ୍ରୀଡ଼ା କେବଳ ଖେଳ ନୁହେଁ, ସେଗୁଡ଼ିକ ଟିମୱାର୍କ, ଧୈର୍ଯ୍ୟ ଓ ଆମ ସମ୍ପ୍ରଦାୟ ମାଟିର ପରିଚୟକୁ ପ୍ରକାଶ କରେ। ଖେଳରେ ସଂସ୍କୃତି ଅଛି, ସଂସ୍କୃତିରେ ଅସ୍ମିତା ଅଛି। ବିଶ୍ୱସ୍ତରରେ ଆମ ସ୍ୱଦେଶୀ କ୍ରୀଡ଼ାକୁ ତା'ର ଉପଯୁକ୍ତ ଅଧିକାର ଦେବା ଲାଗି ଆମେ ଭାରତ ସରକାର ଓ ବିଶ୍ୱ ଫେଡେରେଶନ ସହିତ କାମ କରିବା ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଖୋ ଖୋ ଭଳି ସ୍ୱଦେଶୀ କ୍ରୀଡ଼ା ଲାଗି ହାଇ-ପରଫର୍ମାନ୍ସ ସେଣ୍ଟର ନିର୍ମାଣ କରିଛି। ଏହି ଉଲ୍ଲେଖନୀୟ ପଦକ୍ଷେପ ପାରମ୍ପରିକ କ୍ରୀଡ଼ା ପ୍ରତି ଲୋକଙ୍କ ଚିନ୍ତାଧାରା ବଦଳାଇଛି। ଉପଯୁକ୍ତ ପ୍ରଶିକ୍ଷଣ, ଭିତ୍ତିଭୂମି ଓ ନୂତନତ୍ୱ ମାଧ୍ୟମରେ ପାରମ୍ପରିକ କ୍ରୀଡ଼ାକୁ ପେସାଦାର କ୍ରୀଡ଼ା ଭଳି ଲୋକପ୍ରିୟ କରିହେବ। ଓଡ଼ିଶା ଜଗରନଟ୍ସ ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ଏକମାତ୍ର ଫ୍ରାଞ୍ଚାଇଜ, ଯାହାକି ଅଲ୍ଟିମେଟ ଖୋ ଖୋ ଲିଗ୍‌ରେ ଚାମ୍ପିୟନ ହୋଇଛି। ଏହା ଦର୍ଶାଉଛି ଯେ, ନିରନ୍ତର ସମର୍ଥନ ଓ ସୁଚିନ୍ତିତ ନିବେଶ ମାଧ୍ୟମରେ କିଛି ବି ହାସଲ କରାଯାଇପାରେ ବୋଲି ସେ କହିଛନ୍ତି। ୱେଭ୍ସ ୨୦୨୫ ସମ୍ମାନିତ ବକ୍ତାଙ୍କ ପ୍ୟାନେଲରେ ପ୍ରୋ କବାଡ଼ି ଲିଗ କମିଶନର ଅନୁପମ ଗୋସ୍ୱାମୀ, ଗ୍ଲୋବାଲ କବାଡି ଆଇକନ ଫାଜେଲ ଅତ୍ରାଚାଲି ଓ ଖୋ ଖୋ ଫେଡେରେଶନ ଅଫ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ ସ୍ଥାନ ପାଇଥିଲେ। ସେମାନେ ସରକାର, ଫେଡେରେଶନ, ଗଣମାଧ୍ୟମ ଓ ଆଥ୍‌ଲେଟଙ୍କ ସମର୍ଥନରେ ଭାରତର ପାରମ୍ପରିକ କ୍ରୀଡ଼ାକୁ କେଉଁଭଳି ଅଲିମ୍ପିକ୍ସ ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମକୁ ନିଆଯାଇପାରିବ, ତାହା ଉପରେ ଆଲୋଚନା କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଆଜିର ସମ୍ପାଦକୀୟ**

**ଏବକାର ଭାରତ-ପାକିସ୍ତାନ**

**ସୂଚନା:** ଅନିବାର୍ଯ୍ୟ କାରଣରୁ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେତୁ ଆସନ୍ତା ସୋମବାର, ଇଂରାଜୀ **ତା05.05.2025ରିଖ** ଦିନ, ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**
OIPR-09014/11/0097/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୦୫।୦୫।୨୦୨୫ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୦୨।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହୋଇଛି। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ **(https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

**ନିର୍ଦ୍ଦେଶକ**
**ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
OIPR-09014/11/0098/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ, କଟକର ପ୍ରଥମ ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିନ୍ଦୁ ସାହିତ୍ୟ ସମାଜର ଦଶମ ବାର୍ଷିକୋତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନ୍ୟାଶନାଲ ଓମେନ୍ସ ବିଜିନେସ ମେଳା ୨.୦ର ଉଦ୍‌ଯାପନୀ, ସ୍ଥାନ: ଇଡ୍‌କୋ ଏକ୍ସିବିଶନ, ସମୟ: ଅପରାହ୍ନ ୪ଟା।
- ଗୁରୁ ଦେବପ୍ରସାଦ ଦାଶ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ମଧ୍ୟାହ୍ନ ୬ଟା ୩୦।

## କଟକ
- ଶ୍ରୀ ଶ୍ରୀ ପଞ୍ଚାନନେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ପାଞ୍ଚଗାଁ, ତିଗିରିଆ, ସମୟ: ସକାଳ ୭ଟା।

## ପୁରୀ
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପିପିଲି ଟୋଲ ଗେଟ୍ ନିକଟସ୍ଥ, ସମୟ: ସକାଳ ୭ଟା।

## ବାଲେଶ୍ୱର
- ଜଗନ୍ନାଥ ସେବା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଆଙ୍କୋ ଚନ୍ଦନ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପଧାନପଡ଼ା ପଞ୍ଚାୟତ ହାଇସ୍କୁଲ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୀର୍ତ୍ତନ ବିହାରୀ ଲକ୍ଷ୍ମୀଦେବୀ ମେମୋରିଆଲ ଟ୍ରଷ୍ଟର ୩ୟ ବାର୍ଷିକ ସମାରୋହ, ସ୍ଥାନ: ଉପର ବାଗୁରାଇସ୍ଥିତ ମା' ଦୁର୍ଗା ପାଲେସ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୧୦ମ ସନ୍ଧ୍ୟା, ସ୍ଥାନ: ବାଲିନଗର ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ବିପ୍ଳବୀ ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଦରବାରହଲ, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିତ୍ତଳ୍ଫୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ବିଶ୍ୱ ହସ ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା, ସ୍ଥାନ: ଖମ୍ବେଶ୍ୱରୀ ପାଟଣା ଆସିକା, ସମୟ: ସକାଳ ୯ଟାଠାରୁ ଆରମ୍ଭ।
- ୱାଟର ପାର୍କ, ଫୁଡ ପାର୍କ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଞ୍ଜନଗର କେଏସ୍‌ୟୁବି କଲେଜ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ
- ହନୁମାନ ଜୀଉଙ୍କ ୧୭ତମ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କାନାଳ ଦୁର୍ଗାବଜାର ହନୁମାନ ବାଟିକା, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ଶାନ୍ତିକୁଞ୍ଜ ହରିଦ୍ୱାର କଳସରଥର ପାରାଦୀପ ସହର ପରିକ୍ରମା, ସ୍ଥାନ: ବିଜୟଚନ୍ଦ୍ରପୁର ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲା ପୋଲିସ ପ୍ରଶାସନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସଦର ପୋଲିସ ଥାନା, ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।

## ରାୟଗଡ଼ା
- ନୀଳକଣ୍ଠେଶ୍ୱର ଦେବାଳୟ ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଅଙ୍କୁରାରୋପଣ, ଗଙ୍ଗା ଯାତ୍ରା, ସ୍ଥାନ: ରିଜର୍ଭ ପୋଲିସ ଅଫିସ, ଜେକେପୁର, ସମୟ: ସକାଳ ୯ଟା।
- ମା ମୁତ୍ୟାଲାମା ମନ୍ଦିର ପ୍ରତିଷ୍ଠା, ସାଂସ୍କୃତିକ କାର୍ଯ୍ୟକ୍ରମ ରାଧାକ୍ରିଷ୍ଣା ପ୍ରେମ ଲୀଳା, ସ୍ଥାନ: କୋଲନରା, ସମୟ: ସକାଳ ୯ ଟାରୁ ଆରମ୍ଭ।

## କୋରାପୁଟ
- ୱାନ ନେଶନ ୱାନ ଇଲେକ୍ସନ ନେଇ ଆଲୋଚନା ଚକ୍ର, ସ୍ଥାନ: ଦକ୍ଷତା ବୃଦ୍ଧି କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ୱାନ ନେଶନ ୱାନ ଇଲେକ୍ସନ ସଚେତନତା ପଦଯାତ୍ରା, ସ୍ଥାନ: କୋରାପୁଟ ବସ୍‌ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି
- ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ, ସ୍ଥାନ: ବାଲିମେଳା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ: ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ : ଖରିଆପାଲି ଗ୍ରାମ, ସମୟ : ସକାଳ ୮ଟା।
- ଶ୍ରୀଶ୍ରୀ ସୌରୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ : ନୂଆଁବାରପାଲି ଗ୍ରାମ, ସମୟ : ସକାଳ ୮ଟା।
- .ଓଡ଼ିଶା ଯାଦବ ଟ୍ରଷ୍ଟ ବୋର୍ଡର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ଏବଂ ସାହିତ୍ୟ ସାଧକ ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ଜୟନ୍ତୀ ସଭା, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଅସୀ ଚାଳନା ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତା ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର ସମୟ: ସକାଳ ୬ଟା।

## ରାଉରକେଲା
- ଉତ୍କଳ ଗୀତିକବି ସମାଜର ଜୟଦେବ ଜୟନ୍ତୀ ସମାରୋହ, ସ୍ଥାନ: ଜଗଦା ସାଂସ୍କୃତିକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ବୈଶାଖି ସାହିତ୍ୟ ସଂସଦର ୩୫ତମ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାର୍ଟସିଟି ବିକାଶ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ମଧୁସୂଦନପାଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ୱେଷା ପକ୍ଷରୁ ମାଗଣା ହାଟ, ସ୍ଥାନ: କୃଷ୍ଣ କଲୋନି, ସେକ୍ଟର-୬, ସମୟ: ପୂର୍ବାହ୍ନ ୧୧ଟା।
- ସୋଟୋକାନ୍ କରାଟେ ବେଲ୍ଟ ଆୱାର୍ଡ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୯ ଉଦ୍ୟାନ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା ସାହିତ୍ୟକୁ ନେଇ ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଷୋହଳ ପ୍ରହରୀ ନାମଯଜ୍ଞ କଳସ ଅଧିବାସ, ସ୍ଥାନ: କୋକନରା, ପାଇକମାଲ,ସମୟ: ସକାଳ ୮ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ,ସ୍ଥାନ: ଲୋହରସିଂ, ଝାରବନ୍ଧ,ସମୟ:ସକାଳ: ୮ଟା।
- ସ୍ୱର୍ଗତ ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ୯୦ ଜୟନ୍ତୀ ଉତ୍ସବ , ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ, ବରଗଡ଼,ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅଡଗାଁ ସେବା ସମବାୟ ସମିତି, ବରଗଡ଼,ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ,ସ୍ଥାନ : ବ୍ଲକ ସମ୍ମିଳନୀ କକ୍ଷ, ବରପାଲି, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଜୁନିୟର ଆନ୍ତଃ କ୍ଲବ କ୍ରିକେଟ ଉଦ୍‌ଯାପିତ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ପଣ୍ଡରାମାଳି ସମାଜର ସମାବେଶ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବାହାଲ ଧାନମଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ:ଦେବଗଡ ସହର, ସମୟ: ପ୍ରାତଃ ୪ଟା।
- ଅଷ୍ଟ ପ୍ରହରୀ ନାମ ଯଜ୍ଞ, ସ୍ଥାନ: ବଣିଆ ସାହି, ଦେବଗଡ,ସମୟ:ସକାଳ ୬ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି ,ସ୍ଥାନ: ବାରକୋଟ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ:ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର,ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ଅନ୍ତର୍ଗତ କୀର୍ତ୍ତନ୍ୟ ମଣ୍ଡପ ପ୍ରତିଷ୍ଠା, ହରିନାମ ଓ ରାମାୟଣ ପୁରାଣ ପଠନ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମସ୍ଥିତ କୀର୍ତ୍ତନ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ସୋରୀପଡା ଗାଁ, ସମୟ: ପ୍ରାତଃ ୫ଟା ୧୫।
- ଜିଲାସ୍ତରୀୟ ଓବିସି ମଞ୍ଚର ସାଧାରଣ ବୈଠକ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତ ଭଇଁସଇପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା
- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପଠନ, ସ୍ଥାନ :ସାହାପଡ଼ା ହନୁମାନ ମନ୍ଦିର, ସମୟ:ସକାଳ ୮ଟା।
- ଦୁର୍ଗା ମନ୍ଦିରରେ ଦୁର୍ଗା ସହସ୍ର ନାମ ପଠନ, ସ୍ଥାନ:ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୯ଟା।
- ଯକ୍ଷ୍ମା ଜନିତ ରୋଗ ପାଇଁ ସଚେତନତା ଶିବିର, ସ୍ଥାନ:ତିଳେଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ:ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି କାମ ହାସଲ ସକାଶେ ବିଜାତୀୟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେବେ। ସହକର୍ମୀଙ୍କ ବିବାଦୀୟ ଆଲୋଚନାରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ବ୍ୟବସାୟ ଓ ପରିବହନ ତଥା ପାରିବାରିକ କ୍ଷେତ୍ର ବୁଝାମଣା ଶୃଙ୍ଖଳିତ ରହିବ।

**ବୃଷ**

ମାନସିକ ଅସ୍ଥିରତାଜନିତ ସବୁ ସୁବିଧା ଥାଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନରେ ଅସମର୍ଥ ହେବେ। ନିଜ ଲୋକଙ୍କ ଉପରେ ଭରସା କରି ସୁଫଳ ପାଇବେ ନାହିଁ। କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ମାଲିମକଦ୍ଦମା ପ୍ରଭୃତିରେ ସଫଳତା ପାଇବେ।

**ମିଥୁନ**

ଦୈହିକ ଅସୁସ୍ଥତାକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ସହ ପାରିବାରିକ ସମ୍ପର୍କର ପୂର୍ବାବସ୍ଥାକୁ ବଜାୟ ରଖିପାରିବେ। କର୍ମକ୍ଷେତ୍ର ପ୍ରତି ଉଦାସୀନତା ସମସ୍ୟା ସୃଷ୍ଟି କରିପାରେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ପାରିବାରିକ ସ୍ଥିତି, ବ୍ୟବସାୟିକ ଉତ୍କର୍ଷ, ନୂତନ ବନ୍ଧୁସମ୍ପର୍କ ଯୋଗୁ ଦିନଟି ପୁନର୍ବସୁ ପାଇଁ ଭଲ ରହିବ।

**କର୍କଟ**

ଅର୍ଥନୈତିକ ଅବରୋଧ ଦୂର ହେବା ସହିତ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ଓ ବନ୍ଧୁବର୍ଗଙ୍କ ସହଯୋଗ ପାଇବେ। କିନ୍ତୁ କର୍ମକ୍ଷେତ୍ର ଜଞ୍ଜାଳର ବହୁଳତାଜନିତ ସ୍ୱାସ୍ଥ୍ୟହାନି ଘଟିପାରେ। ବନ୍ଧୁଙ୍କ ସହ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଫେରିଆସିପାରେ।

**ସିଂହ**

ବନ୍ଧୁଙ୍କ ସହ ଗତକାଲିର ଅସମାପ୍ତ ଆଲୋଚନା ଆଜି ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିବ। ଶିକ୍ଷା, ପରୀକ୍ଷା, ସନ୍ତାନ ହେତୁକ ସମସ୍ୟା ସମାଧାନ ହେବାର ଆଶା ରହିଛି। କର୍ମକ୍ଷେତ୍ରରେ ପିଠି ଥାପୁଡ଼େଇ, ମିଠାକଥା କହି କାମ ହାସଲ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ଭଲ ରହିବା ସହ ପ୍ରିୟଜନଙ୍କ ସାନ୍ନିଧ୍ୟରୁ ସାମୟିକ ଉପକୃତ ହୋଇପାରନ୍ତି।

**କନ୍ୟା**

ଯେତେ ଚେଷ୍ଟା କଲେ ମଧ୍ୟ କେତେକ କାମ ଅଧୁରା ରହିଯିବାର ସୂଚନା ରହିଛି। ଆପଣଙ୍କ ସଯୌକ୍ତିକ କଥାକୁ ବିରୋଧ କରୁଥିବା ବ୍ୟକ୍ତି ମଧ୍ୟ ସମର୍ଥନ ଜଣାଇବେ। ପୂର୍ବର ଋଣ ଏବଂ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ, ଆନୁଷ୍ଠାନିକ କାମ, ଅଧ୍ୟୟନ, ଅଧ୍ୟାପନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**

ସ୍ୱାସ୍ଥ୍ୟହାନି, ଶତ୍ରୁତା ଏବଂ ଅର୍ଥର ଅଭାବ ଯୋଗୁ ଚିନ୍ତିତ ରହିପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇ ନିଜ କାମ ପ୍ରତି ଅନୁରକ୍ତି ପ୍ରକାଶ କରିବା ଭଲ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବ ନାହିଁ ଏବଂ ଦୀର୍ଘଦିନର ବକେୟା ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି।

**ବିଛା**

ପ୍ରତ୍ୟେକ କାମ ସକାଶେ ପ୍ରତୀକ୍ଷା ମାନସିକ ଅଶାନ୍ତିର କାରଣ ହେବ। ସମୟ ସ୍ରୋତରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ସହ ବୈରତା ସୃଷ୍ଟିର ଆଶଙ୍କା ରହିଛି। ଆଜି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ତଦନୁସାରେ କାମରେ ସାହାଯ୍ୟ ମଧ୍ୟ କରିବେ । ପାରିବାରିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ।

**ଧନୁ**

ବିଭିନ୍ନ କାରଣକୁ ନେଇ ପରିସ୍ଥିତି ଜଟିଳ ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ଆର୍ଥିକ ଅଭିବୃଦ୍ଧି ସହିତ ବନ୍ଧୁ ସମ୍ପର୍କ, ଆରମ୍ଭ କରିଥିବା କାମ, ଦୂରଯାତ୍ରା ଓ ଆଲୋଚନାରେ ସଫଳତା ମିଳିବ। ସଭାସମିତି, ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଚାପଗ୍ରସ୍ତ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର**

ଲୋକ ସମ୍ପର୍କ ଓ ବଳିଷ୍ଠ ପାରିବାରିକ ସ୍ଥିତି କାରଣରୁ ସାଧାରଣ ସମସ୍ୟା ଓ ମାନସିକ ଚିନ୍ତାରୁ ମୁକ୍ତ ରହିବେ। ଅଟକି ରହିଥିବା ଯାତ୍ରା, ସ୍ଥଗିତ କାର୍ଯ୍ୟ, ବ୍ୟବସାୟ ଓ ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ। ଅର୍ଥ ସଂକଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ**

ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଆଜି ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ମଧ୍ୟ ଆପଣଙ୍କ କାମରେ ହସ୍ତକ୍ଷେପ କରିବ ନାହିଁ। ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାର ଆଶଙ୍କା ଦେଖାଦେବ।

**ମୀନ**

ବିଶିଷ୍ଟ ବ୍ୟକ୍ତିଙ୍କ ସହୃଦୟତା ଆପଣଙ୍କ ପାଇଁ ସହାୟ ହେବ। ପରିସ୍ଥିତି ପ୍ରତି ସଜାଗ ରହି କାମ କରି ଚାଲିଲେ ପ୍ରତିବନ୍ଧକ ବେଶୀ ସମୟ ଅଟକାଇ ପାରିବ ନାହିଁ। ଦୃଢ଼ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଆର୍ଥିକ ସ୍ଥିତି, ସାମାଜିକ ପ୍ରଗତି, ପୂର୍ବପରି ଅକ୍ଷୁଣ୍ଣ ରହିବା ଯୋଗୁ ଖୁସି ଅନୁଭବ କରିବେ।

ଆଜି ମେ ୪ ତାରିଖ, ବିଶ୍ୱ ହାସ୍ୟ ଦିବସ, (ମେ ପ୍ରଥମ ରବିବାର, ବୈଶାଖ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ରବିବାର। ରାଶିନକ୍ଷତ୍ର- ଦିବା ଘ.୧୨।୫୪ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ତାପରେ ଅଶ୍ଳେଷା ନକ୍ଷତ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୯ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୪।୩୧ ଗତେ ଘ.୦୬।୦୭ ମଧ୍ୟେ ରାହୁକାଳ।

# ଟାଙ୍ଗିଆରେ ହାଣି ପଡ଼ୋଶୀଙ୍କୁ ହତ୍ୟା

**ଗୁଣପୁର,୩।୫(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ପଦ୍ମପୁର ଥାନା ଅଧୀନ ଗୁଣପୁର ବ୍ଲକ ଡମ୍ବସରା ପଞ୍ଚାୟତ ସୌରା ବିକ୍ରମପୁର ଗ୍ରାମରେ ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ଟାଙ୍ଗିଆରେ ହାଣି ତାଙ୍କ ପଡ଼ୋଶୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଚୈତନ୍ୟ ଶବର (୪୮)। ଶନିବାର ସକାଳେ ଅଭିଯୁକ୍ତ ପଣ୍ଡା ଶବର ପଦ୍ମପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତକଙ୍କ ସ୍ତ୍ରୀ ମେଲୁଣିଙ୍କ କହିବାନୁଯାୟୀ, ଚୈତନ୍ୟ ଓ ପଣ୍ଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ପୂର୍ବରୁ ଶତ୍ରୁତା ଥିଲା। ଶୁକ୍ରବାର ଚୈତନ୍ୟ ଘରେ ଖାଉଥିବା ସମୟରେ ପଣ୍ଡା ଓ ତାଙ୍କ ପୁଅ ଦୁହେଁ ଘର ଭିତରକୁ ଆସି ହଠାତ୍ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଚୈତନ୍ୟଙ୍କ ମୃତ୍ୟୁ ହୋଇଯାଇଥିଲା। ଚୈତନ୍ୟଙ୍କୁ ହତ୍ୟା କରାଯାଇଥିବା ନେଇ ପଦ୍ମପୁର ଥାନାରେ ତାଙ୍କ ଝିଅ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ପଦ୍ମପୁର ଥାନାଧିକାରି ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି।

# ଶ୍ରମିକଙ୍କ ସହ ମାଟି ଖୋଳିଲେ ବିଡିଓ

**ପାଟଣା,୩।୫ (ବୀର କିଶୋର ଦାଶ)**

ପ୍ରାୟତଃ ଅଫିସରମାନେ ତୃଣମୂଳସ୍ତରକୁ ଯାଆନ୍ତିନାହିଁ। କାର୍ଯ୍ୟାଳୟରେ ଶୀତତାପ ନିୟନ୍ତ୍ରଣ କୋଠରିରେ ବସି କାର୍ଯ୍ୟର ସମୀକ୍ଷା କରୁଥିବା ଅଭିଯୋଗ ହୋଇଥାଏ। ମାତ୍ର କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବିଡିଓ ମାନସ କୁମାର ଦଣ୍ଡପାଟଙ୍କ କାର୍ଯ୍ୟଶୈଳୀ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଶନିବାର ପାଟଣା ବିଡିଓ ପାଲାଣଘାଟି ପଞ୍ଚାୟତ କୁମୁଳାବାହାଲି ସୋସା ସାହିଠାରେ ଚାଲିଥିବା ମନରେଗା ଯୋଜନାରେ ପୋଖରୀ କାମ ତଦାରଖ କରିବାକୁ ଯାଇଥିଲେ। ଏହି ସମୟରେ ଶ୍ରମିକଙ୍କ ସହ ନିଜେ ଖରାରେ ମାଟି ଖୋଳି ଶ୍ରମିକଙ୍କୁ ଉତ୍ସାହିତ କରିଛନ୍ତି। ହାତରେ ଗଇଁତି ଧରି ମାଟି ଖୋଳି ଶ୍ରମିକଙ୍କ ସହ କିଛି ସମୟ ବିତାଇଥିଲେ। ବିଡିଓଙ୍କ ଏଭଳି ପ୍ରେରଣାଦାୟୀ କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।


ବିଡିଓ ମାନସ କୁମାର ଦଣ୍ଡପାଟ ଗଇଁତି ଧରି ମାଟି ଖୋଳୁଛନ୍ତି।

# ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୋଳ ବାସି, ଜଳ ବାସି, ଅଗି ବାସି**
**କି କରିବ ଖଡ଼ି ଘଷି**

ଦୋଳ ପୂର୍ଣ୍ଣିମା, ସ୍ନାନ ପୂର୍ଣ୍ଣିମା ଏବଂ ଅଗ୍ନି ପୂର୍ଣ୍ଣିମା ପରେ କିଆରିକୁ ପ୍ରଥମେ ଚାଷ କରିବା ଭଳି ଅନେକ ଶୁଭ କାର୍ଯ୍ୟମାନ ଆରମ୍ଭ କରାଯାଇଥାଏ। ଏଥିପାଇଁ ଗଣନା ଅନାବଶ୍ୟକ ବୋଲି ଏଠାରେ ସୂଚିତ କରାଯାଇଛି।

**ଦାନ ଦିଆ ଗାଈର କି ଦାନ୍ତ ଦେଖା?**

ଦାନ୍ତ ଦେଖି ଗାଈ ବଳଦ ଭଲ କି ଖରାପ ତାହା ଜଣାପଡ଼ିଯାଇଥାଏ। ତେବେ ଦାନ ସୂତ୍ରରେ ମିଳିଥିବା ବସ୍ତୁଟି ଭଲ ହେଉ ବା ମନ୍ଦ ହେଉ ତାହା ବିଚାର କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସରକାରଙ୍କ ବର୍ଷକର ସଫଳତାର ବିବରଣୀ ପାଇବେ ଜନସାଧାରଣ


**ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)**

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତି ଉଦ୍ଦେଶ୍ୟରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି ଉତ୍ସବକୁ ଅର୍ଥପୂର୍ଣ୍ଣ, ଅନ୍ତର୍ଭୁକ୍ତୀକରଣ ଓ ପ୍ରଭାବଶାଳୀ ଭାବେ ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ସରକାରଙ୍କ ଏକବର୍ଷର ସଫଳତାର ବିବରଣୀ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ୧୧୫ଟି ପୌରାଞ୍ଚଳ (ୟୁଏଲ୍‌ବି), ଆର୍‌ଟିଓ ଅଞ୍ଚଳ ଓ ବନ୍ଦର କ୍ଷେତ୍ରରେ ଉନ୍ନତି ଉପଲବ୍ଧି ବିଷୟରେ ଅବଗତ କରିବା, ପ୍ରଦର୍ଶନୀ ଓ ମଲ୍ଟିମିଡିଆ ଅଭିଯାନ ମାଧ୍ୟମରେ ସଫଳ କାହାଣୀ ଓ ନବଚେତନାତ୍ମକ ପ୍ରୟାସଗୁଡ଼ିକୁ ଦେଖାଇବା, କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଓ ଶିଳାନ୍ୟାସ, ଭିଜୁଆଲ ଓ ଡକ୍ୟୁମେଣ୍ଟେଶନ ପ୍ରସ୍ତୁତି, ବିଭାଗୀୟ ସଫଳତା ବିବରଣୀ ଉପସ୍ଥାପନ ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ନାଗରିକ ଭାଗୀଦାରିତା ଭାବେ ଘର, ସ୍ୱଚ୍ଛତା, ପରିବହନ ଓ ସହରାଞ୍ଚଳ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବିଭାଗ ଅନୁଯାୟୀ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ସମସ୍ତ କାର୍ଯ୍ୟକ୍ରମରେ ସର୍ବାଧିକ ଜନସାଧାରଣ ଭାଗୀଦାରି ସୁନିଶ୍ଚିତ କରିବାକୁ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହି ଉତ୍ସବ ଏକ ନାଗରିକ କୈନ୍ଦ୍ରିକ ଏବଂ ଗଣତାନ୍ତ୍ରିକ ଶାସନର ପ୍ରତିବିମ୍ବ ଭାବେ ଆୟୋଜିତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭିଝିଞ୍ଜାମ୍ ବନ୍ଦର ଉଦ୍‌ଘାଟିତ ମଞ୍ଚରେ ମୋଦିଙ୍କ ସହ ଯୋଗଦେଲେ ଥରୁର

**ଥିରୁଭାନନ୍ତପୁରମ୍,୩।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କେରଳରେ ଭିଝିଞ୍ଜାମ୍ ଅନ୍ତର୍ଜାତୀୟ ବନ୍ଦରର ଉଦ୍‌ଘାଟନ କରିଛନ୍ତି। ୮,୬୮୬ କୋଟି ଟଙ୍କାରେ ନିର୍ମିତ ଏହି ଟ୍ରାନ୍ସଶିପ୍‌ମେଣ୍ଟ ବନ୍ଦରର କ୍ଷମତା ଆଗାମୀ ବର୍ଷରେ ୩ ଗୁଣ ହେବା ସହ ବିଶ୍ୱର ସର୍ବବୃହତ୍ ପଣ୍ୟବାହୀ ଜାହାଜଗୁଡ଼ିକ ଏଠାରେ ସହଜରେ ଲାଗିପାରିବ। ଆଦାନୀ ପୋର୍ଟସ୍ ଦ୍ୱାରା ଏହି ବନ୍ଦର ବିକଶିତ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏବଂ ଥିରୁଭାନନ୍ତପୁରମ୍‌ର କଂଗ୍ରେସ ଏମ୍‌ପି ଶଶୀ ଥରୁର ଉପସ୍ଥିତ ଥିଲେ। ଥରୁରଙ୍କ ଉପସ୍ଥିତି ଅନେକ ନେତାଙ୍କ ନିଦ ହଜାଇଦେବ ବୋଲି ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଲକ୍ଷ୍ୟ କରି କହିଛନ୍ତି। ସୂଚନାଯୋଗ୍ୟ, ଥରୁର କିଛିଦିନ ହେଲା ଭାଜପା ପ୍ରତି କୋହଳ ଆଭିମୁଖ୍ୟ ରଖୁଥିବା ନେଇ ନିଜ ଦଳରୁ ସମାଲୋଚିତ ହୋଇ ଆସୁଛନ୍ତି। ନିକଟରେ ପହଲଗାମ୍ ଆକ୍ରମଣକୁ ନେଇ ସେ ସରକାରଙ୍କ ପାକିସ୍ତାନ ବିରୋଧୀ ପଦକ୍ଷେପକୁ ସମର୍ଥନ କରିଥିଲେ। ସେହିପରି ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ମୋଦିଙ୍କ ନେତୃତ୍ୱରେ ଭାରତର ଚତୁର କୂଟନୀତିକୁ ଥରୁର ପ୍ରଶଂସା କରିଥିଲେ। ଶୁକ୍ରବାର ଥିରୁଭାନନ୍ତପୁରରେ ମୋଦି ପହଞ୍ଚିବା ପରେ ବିମାନବନ୍ଦରରେ ଥରୁର ତାଙ୍କୁ ସ୍ୱାଗତ କରିଥିଲେ।


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସମ୍ପ୍ରସାରଣ ହେବ ଏମ୍ସ ଭୁବନେଶ୍ୱର

## ଜମି ଯୋଗାଣ ସହ ବିଭିନ୍ନ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩।୫(ବନ୍ଦନା ସେଠୀ)**


ସମ୍ପ୍ରସାରଣ ହେବ ଏମ୍ସ ଭୁବନେଶ୍ୱର। ଏଥିସହ ଚିକିତ୍ସା ସେବାରେ ଆହୁରି ଉନ୍ନତି ଆସିବ। ଏନେଇ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏବଂ ଅଧ୍ୟକ୍ଷ ଡା. ଶୈଳେଶ କୁମାର ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡା. ବିଶ୍ୱାସ ମୁଖ୍ୟମନ୍ତ୍ରୀଙ୍କ ସହିତ ରୋଗୀ ସେବା, ଚିକିତ୍ସା ବିଜ୍ଞାନ ଏବଂ ପ୍ରତିଷ୍ଠାନର ସମ୍ପ୍ରସାରଣ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରସ୍ତାବ ଓ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଚାହିଦା ପୂରଣ ପାଇଁ ଏମ୍ସ ଭୁବନେଶ୍ୱରର ସମ୍ପ୍ରସାରଣ ଜରୁରୀ। ଏଥିଲାଗି ଅତିରିକ୍ତ ଜମି ଯୋଗାଇବା ଆଲୋଚନାର ପ୍ରମୁଖ ପ୍ରସଙ୍ଗ ଥିଲା। ଉନ୍ନତ ସହରାଞ୍ଚଳ ସେବା ଏବଂ ନାଗରିକ ସହାୟତା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଧୀନରେ ଏମ୍ସ ଭୁବନେଶ୍ୱରକୁ ସାମିଲ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠାନର ପ୍ରୟାସକୁ ପ୍ରଶଂସା କରିବା ସହ ଏହାର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ସହ ସ୍ୱାସ୍ଥ୍ୟସେବା ପ୍ରକ୍ରିୟାରେ କେତେକ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦେଇଥିଲେ। ପରେ ଡା. ବିଶ୍ୱାସ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍‌ଙ୍କୁ ଭେଟି ଏହି ଜାତୀୟ ପ୍ରତିଷ୍ଠାନର ବ୍ୟାପକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

# ସବୁ ବିଷୟରେ ପାସ୍, ମାର୍କଶିଟ୍‌ରେ ଫେଲ୍

## ମାଟ୍ରିକ ପରୀକ୍ଷାଫଳରେ ତ୍ରୁଟି

ଏରସମା,୩।୫ (ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଗଡ଼ହରିଶପୁର ପଞ୍ଚାୟତସ୍ଥିତ ମାର୍କଣ୍ଡ ବିଦ୍ୟାମନ୍ଦିରରେ ମାଟ୍ରିକ ପରୀକ୍ଷା ଫଳାଫଳରେ ତ୍ରୁଟି ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟର ୫ ଜଣ ଛାତ୍ର ସବୁ ବିଷୟରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ମୋଟ ଫଳାଫଳରେ ଫେଲ୍ ବୋଲି ଦର୍ଶାଯାଇଛି। ଏପରିକି ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ୍ ଓ ମାଟ୍ରିକ ଫରୀକ୍ଷାଫଳ ପ୍ରକାଶିତ ବହିରେ ମଧ୍ୟ ଫେଲ୍ ବୋଲି ଉଲ୍ଲେଖ ରହିଛି। ଏନେଇ ସେମାନେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି। ଛାତ୍ର ଶକ୍ତିପ୍ରସାଦ ବିଶ୍ୱାଳଙ୍କ କହିବାନୁଯାୟୀ, ସେ ଓଡ଼ିଆରେ ୪୬, ଇଂଲିଶ୍ ୩୭, ଭୋକେଶନାଲ ( ଅଟୋମୋଟିଭ )୬୭, ଗଣିତ ୩୪, ବିଜ୍ଞାନ ୩୪, ସାମାଜିକ ବିଜ୍ଞାନରେ ୩୨ ଏହିପରି ମୋଟ୍ ୨୫୦ ନମ୍ବର ରଖି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ନିୟମ ଅନୁସାରେ ସବୁ ବିଷୟରେ ୩୦ କିମ୍ବା ତା'ଠାରୁ ଅଧିକ ମାର୍କ ରଖିଲେ ଜଣେ ପରୀକ୍ଷାର୍ଥୀ ପାସ୍ କରିବା କଥା। ଏହି ଅନୁସାରେ ଶକ୍ତିପ୍ରସାଦଙ୍କୁ ଡି ଗ୍ରେଡ୍ ମିଳିବା କଥା। ମାତ୍ର ମାର୍କଶିଟ୍‌ରେ ଏଫ୍ ଗ୍ରେଡ୍ ଲେଖା ହୋଇଥିବାରୁ ସେ ପରୀକ୍ଷାରେ ପାସ୍ କରି ପାରି ନ ଥିବା ଜଣାପଡ଼ିଛି। ତାଙ୍କ ପରି ଅନ୍ୟ ୪ ଜଣ ଛାତ୍ରଙ୍କ ପରୀକ୍ଷାଫଳରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏନେଇ ସମ୍ପୃକ୍ତ ଛାତ୍ରଙ୍କ ଅଭିଭାବକମାନେ ଶନିବାର ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷକ ଦିଲୀପ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସ୍ୱାଇଁ କହିଛନ୍ତି, ୫ ଜଣ ଛାତ୍ରଙ୍କ ମାର୍କଶିଟ୍‌ରୁ ଏଫ୍ ଗ୍ରେଡ୍ ହଟାଇବା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ। ଖୁବ୍‌ଶୀଘ୍ର ଏହା ଠିକ୍ ହୋଇଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।



PERSONAL DETAILS

| | |
|---|---|
| Roll No. | 028AB0103 |
| Candidate Name | SHAKTIPRASAD BISWAL |
| Father's Name | PRABIN BISWAL |
| Mother's Name | LILI BISWAL |
| Date Of Birth | 02/02/2010 |
| Name of the School | MARKANDA VIDYAMANDIR, GADAHARISHPUR |

MARKS AWARDED

| Subject Code | Subject Name | Maximum Marks | Marks Secured |
|---|---|---|---|
| FLO | FIRST LANGUAGE ODIA | 100 | 46 |
| SLE | SECOND LANGUAGE ENGLISH | 100 | 37 |
| AM | AUTOMOTIVE | 100 | 67 |
| MTH | MATHEMATICS | 100 | 34 |
| GSC | GENERAL SCIENCE | 100 | 34 |
| SSC | SOCIAL SCIENCE | 100 | 32 |

FINAL RESULT

| | |
|---|---|
| Grand Total | 250 |
| Result Grade | F |

ଶକ୍ତିପ୍ରସାଦ ବିଶ୍ୱାଳଙ୍କ ମାର୍କଶିଟ୍

ଗଣମାଧମ କେତେକ ନୀତି ଓ ନୈତିକତାକୁ ନେଇ କାର୍ଯ୍ୟ କରୁଛି। ଗଣମାଧମର ପ୍ରତିନିଧିମାନେ ନୀତିଗତ ଦିଗକୁ ପ୍ରତିବଦ୍ଧ ରହିବା ବାଞ୍ଛନୀୟ। ଦୈନନ୍ଦିନ ଖବର ପ୍ରସ୍ତୁତି ବେଳେ ତ୍ରୁଟି ହୋଇପାରେ। ମାତ୍ର ଉଦ୍ଦେଶ୍ୟମୂଳକ ଭାବେ ତ୍ରୁଟି ଗ୍ରହଣୀୟ ନୁହେଁ। ଗଣମାଧମରେ ସ୍ୱାଧୀନତା ପାଇଁ ଦାୟିତ୍ୱ ରହିବା ଉଚିତ ବୋଲି ଶନିବାର ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ରେଭେନ୍ସା ରେଡିଓ ପକ୍ଷରୁ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଖବରକାଗଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ କହିଛନ୍ତି।



# ରେଳ ମନ୍ତ୍ରାଳୟ
## [ଦକ୍ଷିଣ ପୂର୍ବ ରେଳପଥ (ନିର୍ମାଣ ସଂଗଠନ)]

### ବିଜ୍ଞପ୍ତି

**କୋଲକାତା, 11 ଅପ୍ରେଲ, 2025**

**ଏସ୍.ଓ. 1698 (ଇ).-** ଯେହେତୁ, ରେଲୱେ ଅଧିନିୟମ, 1989 (1989ର 24) (ଯାହା ପରବର୍ତ୍ତୀ ସମୟରେ ଉକ୍ତ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20ଏ ର ଉପଧାରା (1) ଅନୁସାରେ ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ-II, ଧାରା 3, ଉପଧାରା (ii) (ଯାହା ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ରେ ପ୍ରକାଶିତ, ଭାରତ ସରକାରଙ୍କ ରେଳ ମନ୍ତ୍ରାଳୟ (ଦକ୍ଷିଣି ପୂର୍ବ ରେଳପଥ / ନର୍ମାଣ ସଂଗଠନ) ର ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ), ତାରିଖ 11 ଡିସେମ୍ବର, 2023 ଦ୍ୱାରା, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଜିଲ୍ଲାରେ ଝାରସୁଗୁଡ଼ା ୟାର୍ଡ ରୁପାନ୍ତିକରଣ (26 କିଲୋମିଟର) ସମେତ ଦୋହରୀ ଲାଇନ ଫ୍ଲାଏ ଓଭର ପରି ସ୍ୱତନ୍ତ୍ର ରେଳ ପ୍ରକଳ୍ପର ନିଷ୍ପାଦନ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ କାର୍ଯ୍ୟକାରିତା ପାଇଁ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବା ଅନୁଯାୟୀ ଏହି ଅଧିସୂଚନା ଜାରି କରାଯାଉଛି ।ଏବଂ, ଯେହେତୁ, 11 ଡିସେମ୍ବର, 2023 ତାରିଖରେ ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ) ର ସାରାଂଶ 6 ମାର୍ଚ୍ଚ, 2024 ତାରିଖରେ ଉକ୍ତ ଆଇନର ଧାରା 20ଏ ର ଉପ-ଧାରା (4) ଅନ୍ତର୍ଗତ; ଦୈନିକ ଖବରକାଗଜଗୁଡ଼ିକରେ ପ୍ରକାଶିତ ହୋଇଥିଲା, ଯଥା 'ପ୍ରମେୟ' (ଓଡ଼ିଆ ସଂସ୍କରଣ), 'ସମ୍ବାଦ' (ଓଡ଼ିଆ ସଂସ୍କରଣ), 'ଦୈନିକ ଜାଗରଣ' (ହିନ୍ଦୀ ସଂସ୍କରଣ) ଏବଂ 'ଟାଇମ୍ସ ଅଫ୍ ଇଣ୍ଡିଆ' (ଇଂରାଜୀ ସଂସ୍କରଣ)। ଏବଂ, ଯେହେତୁ, 11 ଡିସେମ୍ବର, 2023 ତାରିଖରେ ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ) ବିରୁଦ୍ଧରେ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଆପତ୍ତି ଗ୍ରହଣ କରାଯାଇନାହିଁ; ଏବଂ ଯେହେତୁ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ଏବେ, ଯେହେତୁ, ଦକ୍ଷ ଅଧିକାରୀଙ୍କ ଉପରୋକ୍ତ ରିପୋର୍ଟ ପ୍ରାପ୍ତ ହୋଇଛି, ଉକ୍ତ ଅଧିନିୟମ ଧାରା 20ଇ ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଜମି ଅଧିଗ୍ରହଣ କରାଯିବ;

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 20ଡି ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ, ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କର ହେବ, ସମସ୍ତ ଜବରଦଖଲରୁ ମୁକ୍ତ।

ଏହି ପରିପ୍ରେକ୍ଷୀରେ, ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ଥାନା/ଜିଲ୍ଲା: ଝାରସୁଗୁଡାର ଖାତା ସଂଖ୍ୟା 747/5243 ର ବ୍ୟକ୍ତିଗତ ପ୍ଲଟ୍ ସଂଖ୍ୟା 5621/10935, ଯାହାର କ୍ଷେତ୍ରଫଳ 0.060 ଏକର, ଯାହାକୁ ଅସାବଧାନତାବଶତଃ ରେଳବାଇ ଆଇନ, 1989 (1989 ର 24) ର ଧାରା 20E ଅନୁଯାୟୀ ଗେଜେଟ୍ ବିଜ୍ଞପ୍ତି ନମ୍ବର 1631, ଏସ୍.ଓ. 1710(ଇ), ତାରିଖ 12.04.2023 ରେ ନ୍ୟସ୍ତ କରାଯାଇଥିବା ଘୋଷଣା କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରାଯାଉଛି।

#### ଅନୁସୂଚୀ

ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ **'ଦୋହରୀ ଲାଇନ ଫ୍ଲାଏଓଭର ଝାରସୁଗୁଡ଼ା ୟାର୍ଡ ରୁପାନ୍ତିକରଣ (26 କିଲୋମିଟର)** ସହିତ ଏବଂ **'ବରପାଲି ଲୋଡିଂ ବଲ୍ବ'** ପାଇଁ ନିର୍ମାଣ ଅନ୍ତର୍ଭୁକ୍ତ କିମ୍ବା ବିନା ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା।

କ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା।

| କ୍ର. ସଂ | ଖାତା ସଂଖ୍ୟା | ପ୍ଲଟ୍ ସଂଖ୍ୟା | କିସମ | 20ଇ ପ୍ରସ୍ତାବିତ କ୍ଷେତ୍ର (ଏକରରେ) | ପଞ୍ଜୀକୃତ ଭଡ଼ାଟିଆ (ଓଡ଼ିଆ ରେ) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| କ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା | | | | | |
| 1 | 32 | 1441 | ଆ. ସା. | 0.010 | ମହମ୍ମଦ ଇସାକ, ମହମ୍ମଦ ରହମଦତୁଲ୍ଲା ପି: ମହମ୍ମଦ ଇନାୟତ ଜା: ମୁସଲମାନ ବା: ନିଜଗାଁ |
| 2 | | 1427 | ବେ. ପା. | 0.200 | |
| 3 | 70 | 1416 | ମା. ସା. | 0.050 | ସତ୍ୟବତୀ କିସାନ, ଭାରତୀ କିସାନ, ଅନୁବତୀ କିସାନ ପି: ଗଣ୍ଡା କିସାନ, ମନସୁନ ମାଝୀ, ବିରଞ୍ଚି କୁମାର ମାଝୀ ପି: ଦୁର୍ଯ୍ୟୋଧନ ମାଝୀ, ଶୁକ୍ର କିସାନ, ପ୍ରସାଦୀ କିସାନ, ସୁମିତ୍ରା କିସାନ [illegible] ବାଲିଜୋରି |
| 4 | 78 | 5818 | ଆ. ସା. | 1.050 | ରାଜବର୍ଦ୍ଧନ ଅଗସ୍ତି, ହର୍ଷବର୍ଦ୍ଧନ ଅଗସ୍ତି, ଅନୁପ ଅଗସ୍ତି [illegible] ସ୍ୱା: ଉମାଶଙ୍କର ଅଗସ୍ତି ଜା: ବ୍ରାହ୍ମଣ ବା: ନିଜଗାଁ |
| 5 | 189 | 5658 | ବା. ସା. | 0.050 | ଅର୍ଜି ଓରାମ ପିତା ରାଉଲେ ଓରାମ ମଙ୍ଗରା ଓରାମ [illegible] ପଡା ବାଲିଜୋରି |
| 6 | | 5626 | ମା. ସା. | 0.050 | |
| 7 | 246 | 1485 | ଆ. ସା. | 0.020 | ଧନଞ୍ଜୟ ପଟେଲ ପି: ବଳଦେବ ପଟେଲ, ଦୟା ସାଗର ପଟେଲ ପି: ଚିନ୍ତାମଣି ପଟେଲ ଜା: ଅଘରିଆ ବା: ନିଜଗାଁ ପଡା ବାଲିଜୋରି |
| 8 | 344 | 1495/ 6143 | ଆ. ସା. | 0.140 | ନରେଶ କୁମାର ମେହେର, ରାଜେଶ କୁମାର ମେହେର ପି: ପୁରନ୍ଦର ମେହେର, ଲକ୍ଷ୍ମୀ ମେହେର ସ୍ୱା: ପୁରନ୍ଦର ମେହେର ଜା: ଭୁଲିଆ ବା: ନିଜଗାଁ ପଡା ପୁରୁଣାବସ୍ତି |
| 9 | 349 | 1443 | ଆ. ସା. | 0.010 | ଦେବମଣୀ ପଟେଲ [illegible] ବାଲିଜୋରି |
| 10 | 423 | 1440 | ବା. ସା. | 0.050 | ମହମ୍ମଦ ମହବୁବ ପି: ମହମ୍ମଦ ସୁଭାନ, ରହିମାନ ବିବି ସ୍ୱା: ମହମ୍ମଦ ସୁଭାନ ଜା: ମୁସଲମାନ ବା: ନିଜଗାଁ |
| 11 | | 1414 | ବା. ସା. | 0.050 | |
| 12 | | 1415 | ମା. ସା. | 0.050 | |
| 13 | | 1425 | ମା. ସା. | 0.040 | |
| 14 | | 1442 | ଆ. ସା. | 0.010 | |
| 15 | 426 | 1421 | ଆ. ସା. | 0.070 | ମହିବୁନ ବିବି ସ୍ୱା:ନବି ଖାଁ ଜା: ମୁସଲମାନ ବା: ସୁନ୍ଦରଗଡ ଜିଲ୍ଲା ସୁନ୍ଦରଗଡ |
| 16 | | 5660 | ବା. ସା. | 0.010 | |
| 17 | 450 | 5825-A | ଆ. ସା. | 0.052 | ଜଗଦୀଶ ସୋରେଙ୍ଗ ପି: ଅନୁଗ୍ରହ ପ୍ରସାଦ ସୋରେଙ୍ଗ ଜା: ଖଡିଆ ବା: ବାଲିଜୋରି, ଝାରସୁଗୁଡା |
| 18 | | 5825-B | ବା. ସା. | 0.028 | |
| 19 | 461 | 1679/ 6103 | ଆ. ସା. | 0.800 | ପିଙ୍କି ଓରାମ, ରିଙ୍କି ଓରାମ, ଜଗନ୍ନାଥ ଓରାମ, ରିମି ଓରାମ [illegible] ଲାକ୍ରା ସ୍ୱା: ଭୀମସେନ ଲାକ୍ରା ଜା: ଓରାମ ବା: ନିଜଗାଁ |
| 20 | 463 | 5679 | ଆ. ସା. | 0.310 | ମଜନି ଓରାମ, ଶିବ ଓରାମ, ନିଳାମ୍ବର ଓରାମ, ରାଜେନ୍ଦ୍ର ଓରାମ, ଶାନ୍ତି ଓରାମ, ଲୋଭା ଓରାମ ପି: ଜେନା ଉରାମ, ପାର୍ବତୀ ଓରାମ ସ୍ୱା: ଜେନା ଉରାମ ଜା: ଓରାମ ବା: ନିଜଗାଁ |
| 21 | | 5680 | ବେ. ସା. | 0.040 | |
| 22 | 611 | 5822 | ଆ. ସା. | 0.250 | ସୁକାନ୍ତି ଗର୍ଡ଼ିଆ, ପୂଜା ଗର୍ଡ଼ିଆ, ଢ଼ୋଳାମଣି ଗର୍ଡ଼ିଆ, ଲିଜା ଗର୍ଡ଼ିଆ ପି: ରାଜେନ୍ଦ୍ର ଗର୍ଡ଼ିଆ, ଲୋକବି ଗର୍ଡିଆ @ ମହାନନ୍ଦ [illegible] ଗର୍ଡ଼ିଆ ଜା: ଗଡ଼ା ବା: ନିଜଗାଁ |
| 23 | 747/ 239 | 1482 | ମା. ସା. | 0.030 | ଉୟ ଘାସି, ଶିବ ଘାସି ପି:ହରି ଘାସି ଜା: ଘାସି ବା: ଓ.ଏମ୍.ପି କଲୋନୀ ର୍ଯ୍ୟାପଡା ଝାରସୁଗୁଡ଼ା |
| 24 | | 1483/6581 | ମା. ସା. | 0.030 | |
| 25 | | 1484/6582 | ମା. ସା. | 0.025 | |
| 26 | 747/ 1157 | 5682/ 7623 | ବେ. ସା. | 0.020 | [illegible] ବାଲିଜୋରି |
| 27 | 747/ 2449 | 5783/ 9139 | ଘରବାରି | 0.010 | ସନ୍ତୋଷ କୁମାର ପଟେଲ ପି:ପଦ୍ମଲୋଚନ ପଟେଲ ଜା: ଅଘରିଆ ବା: ସାରଗପାଲି, ଥା: ଲକ୍ଷ୍ମା, ଜି: ସୁନ୍ଦରଗଡ |
| 28 | 747/ 2606 | 1448/ 9316 | ମା. ସା. | 0.090 | [illegible] ସୁନ୍ଦରଗଡ |
| 29 | 747/ 2888 | 5783/ 9626 | ଆ. ସା. | 0.150 | [illegible] ଝାରସୁଗୁଡ଼ା |
| 30 | 747/ 2919 | 5825/ 9656 | ଆ. ସା. | 0.070 | [illegible] ଝାରସୁଗୁଡ଼ା |
| 31 | 747/ 3261 | 1504/ 10058 | ଆ. ସା. | 0.275 | [illegible] ଝାରସୁଗୁଡ଼ା |
| 32 | 747/ 3327 | 5815/ 10175 | ଆ. ସା. | 0.010 | [illegible] |
| 33 | 747/ 3874 | 1448/ 10753 | ମା. ସା. | 0.010 | [illegible] ଝାରସୁଗୁଡ଼ା |
| 34 | 747/ 3979 | 5816/ 10862 | ଆ. ସା. | 0.020 | [illegible] |
| 35 | 747/ 4002 | 5622/ 10888 | ଘରବାରି | 0.030 | [illegible] ଝାରସୁଗୁଡ଼ା |
| 36 | 747/ 4012 | 5622/ 10898 | ଘରବାରି | 0.020 | [illegible] ସୁନ୍ଦରଗଡ଼ |
| 37 | 747/ 4033 | 5622/ 10917 | ଘରବାରି | 0.080 | [illegible] ଝାରସୁଗୁଡ଼ା |
| 38 | 747/ 4804 | 5622/ 11587 | ଘରବାରି | 0.050 | [illegible] ଝାରସୁଗୁଡ଼ା |
| 39 | 747/ 4805 | 5622/ 11588 | ମା. ସା. | 0.050 | [illegible] ଝାରସୁଗୁଡ଼ା |
| 40 | 747/ 5425 | 5620/ 12074 | ଆ. ସା. | 0.040 | [illegible] ଝାରସୁଗୁଡ଼ା |
| 41 | 747/ 5739 | 5622/ 12331 | ଘରବାରି | 0.035 | [illegible] ଝାରସୁଗୁଡ଼ା |
| 42 | 747/ 5740 | 5622/ 10913 | ଘରବାରି | 0.035 | [illegible] ଝାରସୁଗୁଡ଼ା |
| 43 | 747/ 5858 | 5623/ 12433 | ଘରବାରି | 0.026 | [illegible] ଝାରସୁଗୁଡ଼ା |
| 44 | | 5624/ 12432 | ଘରବାରି | 0.030 | |
| 45 | 747/ 5896 | 1489/ 12477 | ଆ. ସା. | 0.040 | [illegible] ଝାରସୁଗୁଡ଼ା |
| 46 | 747/ 5911 | 5624/ 12485 | ଘରବାରି | 0.071 | [illegible] ଝାରସୁଗୁଡ଼ା |
| 47 | 747/ 6034 | 1489/ 9752 | ଆ. ସା. | 0.025 | [illegible] ଝାରସୁଗୁଡ଼ା |
| 48 | 747/ 6317 | 5616/ 12781 | ମା. ସା. | 0.030 | [illegible] ଝାରସୁଗୁଡ଼ା |
| 49 | 747/ 6453 | 5621/ 11086 | ଆ. ସା. | 0.040 | [illegible] ଝାରସୁଗୁଡ଼ା |
| 50 | 747/ 6694 | 5681 | ବେ. ସା. | 0.010 | [illegible] ଝାରସୁଗୁଡ଼ା |
| ଖ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 3, ଦେବାଡିହି , ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା | | | | | |
| 1 | 87 | 3292/ 4073 | ମା. ସା. | 0.020 | [illegible] ବାଲିଜୋରି |
| 2 | 169 | 2862 | ବେ. ସା. | 0.010 | [illegible] ଜା: କିସାନ ବା: ନିଜଗାଁ |
| 3 | | 2864 | ବା. ସା. | 0.410 | |
| 4 | | 3196 | ଆ. ସା. | 0.020 | |
| 5 | | 3446 | ମା. ସା. | 0.010 | |
| 6 | | 3447 | ମା. ସା. | 0.005 | |
| 7 | | 3458 | ମା. ସା. | 0.020 | |
| 8 | | 3470 | ଆ. ସା. | 0.015 | |
| 9 | 170 | 3449 | ମା. ସା. | 0.020 | [illegible] |
| 10 | | 3463 | ଆ. ସା. | 0.010 | |
| 11 | 180 | 3189/ 4051 | ଆ. ସା. | 0.030 | [illegible] 100.00 I ବା: |
| 12 | 194 | 3536 | ବା. ସା. | 0.020 | [illegible] ଜା: ଅଘରିଆ ବା: ନିଜଗାଁ |
| 13 | 206 | 3226 | ବା. ସା. | 0.250 | ଦେବେନ୍ଦ୍ର ପ୍ରସାଦ ପାଣ୍ଡେ ପି:ଭୀଷ୍ମଦେବ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 14 | 263 | 3263 | ବା. ସା. | 0.010 | ପୁରନ୍ଦର ମେହେର ପି:ମୁନୁ ମେହେର ଜା: ଭୁଲିଆ ବା: ଝାରସୁଗୁଡ଼ା ପଡା: ପୁରୁଣାବସ୍ତି |
| 15 | | 3264 | ବେ. ସା. | 0.005 | |
| 16 | 268 | 3222 | ବା. ସା. | 0.080 | ବୁଧବାରି ପ୍ରଧାନ ସ୍ୱା: ଫଗୁ ପ୍ରଧାନ, ମାଲତୀ ପ୍ରଧାନ, [illegible] ଜା: କିସାନ ବା: ନିଜଗାଁ |
| 17 | | 3223 | ବା. ସା. | 0.050 | |
| 18 | 332 | 3407 | ଆ. ସା. | 0.010 | ନିରଞ୍ଜନ ପ୍ରଧାନ, ଶ୍ରୀପ୍ରସାଦ ପ୍ରଧାନ ପି: ଭୀମ ପ୍ରଧାନ ଜା: କିସାନ ବା: ନିଜଗାଁ |
| 19 | 347 | 3226/ 4170 | ବା. ସା. | 0.115 | ବାସୁଦେବ ପାଣ୍ଡେ, ପାର୍ବତୀ ପାଣ୍ଡେ ପି: ମହେନ୍ଦ୍ର ପ୍ରସାଦ ପାଣ୍ଡେ, ତପସ୍ୱିନୀ ପାଣ୍ଡେ ସ୍ୱା: ମହେନ୍ଦ୍ର ପ୍ରସାଦ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 20 | 389 | 3494 | ବା. ସା. | 0.010 | ରୋହିତକୁମାର ପାଣ୍ଡେ ପି:ଜଗନ୍ନାଥ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 21 | 409 | 3254 | ଆ. ସା. | 0.020 | [illegible] ଝାରସୁଗୁଡ଼ା ପୁରୁଣାବସ୍ତି |
| 22 | 453 | 3233 | ଆଡି | 0.020 | ତପସ୍ୱିନି ମାଝୀ ପି:ଶିବ ମାଝୀ ଜା: କିସାନ ବା: ନିଜଗାଁ |
| 23 | | 3235 | ଆଡି | 0.020 | |
| 24 | | 3238 | ମୁଣ୍ଡା | 0.035 | |
| 25 | 536/ 1952 | 3467 | ମା. ସା. | 0.015 | ବୁଧୁବାରି ପ୍ରଧାନ ସ୍ୱା: ଫଗୁ ପ୍ରଧାନ, ମାଲତୀ ପ୍ରଧାନ [illegible] ଜା: କିସାନ ବା: ନିଜଗାଁ |
| 26 | 536/ 1953 | 3193 | ମା. ସା. | 0.010 | ସବା ବଣ୍ଡସେନା ପି:ଚମ୍ପା ବଣ୍ଡସେନା ଜା: କିସାନ ବା: ନିଜଗାଁ |
| 27 | | 3194 | ମା. ସା. | 0.010 | |
| 28 | | 3448 | ମା. ସା. | 0.005 | |
| ଗ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 8, ମାଲିମୁଣ୍ଡା, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା | | | | | |
| 1 | 47 | 2111 | ଆ. ସା. | 0.090 | [illegible] ଜା: ଅଘରିଆ ବା: ନିଜଗାଁ |
| 2 | | 2112 | ଆ. ସା. | 0.230 | |
| ଘ) ମୌଜା: ଧୂତରା, ତହସିଲ: କରିମିରା, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡ଼ା | | | | | |
| 1 | 28 | 1329 | ମା. ସା. | 0.010 | ଘସିଆ ଗଣ୍ଡା ପି:କଳ ଗଣ୍ଡା ଜା: ଗଣ୍ଡା ବା: ନିଜଗାଁ |
| 2 | | 1284 | ମା. ସା. | 0.010 | |
| 3 | 52 | 1297 | ମା. ସା. | 0.020 | |
| 4 | | 1298 | ମା. ସା. | 0.170 | |
| 5 | 67 | 1281 | ମା. ସା. | 0.010 | ଜଳନ୍ଧର ପାନ, ନିରଞ୍ଜନ ପାନ, ଜଗତ ପାନ, ହରିଲାଲ ପାନ [illegible] ପାନ ଜା: ପାଣ ବା: ନିଜଗାଁ |
| 6 | | 1285/ 1675 | ଆ. ସା. | 0.200 | |
| 7 | 104 | 1285 | ମା. ସା. | 0.120 | [illegible] ପାନ ଜା: ପାନ ବା: ନିଜଗାଁ |
| 8 | | 1285/ 1550 | ମା. ସା. | 0.120 | |
| 9 | 105 | 1274 | ଆ. ସା. | 0.690 | [illegible] ଜା: ସାଉନ୍ତ ବା: ସାପସାଲ |
| 10 | 171 | 1326 | ମା. ସା. | 0.010 | [illegible] ଜା: ଗଣ୍ଡା ବା: ନିଜଗାଁ |
| 11 | | 1331 | ମା. ସା. | 0.010 | |
| 12 | 186 | 1341 | ବଗାୟତ-2 | 0.010 | [illegible] ଜା: କିସାନ ବା: ନିଜଗାଁ |
| 13 | | 1350/ 1554 | ଆ. ସା. | 1.350 | |
| 14 | | 1287 | ପଡିତ | 0.080 | |
| 15 | | 1294 | ମା. ସା. | 0.150 | |
| 16 | | 1295 | ଆ. ସା. | 0.130 | |
| 17 | 200/ 149 | 1285/ 1878 | ଆ. ସା. | 0.220 | ସଂଜୟ କୁମାର ବଖଲା ପି:ଛକିଲ ବଖଲା ଜା: ଗଣ୍ଡା ବା: ଅର୍ଡା (ଜାମକାନି) |
| 18 | 200/ 150 | 1285/ 1879 | ଆ. ସା. | 0.100 | ଖୋଦାବା ବଖଲା ପି:ଅଖିଳଚରଣ ବଖଲା ଜା: ଗଣ୍ଡା ବା: ଅର୍ଡା, ଜାମକାନି |
| 19 | 200/ 195 | 1235 | ବା. ସା. | 0.120 | ପ୍ରମୋଦ କୁମାର ମହାପାତ୍ର ପି:ଗଣେଶ ଚନ୍ଦ୍ର ମହାପାତ୍ର ଜା: ବ୍ରାହ୍ମଣ ବା: ଲେକଚର କଲୋନୀ ବେହେରାମାଲ, ଜିଲ୍ଲା - ଝାରସୁଗୁଡ଼ା |
| ଙ) ମୌଜା: ସରସଫୁଲି, ତହସିଲ: କରିମିରା, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡ଼ା | | | | | |
| 1 | 1 | 143 | ବେ. ସା. | 0.050 | ଆନନ୍ଦ ମାଝୀର [illegible] ଜା: ଗୋଁଡ ବା: ନିଜଗାଁ |
| 2 | | 144 | ଆ. ସା. | 0.100 | |
| 3 | | 145 | ବେ. ସା. | 0.110 | |
| 4 | 10 | 9 | ଆ. ସା. | 0.020 | କ୍ଷେତ୍ର ମାଝୀ [illegible] ଜା: ଗଣ୍ଡ ବା: ନିଜଗାଁ |
| 5 | 61 | 1 | ଆ. ସା. | 0.180 | କରୁଣାକର ପଟେଲ [illegible] ଜା: ମାଳି ବା: ନିଜଗାଁ |
| 6 | | 11 | ମା. ସା. | 0.010 | |
| ଚ) ମୌଜା: କୁଶରା, ତହସିଲ/ଥାନା: ହେମଗିରି, ଜିଲ୍ଲା: ସୁନ୍ଦରଗଡ | | | | | |
| 1 | 61/77 | 90/1048 | ବେ. ସା. | 0.410 | ଆଦିତ୍ୟ ଚନ୍ଦ୍ର ପଟେଲ ପି:ବୈକୁଣ୍ଠ ପଟେଲ ଜା: ଅଘରିଆ ବା: ନିଜଗାଁ |
| ଛ) ରେଳୱେ ଅଧିନିୟମ 1989 (1989 ର 24) ର ଧାରା 20E ଅନୁଯାୟୀ ଗେଜେଟ୍ ବିଜ୍ଞପ୍ତି ନମ୍ବର 1631, ଏସ୍.ଓ. 1710(ଇ), ତାରିଖ 12.04.2023 ରେ ନ୍ୟସ୍ତ କରାଯାଇଥିବା ଘୋଷଣା କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରାଯାଉଛି। ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା / ଜିଲ୍ଲା: ଝାରସୁଗୁଡ଼ା | | | | | |
| 1 | 747/ 5243 | 5621/ 10935 | ଘରବାରି | 0.060 | ସୁଜିତ କୁମାର ମହାପାତ୍ର ପି:ବଳରାମ ମହାପାତ୍ର ଜା: ବ୍ରାହ୍ମଣ ବା: ବେହେରାମାଲ, ଝାରସୁଗୁଡ଼ା |

SIBA PRASAD TRIPATHY — Digitally signed by SIBA PRASAD TRIPATHY Date: 2025.04.29 13:22:35 +05'30'

[ଫାଇଲ ନଂ. [illegible]] [illegible] (ଶିବ ପ୍ରସାଦ ତ୍ରିପାଠୀ) [illegible] ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)

(PR-77)

ଦକ୍ଷିଣ ପୂର୍ବ ରେଳପଥ

"କୁତ୍ସିତ ଓ କଦର୍ଯ୍ୟ ମଧ୍ୟରେ– ଅମଙ୍ଗଳ ମଧ୍ୟରେ ରହିଥିବା ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ– ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା– ଏହା ହିଁ ଯଥାର୍ଥ ଧର୍ମ ଓ ନୀତି। –ଶ୍ରୀଅରବିନ୍ଦ

# ଏବକାର ଭାରତ-ପାକିସ୍ତାନ



**ଆକାର ପଟେଲ**

୧୯୯୦ ଦଶକରୁ ଆରମ୍ଭ କରି ଏଇ ବିଗତ କିଛିବର୍ଷ ପର୍ଯ୍ୟନ୍ତ ଭାରତ ହାଇଫେନ୍ ଦୂରୀକରଣ (ଅର୍ଥାତ୍ ନିଜକୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରିବା) ଉପରେ ଗୁରୁତ୍ୱ ଦେଇ ଆସୁଛି। ଏହି ଆଲୋଚ୍ୟ ହାଇଫେନ୍‌ଟି ବିଶେଷକରି 'ଇଣ୍ଡୋ-ପାକ୍' ବା 'ଭାରତ-ପାକିସ୍ତାନ' ଭିତରେ ଥିବା ହାଇଫେନ୍‌କୁ ସୂଚିତ କରୁଛି (ଅର୍ଥାତ୍ ଭାରତ ଓ ପାକିସ୍ତାନକୁ ଏକାଠି କରି ଦେଖାଯାଉଛି)। ଏହି ଦୁଇଟିଯାକ ଦେଶ ଭିତରୁ କୋଉ ଗୋଟିକୁ ବି ଅନ୍ୟର ଛାୟାଠାରୁ ଅଲଗା କରି ବିଶ୍ୱର କୌଣସି ଦେଶ ଦେଖନ୍ତି ନାହିଁ। ଏହି ବିଚାରଧାରା ଦୃଷ୍ଟିରୁ କ୍ଲିଣ୍ଟନ ପ୍ରଶାସନର ଜଣେ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ରବିନ ରାଫେଲଙ୍କ ସମେତ ଅନ୍ୟ ଆମେରିକୀୟ କୂଟନୀତିଜ୍ଞମାନେ ଭାରତ ଗସ୍ତରେ ଆସୁଥିବାବେଳେ ପାକିସ୍ତାନ ଗସ୍ତରେ ଯାଇଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କରେ 'ସନ୍ତୁଳନ' ରକ୍ଷା କରିବା ପାଇଁ ସେମାନେ ଏଭଳି ବାର୍ତ୍ତା ଦେବାକୁ ଚାହାନ୍ତି। ଏପରି କି ୨୦୦୦ରେ ରାଷ୍ଟ୍ରପତି କ୍ଲିଣ୍ଟନ ଭାରତ ଗସ୍ତରେ ଆସି ଫେରିବା ବାଟରେ ପାକିସ୍ତାନରେ କିଛି ଘଣ୍ଟା ରହିଥିଲେ।

ଭାରତ ତାହାର ପଡ଼ୋଶୀ ତଥା ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶକୁ ବିରୋଧ କରୁଥିବାରୁ ଏବଂ ନିଜକୁ ବୃହତ୍ ଶକ୍ତି, ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର ଭାବୁଥିବାରୁ ହାଇଫେନ୍ ବିଚାରକୁ ଭଲ ପାଏନାହିଁ, ଅର୍ଥାତ୍ ନିଜକୁ ପୃଥକ୍ ଭାବେ ଦେଖିବାକୁ ଚାହେଁ। ୧୯୯୮ରେ ଭାରତ-ପାକିସ୍ତାନ ମଧ୍ୟରେ ବୈଦେଶିକ ସମ୍ପର୍କ ଛିନ୍ନ ହୋଇଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଭାରତ ମେ' ମଧ୍ୟଭାଗରେ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବା ପରେ ନୱାଜ ସରିଫଙ୍କ ନେତୃତ୍ୱାଧୀନ ପାକିସ୍ତାନ ୨୮ ମେ'ରେ ସମାନ କାର୍ଯ୍ୟ କରିଥିଲା। ୧୯୯୯ରେ କାର୍‌ଗିଲ ଯୁଦ୍ଧ ହୋଇଥିଲା। ପରମାଣୁ ଅସ୍ତ୍ରଧାରୀ ଦୁଇ ଦେଶ ପାରମ୍ପରିକ ଧାରାରେ ଲଢ଼ିଥିବା ବିଶ୍ୱ ଦେଖିଥିଲା। କ୍ଲିଣ୍ଟନ ଏ କ୍ଷେତ୍ରରେ ଆଗକୁ ଆସି ପାକିସ୍ତାନକୁ କାର୍‌ଗିଲରୁ ସେନା ପ୍ରତ୍ୟାହାର କରିବା ପାଇଁ ଚାପ ପକାଇଥିଲେ। ଏହା ପରେ ଦୁଇଟି ଘଟଣା ଘଟିଥିଲା, ଯାହା ହାଇଫେନ୍‌କୁ ଦୂର କରିଥିଲା, ଅର୍ଥାତ୍ ଦୁଇ ଦେଶକୁ ଅଲଗା ଭାବେ ଦେଖାଯାଇଥିଲା। ପ୍ରଥମଟି ହେଲା ୧୧ ସେପ୍ଟେମ୍ବର ୨୦୦୧ରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ ପରେ ଆମେରିକା ସନ୍ତ୍ରାସବାଦ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା। ତାଲିବାନ ନିୟନ୍ତ୍ରିତ ଆଫ୍‌ଗାନିସ୍ତାନ ଉପରେ ଆକ୍ରମଣ କରିବା ପାଇଁ ପାକିସ୍ତାନର ଆବଶ୍ୟକତା ଥିଲା। ଆମେରିକା / ନାଟୋ ମିଲିଟାରି ପାଇଁ ସମସ୍ତ ଇନ୍ଧନ ଓ ଅସ୍ତ୍ରଶସ୍ତ୍ର ସମୁଦ୍ରପଥରେ ପାକିସ୍ତାନ ଦେଇଯାଇଥିଲା। ଜେନେରାଲ ପରଭେଜ ମୁଶରଫ୍ ଏହାକୁ ଗ୍ରହଣ କରିଥିଲେ ଏବଂ ନୱାଜ ସରିଫଙ୍କୁ ବିରୋଧକରି ଶାସନ ଦଖଲ କରିବା କାର୍ଯ୍ୟକୁ ଅଣଦେଖା କରାଯାଇଥିଲା। ବୈଶ୍ୱିକ ସ୍ତରରେ ମୁଶରଫ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଭାରତ ଈର୍ଷାଳୁ ହୋଇପଡ଼ିଥିଲା। କିନ୍ତୁ ବାଜପେୟୀ ଏଭଳି ଘଟଣାରୁ ନିଜକୁ ଦୂରେଇ ରଖିଥିଲେ। ପରେ ଆମେରିକୀୟମାନେ ପ୍ରଥମ ଥର ପାଇଁ 'ଆଫ୍-ପାକ୍' ଶବ୍ଦ କହିବାକୁ ଲାଗିଲେ। ଫଳରେ 'ଭାରତ-ପାକିସ୍ତାନ' ହାଇଫେନ୍ ଫିକା ପଡ଼ିଗଲା। ଦ୍ୱିତୀୟ କାରଣର ସବୁଠୁ ଭଲ ଉଦାହରଣ ହେଲା 'ଭାରତ ଉଦୟ' ଶବ୍ଦ। ଏହି କ୍ରମରେ ଆର୍ଥିକ ଅଭିବୃଦ୍ଧି ପରିପ୍ରେକ୍ଷୀରେ ଭାରତ ଚାଇନା ସହ ସମାନ ହୋଇଗଲା ବୋଲି ବିଜ୍ଞାପନ ଅଭିଯାନ ଆରମ୍ଭ ହୋଇଥିଲା। ୨୦୦୪ରେ ଉପା ସରକାରର ମନ୍ତ୍ରୀ ଜୟରାମ ରମେଶ 'ଚିଣ୍ଡିଆ' (ଚାଇନା-ଇଣ୍ଡିଆ) ଶବ୍ଦ ଆଣିଥିଲେ ଏବଂ ଆଶା ଥିଲା, ଭବିଷ୍ୟତରେ ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ଚାଇନା ଓ ଭାରତ ସହଯୋଗଭିତ୍ତିରେ ଏକାଠି କାମ କରିପାରିବେ। ଦୁର୍ଭାଗ୍ୟବଶତଃ 'ଚିଣ୍ଡିଆ' ବେଶିଦିନ ଶବ୍ଦ ରହିଲା ନାହିଁ। ଭାରତ କେବଳ କିଛି ପ୍ରତିଶ୍ରୁତି ଦେଇଥିଲା ଏବଂ ତାହା ଲୋକଦେଖାଣିଆ ଥିଲା। ସତ କହିବାକୁ ଗଲେ 'ଚିଣ୍ଡିଆ' ଶବ୍ଦ ପୂରା ଖରାପ ନ ଥିଲା। ଦେଖନ୍ତୁ, ପାକିସ୍ତାନ ସହ ଭାରତ ରହିବାକୁ ଅରାଜି ହେବା ପଛରେ ସ୍ପଷ୍ଟତଃ ଅସନ୍ତୋଷ ରହିଥିଲା। ଆମେ ନିଜକୁ ଶ୍ରେଷ୍ଠ ଭାବେ ଦେଖିବାକୁ ଚାହିଁଲୁ ଏବଂ ତା' ସହ ସମ୍ପର୍କ ରଖିଲୁ ନାହିଁ। ବାସ୍ତବତା ହେଉଛି ସେତେବେଳେ ଭାରତ ସୁବିଧାରେ ଥିଲା ଏବଂ ଏବେ ବି ସେହି ସ୍ଥିତିରେ ଅଛି।

ଜାତିସଂଘର ଆଲୋଚନା ମଞ୍ଚରେ ଭାରତ ତାହାର ମନୋଭାବ ପ୍ରକାଶ କରିଛି ଏବଂ ଆମ କୂଟନୀତିଜ୍ଞମାନେ ପାକିସ୍ତାନ ଉପରେ କହୁଥିବାବେଳେ ସେଭଳି ଭାବନା ଅନ୍ୟ ଦେଶଗୁଡ଼ିକ କ୍ଷେତ୍ରରେ ପ୍ରଦର୍ଶନ କରିନାହାନ୍ତି। ପାକିସ୍ତାନକୁ ବିରୋଧ କରିବା ବା ମୁକାବିଲା କରିବା ସବୁଠୁ ସନ୍ତୋଷଜନକ ସ୍ଥିତି ; ଯେଉଁଥିରେ ଭାରତୀୟ ବ୍ୟବସ୍ଥା ନିଜକୁ ସବୁଠୁ ସୁବିଧାଜନକ ମଣିଥାଏ। ବିଶେଷକରି ଏହା ଭାଜପା ନେତୃତ୍ୱାଧୀନ ଭାରତ ପାଇଁ ସତ। ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ସମେତ ରଣନୀତି ବ୍ୟାପାର ସହ ଜଡ଼ିତ ଗୋଷ୍ଠୀ ପାକିସ୍ତାନ ବିରୋଧରେ ଯୁଦ୍ଧ ପାଇଁ ଉତ୍ସାହୀ ଥିବା ଲକ୍ଷ୍ୟ କରିପାରିବା। ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆରେ ସେମାନଙ୍କର ବିଭ୍ରାନ୍ତିକର ମତ ଏବଂ ଟିଭିରେ ବିତର୍କସବୁ ସାମ୍ନାକୁ ଆସୁଛି। ଏପରି କି ପାକିସ୍ତାନ ବିରୋଧୀ ଅଭିଯାନରେ ଭାରତୀୟ ନାଗରିକମାନେ ଅଧିକ ଭାଗ ନେଉଛନ୍ତି। ସମ୍ଭବତଃ ବିଶ୍ୱ ଭାରତ-ପାକିସ୍ତାନକୁ ଏକାଠି ଦେଖୁ ବୋଲି ଆମେ ନ ଚାହିଁ ସେଥିରୁ ଆନନ୍ଦ ଅନୁଭବ କରିବାକୁ ଚାହୁଁଛୁ। କିନ୍ତୁ ଏହା ଭାରତ-ପାକିସ୍ତାନ ହାଇଫେନ୍ ଦୂରୀକରଣର ବିରୋଧାଭାସ। ପାକିସ୍ତାନ ସହ ଏକାଠି ରହିବା ଆମେ ଚାହିଁବା ଦରକାର ଓ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏଦିଗରେ ଶିକ୍ଷାବିତ୍ ଷ୍ଟିଫେନ୍ କୋହେନଙ୍କ ଦୃଷ୍ଟିକୋଣ ହେଉଛି, ''ବ୍ୟବସ୍ଥାଗତ ଦୃଷ୍ଟିରୁ ଭାରତ-ପାକିସ୍ତାନ ସମ୍ପର୍କ କ୍ଷତିକାରକ। ଏହା ହେଉଛି ଏକ ବିଶେଷ ଘଟଣା, ଯାହାକୁ ମୁଁ ଯୁଗ୍ମ ସଂଖ୍ୟାଲଘୁ ସଂଘର୍ଷ ବୋଲି କୁହେ। ଏହି ସବୁ ପରିସ୍ଥିତିରେ ଉଭୟ ପକ୍ଷ ନିଜକୁ ସୁରକ୍ଷିତ, ସଙ୍କଟଗ୍ରସ୍ତ, ସୀମିତ ଏବଂ ବିପଦଗ୍ରସ୍ତ ମଣନ୍ତି। ସେମାନଙ୍କର କ୍ଷମତା ପରିସର କ୍ଷୁଦ୍ର, ଅର୍ଥାତ୍ ପାରମ୍ପରିକ ନୈତିକତା ସେମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ୨୦୧୯ରୁ କୋହେନଙ୍କ ଦେହାନ୍ତ ଘଟିଲାଣି ଏବଂ ବିଶ୍ୱ ଅନେକ ବର୍ଷ ହେଲା ହାଇଫେନ୍‌କୁ ବ୍ୟବହାର କରିନାହିଁ। କିନ୍ତୁ ବେଳେବେଳେ ଘଟଣାଗୁଡ଼ିକ ଆମକୁ ଏଥିସହିତ ଯୋଡ଼ିବାକୁ ସୁଯୋଗ ଦିଏ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 8 | 6 | 9 | 7 | | |
| | | | | | | | | |
| 7 | 6 | | | | | | | 1 |
| | | | | | | | | |
| 8 | | | 2 | | 1 | 5 | 7 | |
| 4 | | | | 7 | 5 | | | |
| 5 | | | | | 4 | | | |
| 6 | | 3 | | | | | | 4 |
| | | | | | 2 | | 6 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 4 | 7 | 6 | 3 | 2 | 8 | 9 |
| 8 | 3 | 7 | 9 | 2 | 4 | 6 | 5 | 1 |
| 9 | 6 | 2 | 5 | 8 | 1 | 4 | 3 | 7 |
| 6 | 8 | 5 | 3 | 9 | 2 | 1 | 7 | 4 |
| 7 | 4 | 3 | 6 | 1 | 5 | 8 | 9 | 2 |
| 2 | 1 | 9 | 4 | 7 | 8 | 3 | 6 | 5 |
| 5 | 2 | 8 | 1 | 3 | 7 | 9 | 4 | 6 |
| 4 | 9 | 1 | 8 | 5 | 6 | 7 | 2 | 3 |
| 3 | 7 | 6 | 2 | 4 | 9 | 5 | 1 | 8 |

ଗତକାଲିର ଉତ୍ତର

# କି ଅଦ୍ଭୁତ ମାନସିକତା



**ଅକ୍ଷୟ କୁମାର ମିଶ୍ର**

ଏହି ଆଲେଖ୍ୟଟି ଏକ ସତ୍ୟ ଘଟଣା, ଯାହାର ପ୍ରତ୍ୟକ୍ଷଦର୍ଶୀ ମୁଁ ନିଜେ, ତାହାକୁ ଉପକ୍ରମ ହିସାବରେ ନେଇ ଆରମ୍ଭ କରିବାକୁ ଯାଉଛି। କଟକର ଏକ ଘରୋଇ ହସ୍ପିଟାଲରେ ମୋର ସହଧର୍ମିଣୀ ଚିକିତ୍ସାଧୀନ ଥିଲେ। ସେଦିନ ଅପରେଶନ ପାଇଁ ତାଙ୍କୁ ଓଟି ଭିତରକୁ ନିଆ ଯାଇଥାଏ। ମୁଁ ବାହାରେ ଅପେକ୍ଷା କରିଥାଏ। ସମାନ ଭାବେ ଆଉ କିଛି ଲୋକ ମଧ୍ୟ ମୋ ଭଳି ସେମାନଙ୍କର ଆତ୍ମୀୟଙ୍କୁ ଅପେକ୍ଷା କରି ବସିଥାନ୍ତି। ଏହି ସମୟରେ ଜଣେ ମହିଳା ଓଟିର କବାଟ ଫାଙ୍କରେ ଭିତରେ ଥିବା ନର୍ସଙ୍କୁ ଧୀର ସ୍ୱରରେ ପଚାରିଲେ ''ବେଟା ନା ବେଟୀ ?'' ନର୍ସ କ'ଣ କହିଲେ ଆମକୁ ଶୁଣାଗଲା ନାହିଁ। କିନ୍ତୁ ବାହାରେ ଥିବା ସମସ୍ତ ଲୋକ ନର୍ସଙ୍କ ଉତ୍ତର ସମ୍ପର୍କରେ ଅବଗତ ହୋଇଗଲେ। ମହିଳାଙ୍କର ଆତ୍ମୀୟସ୍ୱଜନଙ୍କ ଭିତରେ ଆନନ୍ଦର ଲହରି ଦେଖିବାକୁ ମିଳିଲା। ଆନନ୍ଦର ବିଷୟବସ୍ତୁଟିକୁ ମୋବାଇଲ ମାଧ୍ୟମରେ ଅନ୍ୟ ଲୋକଙ୍କୁ ପ୍ରେରଣ କରୁଥାନ୍ତି। ଓଟି ଭିତରେ ଜଣେ ଗର୍ଭବତୀ ମହିଳା ଯେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି ଏହି ବାର୍ତ୍ତାଟି ବିଦ୍ୟୁତ୍ ବେଗରେ ଖେଳେଇ ହୋଇଗଲା। ମନେହେଲା ସତେ ଯେମିତି ସେମାନେ ଏକ ଆଶଙ୍କା ଭିତରେ ଥିଲେ। ନର୍ସଙ୍କ ଉତ୍ତର ସେମାନଙ୍କୁ ଆଶ୍ୱସ୍ତ କଲା। ସେମାନଙ୍କର ଇଚ୍ଛା ପୂରଣ ହେଲା। ''ବେଟା ହୋଇଛି'' ଏହି ଦୁଇଟି ଶବ୍ଦ ସହିତ ମିଠେଇ ବଣ୍ଟନରୁ ସବୁକିଛି ସ୍ପଷ୍ଟ ହେଉଥିଲା। ମାନସିକ ଚାପ ଭିତରେ ଥିଲେ ମଧ୍ୟ କ୍ଷଣିକ ପାଇଁ ନିଜ ଭିତରେ ଏକ ଅଭିନବ ପୁଲକ ଅନୁଭବ କଲି, ଜଣେ ନବାଗତଙ୍କ ଆଗମନ ବାର୍ତ୍ତାରେ ସତ କିନ୍ତୁ ସ୍ୱତଃ ମୁହଁରୁ ବାହାରି ଆସିଲା– କି ବିଚିତ୍ର ଆମ ସମାଜ, କି ଅଦ୍ଭୁତ ମାନସିକତା !

ଏହାର ପରବର୍ତ୍ତୀ ଘଟଣା ଥିଲା ଆହୁରି ବେଦନାଦାୟକ। ଜଣେ ନବଜାତ ଶିଶୁ ପୁତ୍ରକୁ ଓଟି ଭିତରୁ ଆଣି ବାହାରେ ଥିବା ଜଣେ ମହିଳାଙ୍କ କୋଳରେ ହସ୍ତାନ୍ତର କଲା ପରେ ଖୁସିର ମାହୋଲ ଦ୍ୱିଗୁଣିତ ହୋଇଗଲା। ସଭିଏ ସନ୍ତାନକୁ ଧରି ଫଟୋ ଉଠାଇବାରେ ବ୍ୟସ୍ତ। ଥେଇଥେଇ ହୋଇ କେହି ନାଚୁଥିଲେ ସିନା, କିନ୍ତୁ ପରିବେଶଟା ସେମିତି ଧରଣର ଥିଲା। ଅଥଚ କେହି ପଚାରୁ ନ ଥିଲେ ଯିଏ ଦଶମାସ ଧରି ନିଜ ଗର୍ଭରେ ସ୍ଥାନ ଦେଇ ଅସୀମ ଯନ୍ତ୍ରଣା ସହ୍ୟ କରି ଆଜି ଏତେବଡ଼ ଖୁସି ଖବରଟି ପରିବାର ପାଇଁ ଆଣିଦେଇଛନ୍ତି ତା'ର ଅବସ୍ଥା କ'ଣ ? ସେ କେମିତି ଅଛି, ତା'ର ସଂଜ୍ଞା ଫେରିଲା କି ନାହିଁ, ଏକଥା ଜାଣିବାକୁ କେହି ଚେଷ୍ଟା କରୁ ନ ଥିଲେ। ପୁଣି ଥରେ ସେହି ସମାନ କଥାଟି ମନକୁ ଆସିଲା। କି ବିଚିତ୍ର ସମାଜ, କି ଅଦ୍ଭୁତ ଆମ ଲୋକଙ୍କ ମାନସିକତା !

ଆମେ ଯେତେ ଡିଣ୍ଡିମ ପିଟି କହିଲେ ମଧ୍ୟ ଆମେ ଶିକ୍ଷିତ, ପ୍ରକୃତରେ ଆମ ଭିତରେ ଅନ୍ଧବିଶ୍ୱାସ ଏ ଯାଏ ଦୂରୀଭୂତ ହୋଇ ନାହିଁ। ଏଠାରେ ଯେତେ ଚିତ୍କାର କରି କହିଲେ ବି ନାରୀ ପୁରୁଷ ସମାନ ବୋଲି ବାସ୍ତବରେ ତାହା ନୁହେଁ। ନାରୀ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ ଭିନ୍ନ। ତା'ର ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତାର ଆଖ୍ୟା ଦିଆଯାଏ। ତା'ର ବିରୋଧିତାକୁ ବିଶୃଙ୍ଖଳା କୁହାଯାଏ। ତା'ର ପ୍ରତିବାଦକୁ ପରମ୍ପରା ବିରୋଧୀ ବୋଲି ଚିତ୍ରଣ କରାଯାଏ। ଯେତେବେଳେ ନାରୀଟିଏ ବଳାତ୍କାରର ଶିକାର ହୁଏ କୌଣସି ଦୋଷ ନ ଥାଇ ମଧ୍ୟ ସେ ସମାଜରେ ଉପହସିତ ହୁଏ। ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ମାନସିକ ଯନ୍ତ୍ରଣା ତାକୁ ସହିବାକୁ ପଡ଼େ।

ଏବେବି ଆମେ ଧରିନେଇଛୁ ପୁଅଟିଏ ନ ହେଲେ ବଂଶ ରକ୍ଷା ହେବ ନାହିଁ। କୁଳ ବୁଡ଼ିଯିବ। ମା' ବାପାର ମୃତ୍ୟୁ ପରେ ମଶାଣିକୁ ନେବ କିଏ ? ନିଆଁ ବା ସମାଧି ବା କବର ଦେବ କିଏ ? ଶ୍ରାଦ୍ଧ କରିବ କିଏ ? ଏ ସବୁର ଅଧିକାର ଝିଅର ନାହିଁ। ବାହାଘର ପରେ ତା'ର ଗୋତ୍ର ବଦଳି ଯିବ। ସେ ପିଣ୍ଡ ଦେଲେ ଆତ୍ମା କୁଆଡ଼େ ଶାନ୍ତି ପାଇବ ନାହିଁ। ପୁଅଟିଏ ପାଇଁ ଏବେବି ମା'ବାପାମାନେ କେତେ କେତେ ମାନସିକ ରଖୁଥିବା ଶୁଣିବାକୁ ମିଳେ। ଲୋକଙ୍କର ଏହି ମାନସିକତାକୁ ଲକ୍ଷ୍ୟ କରି ଭ୍ରୂଣର ଲିଙ୍ଗ ଚିହ୍ନଟକୁ ବେଆଇନ ଘୋଷଣା କରାଯାଇଛି। ଏହା ସତ୍ତ୍ୱେ କନ୍ୟା ଭ୍ରୂଣ କ'ଣ ହତ୍ୟା ହେଉନାହିଁ ଏକଥା କୁହାଯାଇ ପାରିବ ନାହିଁ।

ଏତିକିରେ ବଦଳିଯାଏ ନାହିଁ ଲୋକଙ୍କର ମାନସିକତା। ଅଳ୍ପ କିଛି ପରିବାରକୁ ଛାଡ଼ିଦେଲେ ଅଧିକାଂଶ ପରିବାରରେ ସମାନ ଘଟଣା ଘଟେ। ଝିଅଟେ ଜନ୍ମ ହେଲେ ଧରି ନିଆଯାଏ ପରିବାର ଉପରକୁ ଏକ ବୋଝ ଆସିଗଲା। ଅଥଚ ପୁଅ ହେଲେ ଶୁଭର ସଙ୍କେତ ସ୍ୱରୂପ ଶଙ୍ଖ ଧ୍ୱନି କରାଯାଏ। ପୁଅ ହେଲେ ସମସ୍ତେ ଖୁସି ମନାନ୍ତି, ମାତ୍ର ଝିଅକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ପୁନଶ୍ଚ କିଛି କିଛି ପରିବାରରେ ଝିଅ ଜନ୍ମ ପାଇଁ ମା'କୁ ଦାୟୀ ମଧ୍ୟ କରାଯାଏ ଯଦିଓ ଏହା ସମ୍ପୂର୍ଣ୍ଣ ଭାବେ ପୁରୁଷର



ଶୁକ୍ରାଣୁରେ ଥିବା କ୍ରୋମୋଜମ୍ ଉପରେ ନିର୍ଭର କରେ। କେତେକ କ୍ଷେତ୍ରରେ ଏମିତି ଦୃଷ୍ଟାନ୍ତ ଦେଖିବାକୁ ମିଳେ ପୁଅଟିଏ ପାଇବା ପାଇଁ ପୁରୁଷଟି ଦ୍ୱିତୀୟ ବିବାହ କରୁଥିବାର। ଏଇଥିରୁ ଅନୁମାନ କରାଯାଇପାରେ ପୁଅଟିଏ ପାଇଁ ଆମେ କେତେ ଲାଳାୟିତ।

ସବୁଠାରୁ କରୁଣ କାହାଣୀ ହେଲା ଅଳ୍ପ କେତୋଟି ଶିକ୍ଷିତ ତଥା ପ୍ରଗତିଶୀଳ ପରିବାରକୁ ଛାଡ଼ିଦେଲେ ସବୁଠି ଝିଅ ପୁଅ ଭିତରେ ଖାଦ୍ୟ, ପୋଷାକ, ଶିକ୍ଷାକୁ ନେଇ ବାଛବିଚାରର ଅନ୍ତ ଘଟି ନାହିଁ। ଝିଅଟିଏ ହୋଇଥିଲେ ଯାହା ଖାଉଛି ଖାଉ, ଯେମିତି ପଢୁଛି ପଢୁ। ଷୋହଳ ବର୍ଷ ହୋଇଗଲେ ବର ଖୋଜି ବାହାଘର କାମଟି ସାରିଦେଲେ କନ୍ୟାଦାୟରୁ ମୁକ୍ତି। ଭାଗ୍ୟକୁ ଆଦରି ସେ ତା' ଶାଶୁଘରକୁ ନେଇ ବଞ୍ଚିବ। ପୁଅଟିଏ ହୋଇଥିଲେ ଭଲ ବିଦ୍ୟାଳୟ ଖୋଜା ହେବ। ଭଲ ଟ୍ୟୁସନ୍ ମାଷ୍ଟର ଯୋଗାଡ଼ ହେବ। କୌଣସି ଥିରେ ତା'ର ଅଭାବ ରଖାଯାଏ ନାହିଁ। ଯେମିତି ହେଉ ସେ ଭଲ ପଢ଼ିବା ଦରକାର। କାରଣ ସେ ପରିବାର ସମ୍ଭାଳିବ। ବାପା ବୋଉକୁ ପୋଷିବ।

ଏହି ସବୁ ବୈଷମ୍ୟ କ'ଣ ସହଜରେ ହଟିଯିବ ? ମୋର ମନେହୁଏ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ନ ହେବା ଯାଏ ଏହି ପାର୍ଥକ୍ୟ ଥିବ ହିଁ ଥିବ। ଆମ ବ୍ୟବସ୍ଥାରେ ନାରୀର ପୋଷାକ, ଖାଦ୍ୟ, ଚାଲିଚଳଣି, ଚରିତ୍ର, ସ୍ୱାଧୀନତାକୁ ନେଇ ବିତର୍କ ହୁଏ। ନାରୀକୁ ସତୀତ୍ୱର ପରୀକ୍ଷା ଦେବାକୁ ପଡ଼େ, ଯେମିତି ସୀତାଙ୍କୁ ଅଗ୍ନି ପରୀକ୍ଷା ଦେବାକୁ ପଡ଼ିଥିଲା। ସତୀଦାହ ପ୍ରଥାର ଉଚ୍ଛେଦ ହୋଇଛି ସତ କିନ୍ତୁ ଜୀବନ ତମାମ୍ ସ୍ୱାମୀର ଅନୁଗାମୀ ହୋଇ ରହିବାକୁ ପଡ଼େ ନିଜ ଭିତରେ ଥିବା ସମସ୍ତ ଇଚ୍ଛାକୁ ଦାହ କରି। ପୁରୁଷର ଦ୍ୱିତୀୟ ବିବାହ ସମାଜ ଆଖିରେ ଦୋଷାବହ ନୁହଁ। କିନ୍ତୁ ଏବେବି ବିଧବା ବିବାହ ସହଜରେ ଗ୍ରହଣୀୟ ହୁଏ ନାହିଁ। ଏଠାରେ କନ୍ୟାଦାନ ମହାପୁଣ୍ୟ ବୋଲି ବିଚାର ହୁଏ। ସେଇଥିପାଇଁ ତ ଦାନର ଦକ୍ଷିଣା ସ୍ୱରୂପ ଯୌତୁକ ପ୍ରଥାର ପ୍ରଚଳନ କାହିଁ କେଉଁ କାଳରୁ। ଯଦିଓ ଏହା ଆଇନଗତ ଭାବେ ଅସିଦ୍ଧ। କିନ୍ତୁ ସମାଜରୁ ଏହା କ'ଣ ଉଚ୍ଛେଦ ହେଲାଣି ? ନାରୀ ଯେତେବେଳେ ପୁରୁଷର ସହଯୋଗ ଚାହେଁ ତାହା ତା'ର ଦୁର୍ବଳତା ବୋଲି ବିଚାର କରାଯାଏ। ସେଇଥିପାଇଁ ନାରୀ ଦୁର୍ବଳା ବୋଲି ସମାଜ କହେ। କେବଳ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରରେ ମା'ର ନାମ ଉଲ୍ଲେଖ କରାଯାଏ ସିନା ଅନ୍ୟ କୌଣସି ପ୍ରମାଣ ପତ୍ରରେ ମା'ର ନାମ ଦେଖିବାକୁ ମିଳେ ନାହିଁ। କାହାର ପରିଚୟ ପଚାରିବା ବେଳେ ବାପାର ନାମ ଲୋକେ ପଚାରନ୍ତି। କିନ୍ତୁ ମା' କିଏ ବୋଲି କେହି ପଚାରିବା ବୋଧହୁଏ ଶୁଣିବାକୁ ମିଳେ ନାହିଁ।

ଏହା ହିଁ ଆମ ମାନସିକତା, ଆମ ସମାଜର ଆଭିମୁଖ୍ୟ। ଯଦି ନାରୀ ଓ ପୁରୁଷ ବିହୁନେ ସୃଷ୍ଟି ଅସମ୍ଭବ ତେବେ ଉଭୟଙ୍କୁ ସମାନ ଚକ୍ଷୁରେ ଦେଖିବା ଆବଶ୍ୟକ। ଉଭୟଙ୍କୁ ସମାଜରେ ସମାନ ଗୁରୁତ୍ୱ ମିଳିବା ଜରୁରୀ। ଉଭୟ ନାରୀ ଓ ପୁରୁଷ ଭିତରେ ସହଯୋଗ, ସହଭାଗିତା, ସମର୍ଥନ ଓ ସମର୍ପଣ ଭାବନା ରହିଲେ ସଂସାରରେ ଶାନ୍ତି ବିରାଜମାନ ହେବ ଯାହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ସାଜିବ।

ସଭାପତି, ଓସ୍ତା
ମୋ: ୯୯୩୮୭୬୩୨୩୭

# ଦେହ ଦେଉଳରେ ଦିଅଁ ଦର୍ଶନ




**ଡ. ସାରଦା ପ୍ରସାଦ କର**

ସଂସ୍କୃତରେ ଉକ୍ତିଟିଏ ଅଛି 'ଦେହୋ ଦେବାଳୟ ପ୍ରୋକ୍ତୋ ଜୀବଃ ପ୍ରୋକ୍ତୋ ସନାତନଃ' ଅର୍ଥାତ୍ ଏ ଦେହ ହେଉଛି ଏକ ଦେବାଳୟ, ଯାହା ଭିତରେ ପରମାତ୍ମା ସୂକ୍ଷ୍ମ ରୂପରେ ଥାଆନ୍ତି। କିନ୍ତୁ ମନରେ ପ୍ରଶ୍ନ ଆସେ ଦେହକୁ ସିନା ଦେଉଳ ସହ ତୁଳନା କରାଯାଇଛି ହେଲେ ଦେଉଳରେ ଯେଉଁ ପବିତ୍ରତା, ନୀତି ନିୟମ ପାଳିତ ହୁଏ ତାହା ଆମ ଦେହ ଦେଉଳରେ ଅନୁସୃତ ହେଉଛି ତ ? ଆମେ ଜାଣୁ ମଣିଷ ଦ୍ୱାରା ନିର୍ମିତ ମନ୍ଦିରରେ ଧୂମପାନ, ମଦ୍ୟପାନ, ମନ୍ଦ ଆଚରଣ, ଆମିଷ ଭକ୍ଷଣ ନିଷେଧ ଓ ପରିବେଶକୁ ଶୁଦ୍ଧ ରଖିବାପାଇଁ ବିଭିନ୍ନ ନିର୍ଦ୍ଦେଶାବଳୀ ଜାରି କରାଯାଇଥାଏ। କିନ୍ତୁ ଥରେ ବିଚାରକଲେ ! ମଣିଷ ତିଆରି କରିଥିବା ମନ୍ଦିରକୁ ସ୍ୱଚ୍ଛ, ପରିଷ୍କାର ରଖିବାକୁ ଆମେ ଏତେ ତତ୍ପର କନ୍ତୁ ସ୍ୱୟଂ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ଆମର ଏ ଦେହ ଦେଉଳ ନିଶାସେବନ, ପାପାଚରଣ, ଅଭକ୍ଷଭକ୍ଷଣରେ ଏତେ କଳୁଷିତ ଆଉ କଳଙ୍କିତ କାହିଁକି ?

ଗୀତାରେ ଅର୍ଜୁନକୁ ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ କହିଲେ: 'ଈଶ୍ୱର ସର୍ବଭୂତାନାଂ ହୃଦ୍ଦେଶେ ଅର୍ଜୁନ ତିଷ୍ଠତି'– ଦେହ ଯଦି ଦେଉଳ ହୁଏ ତେବେ ତା'ର ମସ୍ତକ ହେଉଛି ଦଧିନଉତି, ଶିଖା ହେଉଛି ଦେଉଳର ଧ୍ୱଜା ଓ ହୃଦୟ ହେଉଛି ଗର୍ଭଗୃହ ; ଯେଉଁଠି ଈଶ୍ୱର ବିରାଜମାନ କରନ୍ତି। ପ୍ରଭୁ ଧାରଣକରିଥିବା ଶଙ୍ଖ, ଚକ୍ର, ଗଦା, ପଦ୍ମ ହେଉଛନ୍ତି ଆମ ଅନ୍ତଃକରଣ ଚତୁଷ୍ଟୟର ପ୍ରତୀକ ମନ, ବୁଦ୍ଧି, ଚିତ୍ତ ଓ ଅହଙ୍କାର। କିନ୍ତୁ ଏଠାରେ ପୂଜା ମନ୍ତ୍ରପାଠ ପରିବର୍ତ୍ତେ ଯଦି ଅତ୍ୟାଚାର ଓ ବ୍ୟଭିଚାର ଚାଲେ ତେବେ ଦେହ ଦେଉଳରେ ଦିଅଁ ଦର୍ଶନ ସମ୍ଭବ ହେବ କିପରି ? ପ୍ରତିଟି ଶରୀରରେ ଈଶ୍ୱର ସୂକ୍ଷ୍ମ ରୂପରେ ଅଛନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଅଜ୍ଞାତସାରରେ ମଧ୍ୟ କାହା ଦେହରେ ଗୋଡ଼ ବାଜିଗଲେ ତୁରନ୍ତ ଆମ ପାଟିରୁ ବାହାରି ଆସେ 'ବିଷ୍ଣୁ'। ହେଲେ ବିଡ଼ମ୍ବନାର ବିଷୟ ଗୋଡ଼ ବାଜିଗଲେ ବିଷ୍ଣୁ କହୁଥିବା ମଣିଷ ନିଜର ସ୍ୱାର୍ଥ ଚରିତାର୍ଥ ପାଇଁ ଆଜି ଅନ୍ୟକୁ ଲହୁଲୁହାଣ କରି ତା'ର ଆଖିରୁ ନିଗିଡ଼ି ପଡୁଥିବା ଲୁହକୁ ନିର୍ଦ୍ଦୟ ଭାବେ ପିଇଯାଉଛି। ସାନ୍ତ୍ୱନାର ସଜଳ ଶ୍ରାବଣ ବୁନ୍ଦେ ବି ବାଢ଼ିଦେବାକୁ ମଣିଷର ମନ କହୁନି।

ଏବେ ସମାଜରେ ନିତିପ୍ରତି ଘଟୁଥିବା ନାବାଳିକା ବଳାତ୍କାର, ଶିଶୁ ଅପହରଣ, ପତିପତ୍ନୀ ମଧ୍ୟରେ ପ୍ରତାରଣାର ବିସ୍ଫୋରଣ ଏହାର ଗୋଟିଏ ଗୋଟିଏ ନମୁନା ନୁହେଁ କି ? ସମାଜରେ କେହି ବ୍ୟକ୍ତି ଆମର ଦେଖାହୋଇଗଲେ ଆମେ ତାଙ୍କୁ 'ରାମ ରାମ' କହି ତାଙ୍କୁ ସ୍ୱାଗତ କରୁ। ହେଲେ ଉପରକୁ ଆମେ ରାମ ରାମ କହିଲେ ମଧ୍ୟ ଜୀବନରେ ରାମଙ୍କୁ ଅନୁସରଣ ନ କରି ଶାସ୍ତ୍ର ବିରୁଦ୍ଧ କର୍ମ ପଛରେ ସବୁବେଳେ ଧାଉଁଛେ। ଏପରି ବାହ୍ୟାଚାରରେ କି ଲାଭ ? ରାମାୟଣରେ ଶ୍ରୀରାମଙ୍କ ପଛେ ପଛେ ମା' ସୀତା ଓ ଲକ୍ଷ୍ମଣ ଅନୁଧାବନ କରିଥିଲେ ବୋଲି ସେମାନଙ୍କ ଜୀବନ ଜୟଯୁକ୍ତ ହୋଇଥିଲା। ମହାଭାରତରେ ଶ୍ରୀକୃଷ୍ଣଙ୍କ ପଛେ ପଛେ ପାଣ୍ଡବ ଅନୁସରଣ କରିଥିଲେ ବୋଲି ସେମାନଙ୍କର ଜୀବନ ସୁରକ୍ଷିତ



ହୋଇଥିଲା। କିନ୍ତୁ ସମ୍ପ୍ରତି ମଣିଷର ଦେହ ଦେଉଳ କାମ, କ୍ରୋଧ, ଲୋଭ, ମୋହ, କପଟତା ଆଦି ଗନ୍ଧରେ ଅବରୁଦ୍ଧ ହୋଇଥିବାରୁ ଗୀତାର ଅମୃତ ବାଣୀ 'ମାମେକଂ ଶରଣଂ ବ୍ରଜ' ହୋଇଯାଇଛି ନିରୁଦ୍ଦିଷ୍ଟ। ତେଣୁ ଆମର ବାହ୍ୟ ଧର୍ମ ଦିନକୁ ଦିନ ସିନା ବଢୁଛି କିନ୍ତୁ ବ୍ୟକ୍ତିର ବିକାଶ ଓ ଚାରିତ୍ରିକ ଶୁଦ୍ଧତା କ୍ଷୀଣ ହେବାରେ ଲାଗିଛି। ତେବେ ପ୍ରଶ୍ନ ଆସେ ଦେହ ଦେଉଳରେ ଦିଅଁ ଦର୍ଶନ ସମ୍ଭବ କିପରି ହେବ ? ଗୌତମ ବୁଦ୍ଧଙ୍କ ଜୀବନୀରୁ କରୁଣାକୁ ଜାଣିପାରିଲେ, ମହାବୀରଙ୍କ ଚରିତ୍ରରୁ ଅହିଂସାକୁ ଆଣିପାରିଲେ, ଯିଶୁଙ୍କ ଜୀବନୀରୁ ପ୍ରେମକୁ ପଢ଼ିପାରିଲେ ଓ ଶ୍ରୀରାମଙ୍କ ମର୍ଯ୍ୟାଦାରେ ନିଜକୁ ଗଢ଼ିପାରିଲେ ତାହା ହିଁ ହେବ ଦେହ ଦେଉଳର ପ୍ରକୃତ ରୂପରେଖ। ଏହା ସତ୍ୟ ଯେ ଦେଉଳ ତୋଳିବାକୁ ହେଲେ ସଦ୍‌ଭାବର ଭୂମି ଲୋଡ଼ା। ତେଣୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବ୍ୟକ୍ତି ନିଜକୁ ପ୍ରଥମେ ସୁନ୍ଦର ମଣିଷଟିଏ କରି ଗଢ଼ିତୋଳିବା ଆବଶ୍ୟକ।

ରାମାୟଣକୁ ପଢନ୍ତୁ। ରାବଣ ବ୍ରହ୍ମାଙ୍କଠାରୁ ବର ମାଗିଲା ମୁଁ ମଣିଷ ହାତରେ ମରିବି। ସମସ୍ତେ ରାବଣକୁ ପଚାରିଲେ ଏତେବଡ଼ ଜ୍ଞାନୀ ହୋଇ ମଧ୍ୟ ଏପରି ବର କିପରି ମାଗିଲ ଯେ ଗୋଟିଏ ସାଧାରଣ ମଣିଷ ହାତରେ ମରିବ ବୋଲି। ରାବଣ ଉତ୍ତର ଦେଲା – ଏ ବର ସାଧାରଣ ନୁହେଁ କାରଣ ମଣିଷ ପରି ଦିଶିବା ଓ ମଣିଷ ପରି ମଣିଷଟିଏ ହେବା ଏକା କଥା ନୁହେଁ। ସମାଜରେ ମଣିଷପରି ଦିଶୁଥିବା ଅନେକଙ୍କ ଅନ୍ତର ଭିତରେ ଭରିରହିଛି ଛନ୍ଦ, କପଟ, ଘୃଣା, ଅସୂୟା, କାମ, କ୍ରୋଧ, ଲୋଭ ଆଦି ଜାଙ୍ଗଲିକ ପଶୁବୃତ୍ତି। ଉପରେ 'ହରି' 'ହରି' କହି ଭିତରେ ହରଣ କରିବାକୁ ସେମାନେ ଧୁରନ୍ଧର। କପାଳରେ ଚିତାତିଳକ କାଟି ବ୍ରହ୍ମାଣ୍ଡକୁ ଚିତା କାଟିବାରେ ସେମାନେ ତତ୍ପର। ଏପରି ଲକ୍ଷେ ମଣିଷ ଏକାଠି ହେଲେ ମଧ୍ୟ ମୋର ସାମାନ୍ୟ କ୍ଷତି କରିପାରିବେ ନାହିଁ। ମୁଁ ସେହି ମଣିଷ ହାତରେ ମରିବି, ଯାହାର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ମଣିଷପଣିଆ ପାଖରେ ସମଗ୍ର ବିଶ୍ୱ ନଇଁ ଯାଉଥିବ, ଯାହାର ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସାମାନ୍ୟ ବିଭେଦ ନ ଥିବ। ଶେଷରେ ପ୍ରଭୁ ରାମଚନ୍ଦ୍ର ବାଧ୍ୟ ହେଲେ ଆଦର୍ଶ ମଣିଷ ରୂପରେ ଆସି ରାବଣକୁ ନିଧନ କରିବା ପାଇଁ। ହେଲେ ବଡ଼ ଲାଜର କଥା ଆଜିର ପତନୋନ୍ମୁଖୀ ସମାଜରେ ମଣିଷପଣିଆ ଓ ମାନବିକତାର ମରୁଡ଼ି ପଡ଼ିଥିବାରୁ ଦେହ ଦେଉଳରେ ଦିଅଁ ଦର୍ଶନ ହେଉନାହିଁ। ଏହା ହିଁ ଦେହ ଦେଉଳର ଦୁଃଖ।

ଅଂଶ ସବୁବେଳେ ଅଂଶୀ ପାଖକୁ ଯାଏ, ଯେପରି କି ଅଗ୍ନି ଶିଖାର ଗତି ହେଉଛି ସୂର୍ଯ୍ୟଙ୍କ ନିକଟକୁ। ଠିକ୍ ସେହିପରି ଈଶ୍ୱର ହେଉଛନ୍ତି ଅଂଶୀ ଓ ଆମେ ତାଙ୍କର ଅଂଶ। ତେଣୁ ଈଶ୍ୱରଙ୍କର ଅମୂଲ୍ୟ ଉପହାର ରୂପେ ପାଇଥିବା ଏ ଦେହ ଦେଉଳକୁ ପବିତ୍ର ତୀର୍ଥସ୍ଥଳୀ ଜ୍ଞାନକରି ଏହାର ମର୍ଯ୍ୟାଦାକୁ ଅତୁଟ ରଖିପାରିଲେ ତାହା ହିଁ ହେବ ଧର୍ମର ଶ୍ରେଷ୍ଠ ମୂଲ୍ୟାୟନ ଓ ଈଶ୍ୱରଙ୍କର ସବୁଠାରୁ ପ୍ରିୟ ନିବାସସ୍ଥଳୀ ନ ହେଲେ ମଣିଷ ଜୀବନରେ ଶାନ୍ତି ଆସିବ ନାହିଁ କି ଆନନ୍ଦ ବି ମିଳିବ ନାହିଁ କାରଣ ଦିଅଁ ଦେଖି ଯିବା ଗୋ ସହି ! ଦେଉଳରେ ଦିଅଁ ଦେବତା ନାହିଁ।

ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ମୋ:୯୪୩୭୧୧୩୧୬୨

## ଏଇ ଭାରତରେ

କେରଳର ଜୋଶେଫ୍ କରାକାଡୁ ଡ୍ରାଗନ ଫ୍ରୁଟ୍ସ ଚାଷ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସେ ନିଜସ୍ୱ ଉଦ୍ୟମରେ ଜଣେ ସଫଳ ଡ୍ରାଗନ ଫ୍ରୁଟ୍ସ ଚାଷୀ ହୋଇପାରିଛନ୍ତି। ଜୋଶେଫଙ୍କ ବୟସ ୭୪। ସେ ପାଖାପାଖି ୧ ଏକର ଜମିରେ ୨୦ ପ୍ରକାର ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ଏହିସବୁ କିସମର ଡ୍ରାଗନଫ୍ରୁଟ୍ସ ସେ ତାଇୱାନ, ବ୍ରାଜିଲ, ଫିଲିପାଇନ୍ସ, ଇକ୍ୱେଡର ଏବଂ ଅଷ୍ଟ୍ରେଲିଆ ଆଦି ଦେଶରୁ ସଂଗ୍ରହ କରିଛନ୍ତି। ଡ୍ରାଗନଫ୍ରୁଟ୍ସ ବିକ୍ରି କରି ସେ ରୋଜଗାର କରୁଛନ୍ତି। ହେଲେ ତାହାଠାରୁ ଅଧିକ ଲାଭ ପାଉଛନ୍ତି ଡ୍ରାଗନଫ୍ରୁଟ୍ସ ଚାରା ବିକ୍ରି କରି। ଜୋଶେଫ୍ ଚାରାରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ଡ୍ରାଗନଫ୍ରୁଟ୍ସ ଓ ତାହାର ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି। ବଡ଼ କଥା ହେଉଛି ସେ ଗବେଷଣା କରି ନୂଆ କିସମର ରେଡ୍ ଚିଲି ଓ ଓ୍ୱଣ୍ଡ ବୟ ଡ୍ରାଗନଫ୍ରୁଟ୍ସ ଉତ୍ତାରିବାରେ ସକ୍ଷମ ହୋଇପାରିଛନ୍ତି। ଡ୍ରାଗନଫ୍ରୁଟ୍ସ ଚାଷ କରିବା ପୂର୍ବରୁ ଜୋଶେଫଙ୍କର ଏକ ମେଶିନ ଟୁଲ୍ ଇଣ୍ଡଷ୍ଟ୍ରି ଥିଲା। ପରେ ସେ ଏହି ବ୍ୟବସାୟକୁ ଛାଡ଼ି ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ସେ ଉତ୍ପାଦିତ ଡ୍ରାଗନଫ୍ରୁଟ୍ସ ଓ ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ମେ ୧୯୭୬

- ପ୍ରଥମଥର ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧ୍ୟରେ ସିଧାସଳଖ ବ୍ୟାବସାୟିକ ବିମାନ ଚଳାଚଳ ବ୍ୟବସ୍ଥା ଆରମ୍ଭ।
- ରାଜ୍ୟର ଦ୍ୱିତୀୟ ବୃହତ୍ତମ ପୌରସଂସ୍ଥା ବ୍ରହ୍ମପୁର ମ୍ୟୁନିସିପାଲ କାଉନସିଲର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ହାତକୁ ନେଇଛନ୍ତି।
- ସତ୍ୟବାଦୀର ସାକ୍ଷୀଗୋପାଳ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିଛନ୍ତି।

## ଚିରନ୍ତନୀ

କଣ୍ଠୀ ନୂପୁର ଶାଢ଼ି ଶେମିଜକୁ
କାଢ଼ି ନେଲେ ଆଉ କି ରହେ ବେଶ
ସେହି ସେ ପୀରତି-ମାଟି ନିଆଁ ପାଣି
ଛାଡ଼ି ଏ ଧରାର ରହେ ଯା' ଶେଷ !
(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅନୁପ୍ରବେଶକାରୀଙ୍କୁ ହଟାଯାଉ

ମହାଶୟ,

ଦିନକୁଦିନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଆକଳନ ଅନୁଯାୟୀ ସାରା ଦେଶରେ ୧,୫୭,୪୩୨ ଜଣ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବିବୃତି ଅନୁଯାୟୀ ଓଡ଼ିଶାରେ ୩,୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶ ପୂର୍ବକ ବସବାସ କରୁଛନ୍ତି। ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲାରେ ଏମାନଙ୍କ ସଂଖ୍ୟା ମାତ୍ରାଧିକ ବୃଦ୍ଧି ଘଟିବାର ଲକ୍ଷ୍ୟ କରାଯାଏ। ସମୁଦ୍ରପଥ ଦେଇ ନୌକା ସାହାଯ୍ୟରେ ଏମାନେ ମାଡ଼ି ଆସିଛନ୍ତି। କାରଣ ସି ସଟ୍‌ଲକୁ ମାତ୍ର ୮ ଘଣ୍ଟା ସମୁଦ୍ର ପଥରେ ଓଡ଼ିଶାରେ ଆସି ପହଞ୍ଚିବାକୁ ସମୟ ଲାଗୁଛି। ଏମାନଙ୍କୁ ରୋକିବା ପାଇଁ ୩ଟି ସାମୁଦ୍ରିକ ରାସ୍ତା ଥିଲେ ମଧ୍ୟ ଯଥେଷ୍ଟ କର୍ମଚାରୀ ନାହାନ୍ତି। ପ୍ରଥମେ ଏମାନେ ଅସ୍ଥାୟୀ ଗୃହ ନିର୍ମାଣ ପୂର୍ବକ ଚାଷ ଓ ଜଙ୍ଗଲ ଜମିକୁ ଦଖଲ କରୁଛନ୍ତି। ଏହାଦ୍ୱାରା ଆମର ପରିବେଶ ପ୍ରତି ପ୍ରଭାବ ପଡୁଛି। ଏମାନେ ବିଭିନ୍ନ ପ୍ରକାର ଚାଷ କରି ସବୁ ଶସ୍ୟ ବାଂଲାଦେଶକୁ ଜଳପଥ ଦେଇ ନେଉଛନ୍ତି। ଏମାନେ ବିଭିନ୍ନ ଉପାୟରେ ଓଡ଼ିଶା ଚାଷୀଙ୍କ ଖାଦ୍ୟ ପେୟ ମଧ୍ୟ ହାତଉଛନ୍ତି, ଯାହା ଚିନ୍ତାର ବିଷୟ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଚାନ୍ଦବାଲି,୩।୫(କିଷାନ ପାତ୍ର)

ଭାରତୀୟ ଷ୍ଟେଟବ୍ୟାଙ୍କ (ଏସ୍‌ବିଆଇ)ର ନୂତନ ଶାଖା ଶୁକ୍ରବାର ଚାନ୍ଦବାଲି ନିକଟସ୍ଥ କାଳୀମନ୍ଦିର ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ବିଆଇର ଜେନେରାଲ ମ୍ୟାନେଜର (ନେଟୱର୍କ-୧ ଭୁବନେଶ୍ୱର) ପୋନାମଲମ ମୁରୁଗାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମୁଖ୍ୟ ପରିଚାଳକ ଗୋବିନ୍ଦ ଚନ୍ଦ୍ର ନାୟକ, ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ବାଲେଶ୍ୱରର ଶୈଳେଶ କୁମାର ସିହ୍ନା ଓ ରିଜୋନାଲ ମ୍ୟାନେଜର ଦେବାଶିଷ ରଥ ପ୍ରମୁଖ ଯୋଗଦେଇ ଏହି ଶାଖାର ବ୍ୟବସାୟିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଅପରପକ୍ଷରେ ଦାଶରଥି ସ୍ୱାଇଁ, ପ୍ରଶାନ୍ତ କୁମାର ଦାସ, ସଂଗ୍ରାମ କେଶରୀ ଦାସ, ଦିଲୀପ ଦାସ, ନରେନ୍ଦ୍ର କୁମାର ଜେନା, ସୌରଭ କୁମାର ସେଠୀ, ଶକ୍ତି କୁମାର ଯାଦବ, ଦୁର୍ଯ୍ୟୋଧନ ତ୍ରିପାଠୀ, ମନୀଷା ବିଶ୍ୱାଳ, ଲିପ୍ସା ସାହୁ, ଚନ୍ଦ୍ରକାନ୍ତ ବେହେରା, ନିରଞ୍ଜନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅରୁନ୍ଧତୀ ଜୁଏଲର୍ସର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩।୫ (ଅଭୟ ଦାଶ)

ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ତଥା ରାଉରକେଲା ଷ୍ଟୋରର ୩ୟ ଏବଂ ବରଗଡ଼ ଷ୍ଟୋରର ୬ଷ୍ଠ ବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ବାର୍ଷିକୀ ଉତ୍ସବ ସ୍ୱତନ୍ତ୍ର (anniversary special) ଅଫର ମାଧ୍ୟମରେ ସୁନାଗହଣାର ଗଢ଼ାମଜୁରି କେବଳ ୮୯୯ ଟଙ୍କା, ହୀରାଗହଣାର ହୀରାମୂଲ୍ୟରେ ଛୋଟ ୨୫ % ଓ ରୁପା ଗହଣାର ଗଢ଼ାମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଘୋଷଣା କରାଯାଇଛି।

ଏ ସମ୍ପର୍କରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେରଙ୍କ କହିଛନ୍ତି, ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀକୁ ସେବା କରିବାର ସୁଯୋଗ ଦେଇଥିବାରୁ ଓଡ଼ିଶାବାସୀଙ୍କ ନିକଟରେ ଆମେ କୃତଜ୍ଞ। ଆମର ପ୍ରତିଟି ସଫଳତାର ବାସ୍ତବିକତା ଆପଣଙ୍କ ଅରୁନ୍ଧତୀ ପରିବାର ପ୍ରତି ଦୀର୍ଘବର୍ଷ ଧରି ଥିବା ଦୃଢବିଶ୍ୱାସ, ଅଙ୍ଗୀକାର ସ୍ନେହର ଫଳାଫଳ। ଆଗାମୀ ଦିନରେ ମଧ୍ୟ ଅରୁନ୍ଧତୀ ସର୍ବଶ୍ରେଷ୍ଠ ସେବା ଯୋଗାଇଦେବା ସହ ଅନେକ ଆକର୍ଷଣୀୟ ଅଫର ଭେଟି ଦେବାକୁ ଯାଉଛି। ସେହିଭଳି ରାଜ୍ୟ ଅଳଙ୍କାର ବ୍ୟବସାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ସାରା ରାଜ୍ୟରେ ଜୁଏଲର୍ସ ସୁପରିଚିତ ଅରୁନ୍ଧତୀ ଜୁଏଲର୍ସର ୨୫ବର୍ଷର ସଫଳ ଯାତ୍ରାର ଏହି ବାର୍ଷିକୀ ସ୍ୱତନ୍ତ୍ର ସମାରୋହରେ ଉପରଲିଖିତ ଶାଖାଗୁଡ଼ିକର ସୁପରିଚାଳନା ଅନ୍ୟତମ ଉପଲବ୍ଧ।



ବାର୍ଷିକ ଉତ୍ସବରେ ଅରୁନ୍ଧତୀ ଜୁଏଲର୍ସର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ଭୁବନେଶ୍ୱର,୩।୫

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'ଡିଏସ୍‌ପି ସିଲ୍‌ଭର ଇଟିଏଫ୍ ଫଣ୍ଡ ଅଫ୍ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ ଏଣ୍ଡେଡ୍ ସ୍କିମ୍ ହୋଇଥିବାବେଳେ ପୁଞ୍ଜିନିବେଶକଙ୍କୁ ମ୍ୟୁଚୁଆଲ ଫଣ୍ଡ ମାଧ୍ୟମରେ ରୁପାର ପୁଞ୍ଜିନିବେଶ ସୁଯୋଗ ହାସଲ କରିବାକୁ ଏକ ସ୍ୱାଚ୍ଛନ୍ଦ୍ୟମୂଳକ ଏବଂ ସୁସଂଗଠିତ ପନ୍ଥା ଯୋଗାଇଦେଉଛି। ସେହିଭଳି ଏହି ଫଣ୍ଡ ଅଫ ଫଣ୍ଡ ମୁଖ୍ୟତଃ ଡିଏସ୍‌ପି ସିଲ୍‌ଭର ଇଟିଏଫ୍‌ରେ ପୁଞ୍ଜିନିବେଶ କରିବ। ଯାହା ଘରୋଇ ବଜାରରେ ଭୌତିକ ରୁପାର ପ୍ରଦର୍ଶନ ସହ ଅତି ନିକଟତର ରିଟର୍ନ ପ୍ରଦାନ କରିବ।

# ଏନ୍‌ଏମ୍‌ଆଇପିଏଲ୍‌ର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୩।୫

ନିସାନ ମୋଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍(ଏନ୍‌ଏମ୍‌ଆଇପିଏଲ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ଭାରତରେ ନିରନ୍ତର ଓ ସ୍ଥାୟୀ ଅଭିବୃଦ୍ଧି ବଜାୟ ରଖିବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ବିକ୍ରି ରେକର୍ଡ ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ(ନିସାନ) ୯୯,୦୦୦ ୟୁନିଟ୍‌ରୁ ଅଧିକ ଗାଡ଼ି ବିକ୍ରି (ରପ୍ତାନୀ+ଘରୋଇ) ବିକ୍ରି ହାସଲ କରିଥିବାବେଳେ ୨୦୧୭-୧୮ ଆର୍ଥିକ ବର୍ଷ ପରଠାରୁ ଏହା ସର୍ବାଧିକ ବୋଲି କୁହାଯାଉଛି। ଘରୋଇ ଓ ରପ୍ତାନୀ ବଜାରରେ ନୂଆ ନିସାନ ମାଗ୍ନାଇଟ୍ ବି-ଏସ୍‌ୟୁଭିର ଚମତ୍କାର ପ୍ରଦର୍ଶନ ଯୋଗୁ ଏହି ସଫଳତା ସହ ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀର ବାର୍ଷିକ ବିକ୍ରି ୩୫% ବୃଦ୍ଧି ହୋଇଛି।

# ୟୁଆଇର ନୂତନ ଉତ୍ପାଦ ରେଞ୍ଜ

ଭୁବନେଶ୍ୱର,୩।୫

ଉଷା ଇଣ୍ଟରନ୍ୟାଶନାଲ(ୟୁଆଇ)ର ନୂତନ ଉତ୍ପାଦ ରେଞ୍ଜ 'ଏରୋଏଜ୍‌ଏବଂ ଏରୋଏଜ୍‌ପ୍ଲସ୍' ସର୍ବଭାରତୀୟ ସ୍ତରରେ ଶୁଭାରମ୍ଭ ହୋଇଯାଇଛି। ଅତିଶୟ ଗରମ ଅନୁଭବ କରୁଥିବା ଭାରତୀୟ ଉପଭୋକ୍ତାଙ୍କର ପରିବର୍ତ୍ତିତ ଆବଶ୍ୟକତା ପୂରଣକରିବା ଲାଗି ପ୍ରସ୍ତୁତ କରାଯାଇଥିବା ଏହି ଫ୍ୟାନ୍ ସର୍ବୋତ୍ତମ ଶକ୍ତି ଦକ୍ଷତା ଏବଂ ଆଧୁନିକ ସମୟର ସୁନ୍ଦରତାରେ ସମ୍ପନ୍ନ ତଥା ବର୍ତ୍ତମାନର ଘରଗୁଡ଼ିକ ପାଇଁ ଶ୍ରେଷ୍ଠ ଶୀତଳତା ପ୍ରଦାନ କରିଥାନ୍ତି। ଏରୋଏଜ୍ ପ୍ଲସ୍ ଏବଂ ଏରୋଏଜ୍ ବିଏଲ୍‌ଡିସି ସିଲିଂ ଫ୍ୟାନ ସୌନ୍ଦର୍ଯ୍ୟ ଏବଂ ପ୍ରଯୁକ୍ତିର ଉପଯୁକ୍ତ ମିଶ୍ରଣର ପ୍ରତୀକ ଏବଂ ବିଇଇ ଷ୍ଟାର ରେଟିଂରେ ସୁସଜ୍ଜିତ ରହିଛି।

---

ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଅନୁଗୋଳ

## OFFICE OF THE DIVISIONAL FOREST OFFICER, SATKOSIA WILDLIFE DIVISION, ANGUL

At/PO- Hakimpada, PS/ Dist- Angul, Pin No.-759143,
E-Mail Id- dfo.satkosiawl@odisha.gov.in / Website- www.satkosia.org / Phone/Fax-06764-236218, 236219

Notice No. 2755 Dtd. 28.04.25

### SHORT TENDER CALL NOTICE

**FOR SUPPLY OF VEHICLE ON HIRE BASIS FOR OFFICIAL PURPOSE TO BE DEPLOYED IN DIFFERENT RANGES AND DIVISION HEAD QUARTER (PAMPASAR, PURUNAKOTE, TIKARPADA, JILLINDA & RAIGODA)**

No. MM-20:- Quotations in plain paper /letter pad are invited from the intending supplier / Vehicle owner for supply of Protection vehicle for use in patrolling and other duty in different Ranges of Satkosia Wildlife Division, Angul during the FY-2025-26 with following term and conditions.

The quotation should be reach in this office on or before 14.05.2025 at 10:00 A.M through Registered / Speed Post, Courier Service and can also be dropped in Tender Box placed in office of the Divisional Forest Officer, Satkosia Wildlife Division, Angul. The tenders will be opened in the same office on the same day at 12:30 P.M. by submitting a non-refundable Demand Draft to be drawn in favour of Divisional Forest Officer, Satkosia Wildlife Division, Angul from 30.04.2025 to 14.05.2025 payable at Angul for Rs. 1000/- (Rupees One Thousand) only towards cost of tender paper, which will be placed before the Purchase Committee of this office for approval. The amount quoted should be including the cost of Driver and all taxes (excluding the cost of Fuel). The incomplete quotation or after the schedule date and time shall be summarily rejected the undersigned reserves all rights to reject any or all quotation with showing any reason thereof.

1. BOLERO (B4, B6, Neo N4, Neo N8, Neo N10 R, Neo N10 Opt etc.) (Diesel Make)
2. SCORPIO (S MT 7STR, S MT 9STR, S11 MT 7S, N Z2, N Z4, N Z6 etc.) (Diesel Make)

**Total- 13 Nos. (Tentative)**

Sd./- Divisional Forest Officer, Satkosia Wildlife Division, Angul

OIPR-08022/11/0001/2526

---

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL

E-mail - sencrwangul@yahoo.co.in; Phone: 06764-236404

No. 1285 Dt. 30.04.25

### Cancellation of Tender for Building Work

No. O-109:- The tender for Building work invited vide this office Tender Call Notice No.909 dt.12.03.2025 (Bid Identification No. Building Online-AGL-26/2024-25) by the Procurement Officer, Chief Construction Engineer, Rural Works Circle, Angul is hereby cancelled.

Sd./- Chief Construction Engineer, Rural Works Circle, Angul

OIPR-25180/11/0051/2526

---

## ZILLA SWASTHYA SAMITI, BALANGIR

(Department of Health & FW, Govt. of Odisha)

### CORRIGENDUM

Corrigendum No : 25 Date : 29.04.2025

**No.E-60** : In continuation of Advertisement No.21 dated 19.04.2025, Sl. No - 11 of bid document should be read as Bidders should have proof of supply of 05 Nos. or more of the quoted drugs and consumables to any Govt. Organization/Corporate Hospital/PSU Hospital/ UN Agency during last 3 financial years (2022-23, 2023-24 and 2024-25) and Sl. No -12 should be read as Avg. Annual Turnover of Manufacturers/Supplier of Rs.1.00 crore or more during last 3 financial years (2021-21, 2022-23 and 2023-24). Other terms and conditions in the bid document will be remain unchanged.

OIPR-10019/11/0016/2526 Sd./- CDM & PHO, Balangir

---

## OFFICE OF THE COLLECTOR & DISTRICT MAGISTRATE, JAGATSINGHPUR

(District Social Welfare Section)

Ph : 06724-220865, E. Mail - dswojspur@nic.in

### TENDER CALL NOTICE

No. 1445/DT. 28.04.2025

**No.g-19** : Sealed tenders are invited from the intending eligible and Registered Firms/ authorized licenced Transport Contractors/Agents for undertaking ICDS Project wise transportation of Rice & Wheat under the carriage by Road Act 2007 and the Carriage by Road Rule 2011 from concern Transportation Authority for Transportation of Rice & Wheat under SNP feeding Programme in all 8 nos ICDS of Jagatsinghpur District **(Balikuda, Biridi, Erasama, Jagtsinghpur, Kujanga, Naugaon, Raghunathpur and Tirtol ICDS Project)** for the year 2025-2026.

Details of the Term & Condition is available in the Office of the Collector, Jagatsinghpur (SocialWelfare Section) and District Website i.e www.jagatsighpur.nic.in.

The details of Tender process as follows.

1. Period of sale of Tender document from : **28.04.2025 (9.00 A.M.)**
2. Last date for receipt of Tender document : **16.05.2025 (1.30 P.M.)**
3. Date of Opening of Tender : **17.05.2025 (10.00 A.M.)**
4. Tender Paper cost : **Rs. 3000.00 (Rupees Three thousand) only**

Sd./- Collector & District Magistrate, Jagatsinghpur

OIPR-24275/11/0005/2526

---

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER CUM DISTRICT MISSION DIRECTOR, NATIONAL HEALTH MISSION, KORAPUT

Phone No. : 06852-299964,
e-mail : nhmkpt@gmail.com, ncdcellkoraput@gmail.com

### Tender Call Notice

Bid No. 102/2025/NTEP Date : 01.05.2025

**No.E-61** : Sealed tenders are invited from interested reputed travel agencies/ tour operators/ private individuals/NGOs for providing A/C or non-A/C-diesel driven vehicles on monthly hiring basis. The bidders are requested to submit their documents in the prescribed formats on or **before May 26, 2025, by 5.00 P.M. through Regd. Post, Speed Post, or Courier**. Tender will be opened on the same day at 05.15 P.M. at the office chamber of the CDM & PHO, Koraput. The details are available download in the website https://koraput.odisha.gov.in

OIPR-10077/11/0016/2526 Sd./- CDM & PHO, Koraput

---

## OFFICE OF THE NOTIFIED AREA COUNCIL, BINKA

Dist. : Subarnapur (Pin-767019), Email id : binikan.hud@nic.in, Phone/Fax : 06654-241113

**E-tender call notice No. 936/Dt. 30.04.2025**
**Tender ID - 2025_ORULB_112944**

### Tender Reference No. BINKA-NAC-01/2025-26

**No.C-211** : Bid Documents consisting of work, estimated Cost, Cost of Tender Paper, EMD, Time of Completion, Class Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | | |
|---|---|---|---|
| 1 | Type of the work | : | Civil Works |
| 2 | No. of works | : | 1 nos. |
| 3 | Estimated Cost | : | As per DTCN |
| 4 | Period of Completion | : | As per DTCN |
| 5 | Date & Time of bidding online from | : | Dt. 01.05.2025 at 11.00 A.M. |
| 6 | Last Date & time of bidding online | : | Dt. 15.05.2025 up to 05.00 P.M. |
| 7 | Date & Time of opening of Technical Bid | : | Dt. 16.05.2025 at 11.00 A.M. |
| 8 | Name and address of the Officer inviting Bid | : | Executive Officer, N.A.C, Binka |

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer, Notified Area Council, Binka

OIPR-13198/11/0008/2526

---

## THE MAYURBHANJ CENTRAL CO-OPERATIVE BANK LTD, BARIPADA

AT/PO- BARIPADA, DIST-MAYURBHANJ, PIN-757001 (ODISHA)

### ବିଜ୍ଞାପନ

**No.LL-04:** ଏତଦ୍ବାରା ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବର୍ତ୍ତମାନର ପ୍ରଚଳିତ ନିୟମ ଅନୁସାରେ ପ୍ରତ୍ୟେକ ଜମାକାରୀ ତାଙ୍କ ବାବଦରେ ସମ୍ପୂର୍ଣ୍ଣ ସଦ୍ୟ ବିବରଣୀ (KYC–Know your cus–tomer) ବ୍ୟାଙ୍କକୁ ପ୍ରଦାନ କରିବା ନିତ୍ୟାନ୍ତ ଆବଶ୍ୟକ । ସେ ଦୃଷ୍ଟିରୁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ବ୍ୟାଙ୍କକୁ ଆସି ସେମାନଙ୍କର ସମ୍ପୂର୍ଣ୍ଣ ସଦ୍ୟ ବିବରଣୀ ପ୍ରଦାନ କରନ୍ତୁ ନଚେତ ବ୍ୟାଙ୍କ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହେବ ।

ଏତଦ୍ବାରା ଏହା ମଧ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ଅନେକ ଲକରଧାରୀ ବ୍ୟାଙ୍କ ସହିତ ସେମାନଙ୍କର ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି ଓ ଲକର ଭଡା ମଧ ନିୟମିତ ଭାବେ ବ୍ୟାଙ୍କକୁ ପ୍ରଦାନ କରୁନାହାନ୍ତି । ଯାହାଦ୍ବାରା ଲକର ଭଡା ଅନାଦେୟ ହୋଇ ରହୁଅଛି । ଏଣୁ ସେମାନଙ୍କୁ ଅନୁରୋଧ ଯେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ସେମାନଙ୍କର ବକେୟା ଭଡା ବ୍ୟାଙ୍କରେ ଦାଖଲ କରନ୍ତୁ ନଚେତ୍ ବ୍ୟାଙ୍କ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହେବ ।

ସ୍ୱା./–ସମ୍ପାଦକ

OIPR-39044/11/0009/2526 ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବାରିପଦା

---

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

## OFFICE OF THE EXECUTIVE ENGINEER L. I. DIVISION, SAMBALPUR

### Tendor Call Notice for Hiring of Vehicle

No.02/2025-26 / Date : 25.04.2025

**No.CAD-248** : Sealed tenders are Invited from Interested reputed Travel Agencies / Tour Operators / Private Individuals for providing 2 (Two) Nos. of A/C Diesel driven Bolero (Mahindra) vehicle having sitting capacity not more than seven Including driver, which shall confirm to the terms and conditions for official use (01 no for Superintending Engineer (N.C), L.I. Circle, Sambalpur and 01 no. for L.I. (Civil)Sub-Division, Jharsuguda under the office of the Executive Engineer, L.I. Division-Sambalpur on monthly rent basis. The tender schedule containing General Bid Information & Terms and Conditions for hiring of Venicles etc. will be available with Office of the Executive Engineer, L.I. Division, Sambalpur on payment of Rs.100/- + 18% GST i.e. 118/- each in shape of DD in favour of E.E. OLIC Division, Sambalpur to be drawn at any Nationalized bank from 03.05.2025 07:00 A.M. to 08.05.2025 during office hour i.e. 01.00 P.M. The tenders completed in all respect to be received the Office of Executive Engineer, L.I. Division, Sambalpur on or before 09.05.2025 by 11.00 A.M. and shall be opened on the same day at 12.00 P.M.

Sd./- Executive Engineer, L.I. Division, Sambalpur

OIPR-32308/11/0003/2526

---

GOVERNMENT OF ODISHA, "e"-PROCUREMENT NOTICE

## OFFICE OF THE SUPERINTENDING ENGINEER, PURI (R&B) DIVISION, PURI

WORKS DEPARTMENT

### Short Tender Call Notice

E-mail : eerbpuri@yahoo.co.in

**Bid Identification No. SE (R&B) Puri-04/2025-26**

**No.B-86** : The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double Cover** system in ONLINE MODE from the eligible class of contractors registered with the State Governments and contractors of equivalent Grade/Class registered with Central Government / Railways :

1. Nature of Work : Civil Work
2. No. of Work : 1 No.
3. Tender Cost : Rs. 10000.00/ each (On-Line)
4. Class of bidders : 'B' Class
5. Available of Bid document in the Website : From 10.00 A.M. of Dt. 03.05.2025 to 11.00 A.M. of Dt. 09.05.2025
6. Last Date of receipt of tender : Dt. 09.05.2025 up to11.00 A.M.
7. Date of opening of Bid : Dt. 09.05.2025 at 12.00 P.M.
8. The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Superintending Engineer, Puri (R&B) Division, Puri

OIPR-34064/11/0026/2526

---

## Government of Odisha "e" Procurement Notice

**Bid Identification No.Online-02-OF-2025-26**

No.O-103 E-Mail ID- rwd.padampur@yahoo.co.in, Ph.No.9437255440

1. Name of the Work : **Building Works (As per Annexure-'A')**
2. Amount put to Bid Excluding GST : As per Annexure - 'A'
3. Class of Contractor : "D" "C" & "B"
4. Date & Time of availability of bid document in the portal : From Dt.08.05.2025 at 10.00 A.M.
5. Last date & Time for receipt of bids in the portal : Dt.17.05.2025 upto 05.00 PM
6. Last date of seeking clarification : Dt.16.05.2025 upto 1.00 P.M.
7. Date & Time of bid opening : Dt.19.05.2025 at 10.00 A.M.
8. Name and address of the Officer Inviting Bid : Executive Engineer, R.W. Division, Padampur At/Po-Padampur, Dist-Bargarh Pin-768036

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website.

Sd./- Executive Engineer, Rural Works Division, Padampur

OIPR-25069/11/0026/2526

---

## GOVERNMENT OF ODISHA

"e" PROCUREMENT NOTICE

## RAJGANGPUR MUNICIPALITY

Bid identification No. - Eo/RGP/03 of 2025-26
e-mail ID - rajgangpurm.hud@nic.in

No.C-224 No. 2223, Dated 30.04.2025

1) Total Number of Work : 04 No. Work (Widening of the road, Boundary wall & renovation with Beautification of Talab, Bathing Ghat, Guard Wall & Drain etc)
2) Approximate Estimated Cost : 11.35 Lakh to 19.75 Lakhs
3) Period of Completion : 90 Days
4) Date & time of availability of the bid documents in the portal : 02.05.2025 at 11.00 A.M. to 14.05.2025 up to 5.00 P.M.
5) Last date of receipt of Bids in the portal : 14.05.2025 up to 5.00 P.M. (Online)
6) Bids Receipt online shall be opened on : 15.05.2025 at 11.00 A.M. (Online)
7) Name & address of the Officer Inviting Bid : Executive Officer, Rajgangpur Municipality
8) The Bidders have to participate in ONLINE bidding only, further details can be seen from the e-procurement portal. hhttp://tendersodisha.gov.in

Sd./- Victor Soreng, Executive Officer, Rajgangpur Municipality

OIPR-13094/11/0024/2526

---

## OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA

INVITATION FOR BIDS (IFB)

E-mail : pwdoff_khd@yahoo.com

### Tender Call Notice

**Bid Identification No. S.E.-KHD-(R&B)-02/2025-26**
**Letter No. 2819 dtd. 25.04.2025**

**No.B-70** : The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the Composite (Civil+EI+PH) Works as detailed below :

1. Nature of Work : Composite (Civil+EI+PH) Works
2. No. of Work : 01 No.
3. Tender Cost : Rs. 10000.00 (Online)
4. Class of Contractor : 'B' class Contractor
5. Available of Bid documents in the website : From Dt.07.05.2025 at 11.00 A.M. to Dt.21.05.2025 at 1.00 P.M.
6. Date of opening of Bids : Dt.22.05.2025 at 11.00 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

Sd./- Superintending Engineer, Khurda (R&B) Division, Khurda

OIPR-34095/11/0029/2526

---

## OFFICE OF THE MUNICIPAL COUNCIL, BARBIL

No.C-192

Tender Call Notice No. 1267 Date. 28.04.2025

1. Name of the work : **Civil construction works as mentioned in website of Barbil Municipality.**
2. No. of work : **40 (Forty)**
3. Bid value : **Rs.28,400/- to Rs.2,00,000/-**
4. Period of completion : **30 days**
5. Period of availability of tender paper : **from Dt.01.05.2025 to 08.05.2025 up to 11.00 A.M.**
6. Last Date & time for submission of tender paper : **Dt.08.05.2025 up to 12.30 P.M.**
7. Date & time of opening of Technical Bid : **Dt.09.05.2025 at 10.30 A.M.**
8. Name and address of the officer inviting bid : **EXECUTIVE OFFICER, BARBIL MUNICIPALITY**

**Details can be seen from Barbil Municipality website : www.barbilmunicipality.in**

Sd./- Executive Officer, Barbil Municipality

OIPR-13108/11/0034/2526

---

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର–୭୫୧୦୦୧

ପତ୍ର ସଂଖ୍ୟା 7873/ଭୁ.ଉ.କ., ଭୁବନେଶ୍ୱର ତା.23.04.25 ରିଖ
EB-V-574/78

### ସୂଚନା

**No.CAD-262:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ହାଉସିଂ ସ୍କିମ୍, ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ–EB–753କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୬୮୬୩, ତା.୦୧.୦୮.୨୦୨୩ ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ପୁଲିନ୍ କୁମାର ଗନ୍ତାୟତ, ପିତା–ସ୍ୱର୍ଗତ ରାଧାକୃଷ୍ଣ ଗନ୍ତାୟତ, ବାସସ୍ଥାନ–ପ୍ଲଟ ନଂ.–ଏମ୍.ଆଇ.ଜି.–ବି–୩୫, ନୟାପଲ୍ଲୀ ବ୍ରିଟ୍ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ପୁଲିନ୍ କୁମାର ଗନ୍ତାୟତ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରଦ୍ଧାଞ୍ଜଳି ବେହେରା, ସ୍ୱାମୀ–ନୀଳକମଳ ପରିଡା, ପ୍ଲଟ ନଂ.୭୩୧/୨୬୯୦ ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./– ଆବଣ୍ଟନ ଅଧିକାରୀ–୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0282/2526

---

ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

## OFFICE OF THE ASST. DIRECTOR OF TEXTILES, SUNDARGARH

At- Mahesdihi, Sundargarh, 770001; Email Id- adtsundargarh@gmail.com

### TENDER CALL NOTICE FOR SUPPLY OF TECHNOLOGICAL INTERVENTION COMPONENT UNDER THE SCHEME "PROMOTION OF HANDLOOM INDUSTRIES" FOR THE YEAR 2024-25

Notice No.445 / Dated.30.04.2025/

No. PP-27:- Bids in sealed cover are invited under two-bid system from reputed Suppliers / Manufacturers / Dealers / Films units for supply of **Pit Looms, Frame Looms, Weaving Accessories, Dobby & Motorized Charkha** to beneficiaries of Sundargarh Zone (Jharsuguda & Sundargarh district) for disbursement to weavers under "Promotion of Handloom Industries" scheme for the year 2024-25 in Sundargarh Zone. The tender schedule of the bidding process are as follows :

| Sl.No. | Tender Schedule | Dateline |
|---|---|---|
| 1 | Date of Issue | 01.05.2025 |
| 2 | Tender submission last Date and Time | 14.05.2025 till 2 P.M. |
| 3 | Opening of Technical Bid | 16.05.2025 |
| 4 | Opening of Financial Bid | 9 A.M. onwards |

The bid documents containing eligibility criteria, detail of items, terms & conditions of the tender can be downloaded from the website www.sundargarh.odisha.gov.in or www.sadhacodisha.org, www.boyanika.com or www.samabalpuribastralaya.com or www.textiles.odisha.gov.in

Sd./- K. Pradhan, Assistant Director of Textiles, Sundargarh

OIPR-31031/11/0002/2526

---

## GOVERNMENT OF ODISHA DEPARTMENT OF WATER RESOURCES

## OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR

Phone No. (0663)-2412791(Off.), E-mail : eemisbp@yahoo.co.in

No. 1738/Date. 29.04.2025

No.A-

### 'e' Procurement Notice

**BID REF No. : SE, MID, SBP/01/2025-26**

- Name of work : Civil Construction works
- No. of Works : 01 (One) No.
- Estimated cost : for 01 No. of work (Rs. 24.49 Lakh)
- Tender paper cost : Referred to DTCN
- Period of completion : Referred to DTCN
- Availability of bid through online : From **dt.03.05.2025 at 11.00 A.M. to dt.13.05.2025 up to 05.30 P.M.** in website (www.tendersorissa.gov.in)
- Period of receipt of bid through online : From **dt.03.05.2025 at 11.00 A.M. to dt.13.05.2025 up to 05.30 P.M.** through online
- Date of opening of bid documents : On **dt.14.05.2025 at 10.00 A.M.** onwards
- Digital signature certificate of Bidder : The bidder must posses compatible digital signature certificate (DSC) of Class-II or Class-III

**The detail tender call notice can also be seen in the DOWR website - http://dowrorissa.gov.in**

- Name & Address of the OIT : Superintending Engineer, M.I.Division, Sambalpur At-Motijharan, P.O.-B.S.S. Nagar, Dist.-Smbalpur, PIN-768001, Ph : 0663-2412791, E-mail ID : eemisbp@yahoo.co.in
- Further details can be seen from the e-Procurement market place : http:/tendersorissa.gov.in

Sd./- Superintending Engineer, M.I.Division, Sambalpur

OIPR-32036/11/0016/2526

---

## ODISHA SPACE APPLICATIONS CENTRE (ORSAC)

Dept of Science & Technology, Govt. of Odisha
Bhubaneswar-751 023

### Tender Notice No. 15/2025

**No.CAD-266** : Sealed tenders are invited from established and accredited Original Equipment Manufacturer(OEM)/ authorized dealers for supply and installation & commissioning of Desktop Computer, Workstation, Laptop, Printer for Odisha Space Applications Centre, Bhubaneswar.

For details please visit Website https://odisha.gov.in. https://st.odisha.gov.in https://it.odisha.gov.in & ORSAC Website https://orsac.odisha.gov.in or ORSAC office for submission of the Tender papers.

OIPR-28007/11/0015/2526 CHIEF EXECUTIVE

## ସଂକ୍ଷେପରେ

### ପହଲଗାମ୍ ଆକ୍ରମଣକାରୀ କଲମ୍ବୋ ଯାଇଥିବା ସନ୍ଦେହ

**ବିମାନବନ୍ଦରରେ କଡ଼ା ଯାଞ୍ଚ**

ନୂଆଦିଲ୍ଲୀ/କଲମ୍ବୋ,୩।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତ ୬ ଜଣ ସନ୍ଦିଗ୍ଧ ଚେନ୍ନାଇରୁ ବିମାନ ଧରି ଶ୍ରୀଲଙ୍କାର କଲମ୍ବୋ ବିମାନବନ୍ଦରରେ ପହଞ୍ଚିଥିବା ଭାରତରୁ ସୂଚନା ମିଳିବା ପରେ ସେଠାରେ ବ୍ୟାପକ ତଲାସି କରାଯାଇଛି। ଚେନ୍ନାଇରୁ ଯାଇଥିବା ଉକ୍ତ ବିମାନରେ ପହଲଗାମ୍ ଆକ୍ରମଣର ୬ ଜଣ ସନ୍ଦିଗ୍ଧ ଥିବା ଭାରତୀୟ କର୍ତ୍ତୃପକ୍ଷ ଶ୍ରୀଲଙ୍କା ପ୍ରତିପକ୍ଷଙ୍କୁ ଜଣାଇଥିଲେ। ଶ୍ରୀଲଙ୍କା ଏୟାରଲାଇନ୍ସ ବିମାନ ୟୁଏଲ୍୧୨୨ ପୂର୍ବାହ୍ନ ୧୧ଟା ୫୯ ମିନିଟ୍ ସମୟରେ ବନ୍ଦରନାଏକ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ଶ୍ରୀଲଙ୍କା ପୋଲିସ, ସେଠାର ବାୟୁସେନା ଏବଂ ବନ୍ଦର ସୁରକ୍ଷା ସଂସ୍ଥା ପକ୍ଷରୁ ମିଳିତ ଭାବେ ସୁରକ୍ଷା ଯାଞ୍ଚ କରାଯାଇଥିଲା। ତେବେ ସେଠାରୁ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଠାବ କରାଯାଇ ପାରିନାହିଁ।

# ମନ୍ଦିରରେ ଦଳାଚକଟା: ୭ ମୃତ, ୮୦ ଆହତ

**ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ**

ପଣଜୀ, ୩।୫

ଗୋଆର ଶିର୍‌ଗାଓସ୍ଥିତ ଲୈରାଇ ଦେବୀ ମନ୍ଦିରରେ ଶୁକ୍ରବାର ରାତିରେ ଚାଲିଥିବା ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳାଚକଟା ଘଟି ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୮୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଗୋଆ ମେଡିକାଲ କଲେଜ ଏବଂ ନର୍ଥ ଗୋଆ ଡିଷ୍ଟ୍ରିକ୍ଟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଶନିବାର ନର୍ଥ ଗୋଆ ଡିଷ୍ଟ୍ରିକ୍ଟ ହସ୍ପିଟାଲ ଯାଇ ଆହତଙ୍କ ସ୍ଥିତି ପରଖିଛନ୍ତି। ସେ ଏକ୍ସ'ରେ ଏକ ପୋଷ୍ଟ କରି ଦଳଚକଟାକୁ ନେଇ ଶୋକ ପ୍ରକଟ କରିବା ସହ ସ୍ଥିତି ଉପରେ ବ୍ୟକ୍ତିଗତ ଭାବେ କଡ଼ା ନଜର ରଖିଥିବା କହିଛନ୍ତି। ମନ୍ଦିରର ଦଳାଚକଟା ଘଟଣାକୁ ନେଇ ସେ ବିସ୍ତୃତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହାର ରିପୋର୍ଟକୁ ଖୁବ୍‌ଶୀଘ୍ର ସାର୍ବଜନୀନ କରାଯିବ ବୋଲି ସେ କହିଛନ୍ତି। ଆହତ ୮୦ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି ବୋଲି ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ ରାଣେ କହିଛନ୍ତି। ଘଟଣାକୁ ନେଇ ଲୈରାଇ ଦେବୀ ମନ୍ଦିରର ସଭାପତି ଦିନନାଥ ଗାଓନ୍‌କର କହିଛନ୍ତି, ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳଚକଟା ଘଟିବା ସମୟରେ ପ୍ରାୟ ୫୦ରୁ ୭୦ ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶୁକ୍ରବାର ରାତିରେ ଜଣେ ଶ୍ରଦ୍ଧାଳୁ ଭୁଲ୍ ବଶତଃ ନିଜ ବେତ ବାଡ଼ିରେ ଏକ ବିଜୁଳି ବଲ୍‌ବକୁ ଛୁଇଁ ଦେଇଥିଲେ, ଯାହାପରେ ତାଙ୍କୁ ଝଟକା ଲାଗିଥିଲା ଏବଂ ସେ ଅନ୍ୟ ଶ୍ରଦ୍ଧାଳୁଙ୍କ ଉପରେ ପଡ଼ିଯାଇଥିଲେ। ଏହାପରେ ଭିଡ଼ରେ ଥିବା ଲୋକମାନେ ପରସ୍ପରକୁ ଧକ୍କା ଦେଇଥିଲେ, ଫଳରେ ଦଳାଚକଟା ଘଟିଥିବା ସେ କହିଛନ୍ତି। ଏହି ଦଳାଚକଟାର ପ୍ରକୃତ କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଉତ୍ତର ଗୋଆ ଏସ୍‌ପି ଅକ୍ଷତ କୌଶଲ କହିଛନ୍ତି। ଦଳାଚକଟାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିଛନ୍ତି।




ଶୁକ୍ରବାର ରାତିରେ ଗୋଆର ଶିର୍‌ଗାଓରେ ଚାଲିଥିବା ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳାଚକଟା ଘଟିଛି।

# ଅଷ୍ଟ୍ରେଲିଆ ନିର୍ବାଚନରେ ଲେବର ପାର୍ଟି ବିଜୟୀ

**ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବେ ଆଲ୍‌ବାନିସ୍**

ମେଲବର୍ନ,୩।୫

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନିସ୍‌ଙ୍କ ନେତୃତ୍ୱରେ ଲେବର ପାର୍ଟି ପାର୍ଲାମେଣ୍ଟ ନିର୍ବାଚନରେ ବିଜୟୀ ହୋଇଛି। ଫଳରେ ଆଲ୍‌ବାନିସ୍ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଗତ ୨୧ ବର୍ଷ ମଧ୍ୟରେ କୌଣସି ଅଷ୍ଟ୍ରେଲୀୟ ନେତା କ୍ରମାଗତ ଦ୍ୱିତୀୟ ଥର ନିର୍ବାଚନ ଜିତିବା ଏହା ପ୍ରଥମ। ଅଷ୍ଟ୍ରେଲୀୟ ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ୧୫୦ ଆସନ ବିଶିଷ୍ଟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଲେବର ପାର୍ଟି ଶନିବାର ସନ୍ଧ୍ୟା ସୁଦ୍ଧା ୭୦ ଆସନ ଜିତିଥିବାବେଳେ ବିରୋଧୀ କଞ୍ଜରଭେଟିଭ୍ ପାର୍ଟି ମାତ୍ର ୨୪ ଆସନରେ ସୀମିତ ରହିଛି। ମେଣ୍ଟ କରି ନ ଥିବା ଛୋଟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ୧୩ଟି ଆସନ ଜିତିବା ଆଶା କରାଯାଉଛି। ବିରୋଧୀ ଦଳ ନେତା ପିଟର ଡୁଟନ ଶନିବାର ସନ୍ଧ୍ୟାରେ ପରାଜୟ ସ୍ୱୀକାର କରିଛନ୍ତି। ଆମେ ଭଲ ପ୍ରଚାର କରିପାରି ନ ଥିଲୁ। ତେଣୁ ପରାଜୟ ପାଇଁ ମୁଁ ନିଜକୁ ଦାୟୀ କରୁଛି ବୋଲି ଡୁଟନ କହିଛନ୍ତି।



ଆନ୍ଥୋନୀ ଆଲ୍‌ବାନିସ

ଆଲ୍‌ବାନିସ୍ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବାରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ୍ ମିଡିଆ ଜରିଆରେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅଷ୍ଟ୍ରେଲିଆ ଜନସାଧାରଣଙ୍କ ଆପଣଙ୍କ ନେତୃତ୍ୱ ଉପରେ ଆସ୍ଥା ରହିଛି। ଭାରତ-ଅଷ୍ଟ୍ରେଲିଆ ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଦିଗରେ ତାଙ୍କ ସହ ଏକାଠି କାର୍ଯ୍ୟ କରିବାକୁ ମୋଦି ଆଗ୍ରହ ପ୍ରକାଶ କରିଛନ୍ତି।

### ରୁଷିଆର ବିଜୟ ଦିବସ ପରେଡ୍‌ରେ ସାମିଲ ହେବେନି ରାଜନାଥ

ନୂଆଦିଲ୍ଲୀ, ୩।୫

ଆସନ୍ତା ମେ' ୯ରେ ମସ୍କୋରେ ହେବାକୁ ଥିବା ରୁଷିଆର ବିଜୟ ଦିବସ ବାର୍ଷିକ ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେବେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରେଡ ସମାରୋହରେ ଯୋଗ ଦେବାକୁ ପୂର୍ବରୁ ମନା କରିଥିଲେ। ତାଙ୍କ ବଦଳରେ ରାଜନାଥ ମସ୍କୋ ଗସ୍ତ କରିବେ ବୋଲି ସୂଚନା ଦିଆଯାଇଥିଲା। ତେବେ ଏହି ସମାରୋହରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ ଭାରତର ପ୍ରତିନିଧିତ୍ୱ କରିବେ। ପହଲଗାମ୍ ଆକ୍ରମଣ ପରେ ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜନାଥ ନିଜର ଏହି ଗସ୍ତକୁ ବାତିଲ କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।



ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ବିରୋଧରେ ଗୁରୁଗ୍ରାମରେ ଶନିବାର ଅନୁଷ୍ଠିତ ବିକ୍ଷୋଭ ରାଲିରେ ଲୋକେ ସାମିଲ ହୋଇଛନ୍ତି।

### ଜଳଦସ୍ୟୁଙ୍କ ଆକ୍ରମଣରେ ତାମିଲନାଡୁର ୧୭ ମତ୍ସ୍ୟଜୀବୀ ଆହତ

ଚେନ୍ନାଇ, ୩।୫

ତାମିଲନାଡୁର ନାଗାପଟ୍ଟିନମ ଜିଲାର ଅକ୍କାରାଇପେଟାଇସ୍ଥିତ ସେରୁଥୁର ଗ୍ରାମର ୩୦ ଜଣ ମତ୍ସ୍ୟଜୀବୀ ଶୁକ୍ରବାର ଏକ ବୋଟ୍‌ରେ କୋଡ଼ିୟାକରଇର ଦକ୍ଷିଣ ପୂର୍ବ ଅଞ୍ଚଳକୁ ମାଛ ଧରିବାକୁ ଯାଇଥିଲେ। ଏହି ସମୟରେ ଦ୍ରୁତ ଗତିରେ ଶ୍ରୀଲଙ୍କାର ଜଳଦସ୍ୟୁଙ୍କ ଏକ ବୋଟ୍ ସେମାନଙ୍କ ସାମ୍ନାକୁ ଆସିଥିଲା। ଉକ୍ତ ବୋଟରେ ୬ ଜଣ ଜଳଦସ୍ୟୁ ରହିଥିଲେ। ସେମାନଙ୍କ ନିକଟରେ ଧାରୁଆ ଅସ୍ତ୍ର ଥିଲା। ଜଳ ଦସ୍ୟୁମାନେ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଆକ୍ରମଣ କରି ସେମାନଙ୍କ ନିକଟରୁ ୧୦ ଲକ୍ଷ ଟଙ୍କା ମୂଲ୍ୟର ମାଛଧରା ଜାଲ, ଜିପିଏସ୍ ଡିଭାଇସ, ମାଛ ଆଦି ବିଭିନ୍ନ ସରଞ୍ଜାମ ଲୁଟି ନେଇଥିଲେ। ଏହି ଘଟଣାରେ ୧୭ ଜଣ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି।

# ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି: ଜଣେ ଗିରଫ

ଜୟପୁର,୩।୫

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ରାଜସ୍ଥାନ ଜୟସାଲମେର୍‌ର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ରାଜସ୍ଥାନ ଗୋଇନ୍ଦା ଅଧିକାରୀ ଶନିବାର ଏହି ସୂଚନା ଦେଇଛନ୍ତି। ଗତ ୨୨ ତାରିଖ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ଆଇଏସ୍‌ଆଇ ଗୁପ୍ତଚର ସନ୍ଦେହରେ ପଠାନ୍ ଖାନ୍‌ଙ୍କୁ ଗିରଫ କରାଯାଇଛି। ଜୟସାଲମେର ଜିଲାର ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ସମ୍ବେଦନଶୀଳ ଅନ୍ତର୍ଜାତୀୟ ସୀମା ଅଞ୍ଚଳକୁ ଗୋଇନ୍ଦା ଅଧିକାରୀମାନେ ନିରୀକ୍ଷଣ କଲାବେଳେ ଜିରୋ ଆର୍‌ଡି ମୋହନଗଡ଼ ଅଞ୍ଚଳ ବାସିନ୍ଦା ପଠାନ୍‌ଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ଦେଖାଦେଇଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୧୩ରେ ପଠାନ୍ ପାକିସ୍ତାନ ଯାଇ ସେଠାର ଗୋଇନ୍ଦା ଅଧିକାରୀମାନଙ୍କୁ ଭେଟିଥିଲେ। ତାଙ୍କୁ ଅର୍ଥ ଲୋଭ ଦେଖାଯିବା ସହ ସେଠାରେ ଗୁପ୍ତଚରଗିରି ତାଲିମ ଦିଆଯାଇଥିଲା। ଏହା ପରେ ମଧ୍ୟ ପଠାନ୍ ଅନେକ ଥର ପାକିସ୍ତାନ ଯାଇ ସେଠାର ଗୋଇନ୍ଦା ଅଧିକାରୀଙ୍କୁ ଭେଟିଛନ୍ତି। ପାକିସ୍ତାନୀ ପରିଚାଳକଙ୍କୁ ଭେଟି ଏବଂ ସୋସିଆଲ ମିଡିଆ ଜରିଆରେ ସେ ଜୟସାଲମେର ଅନ୍ତର୍ଜାତୀୟ ସୀମା ସମ୍ପର୍କିତ ସମ୍ବେଦନଶୀଳ ଗୁପ୍ତ ତଥ୍ୟ ଦେଇଥିବା ଜଣେ ଅଧିକାରୀ କହିଛନ୍ତି।



ପଠାନ୍ ଖାନ୍

**ପାଲେଷ୍ଟିନୀୟ ନାବାଳକଙ୍କୁ ହତ୍ୟା ମାମଲା**

### ଆମେରିକୀୟଙ୍କୁ ୫୩ ବର୍ଷ ଜେଲ

ୱାଶିଂଟନ୍,୩।୫

ଜଣେ ୬ ବର୍ଷୀୟ ପାଲେଷ୍ଟିନୀୟ-ଆମେରିକୀୟ ବାଳକ ୱାଡ଼ି ଆଲ୍‌ଫାୟୁମିଙ୍କୁ ଛୁରି ଭୁସି ହତ୍ୟା କରିବା ସହ ତାଙ୍କ ମାଆଙ୍କୁ ଆହତ କରିବା ମାମଲାରେ ଆମେରିକାର ଜୋସେଫ୍ ଜୁବା (୭୩)ଙ୍କୁ ଶୁକ୍ରବାର ୫୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୨୩ରେ ଇସ୍ରାଏଲ-ଗାଜା ଯୁଦ୍ଧ ଆରମ୍ଭ ହେବା ପରେ ଜୋସେଫ୍ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଗତ ଫେବୃଆରୀରେ ତାଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। ୱାଡ଼ି ଓ ତାଙ୍କ ମାଆ ହନନ ଶାହିନ ଜୋସେଫ୍‌ଙ୍କ ପ୍ଲେନ୍‌ଫିଲ୍ଡସ୍ଥିତ ଘରେ ଭଡ଼ାରେ ରହୁଥିଲେ। ସେମାନେ ମୁସଲମାନ ହୋଇଥିବାରୁ ଜୋସେଫ୍ ସେମାନଙ୍କୁ ଟାର୍ଗେଟ କରିଥିଲେ ବୋଲି ସରକାରୀ ଓକିଲ ଅଦାଲତଙ୍କୁ ଜଣାଇଥିଲେ।

### ପାକିସ୍ତାନୀ ମହିଳାଙ୍କ ସହ ବିବାହକୁ ଲୁଚାଇଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବହିଷ୍କୃତ

ନୂଆଦିଲ୍ଲୀ,୩।୫

ପାକିସ୍ତାନୀ ମହିଳାଙ୍କୁ ବିବାହ କରିଥିବା ଘଟଣାକୁ ଲୁଚାଇ ରଖିଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ମୁନିର ଅହମଦଙ୍କୁ ଶନିବାର ଚାକିରିରୁ ବହିଷ୍କାର କରାଯାଇଛି। ଭିଜା ବୈଧତା ଶେଷ ହେବା ପରେ କନ୍‌ଷ୍ଟେବଲ ଜଣକ ଜାଣିଶୁଣି ସ୍ତ୍ରୀଙ୍କୁ ଆଶ୍ରୟ ଦେଇଥିଲେ। ତାଙ୍କ କାର୍ଯ୍ୟ ସେବା ନିୟମାବଳୀର ଉଲ୍ଲଂଘନ ଏବଂ ଜାତୀୟ ସୁରକ୍ଷା ପ୍ରତି କ୍ଷତିକାରକ ବୋଲି ସିଆର୍‌ପିଏଫ୍ କହିଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ କେନ୍ଦ୍ର ସରକାର ପାକିସ୍ତାନୀମାନଙ୍କ ଭିଜା ରଦ୍ଦ କରିଥିବାବେଳେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁନିରଙ୍କ ସ୍ତ୍ରୀ ମିନାଲ ଖାନ୍ ପାକିସ୍ତାନୀ ହୋଇଥିବାବେଳେ ତାଙ୍କୁ ଦେଶ ଛାଡ଼ିବାକୁ ଗତ ୨୯ ତାରିଖରେ ଅଟ୍ଟାରୀ-ୱାଘା ସୀମାକୁ ନିଆଯାଇଥିଲା। ଶେଷ ମୁହୂର୍ତ୍ତରେ ଜମ୍ମୁ-କଶ୍ମୀର ହାଇକୋର୍ଟ ତାଙ୍କୁ ଆଶ୍ୱସ୍ତି ଦେଇ ଭାରତରେ ୧୦ ଦିନ ରହିବାକୁ ଅନୁମତି ଦେଇଥିଲେ। ସୂଚନାଯୋଗ୍ୟ, ଜମ୍ମୁ ବାସିନ୍ଦା ମୁନିର ଜଣେ ପାକିସ୍ତାନୀ ମହିଳାଙ୍କୁ ବିବାହ କରିବାକୁ ଚାହୁଁଥିବା ବିଭାଗକୁ ଜଣାଇଥିଲେ। କିନ୍ତୁ ବିଭାଗୀୟ ଅନୁମତି ବିନା ସେ ଗତବର୍ଷ ମେ' ୨୪ରେ ବିବାହ କରିଥିଲେ।



ମୁନିର ଅହମଦ ମିନାଲ ଖାନ୍

# ମଣିପୁର ବନ୍ଦ ଯୋଗୁ ଜୀବନଯାତ୍ରା ପ୍ରଭାବିତ

**ହିଂସାକୁ ୨ ବର୍ଷ**

ଇମ୍ଫାଲ/ଚୁରାଚାନ୍ଦପୁର,୩।୫

ମଣିପୁର ଜାତିଆଣ ହିଂସାକୁ ଶନିବାର ୨ ବର୍ଷ ପୂରିଛି। ୨୦୨୩ ମେ' ୩ରେ ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସାକାଣ୍ଡ ଆରମ୍ଭ ହୋଇ ଦୀର୍ଘଦିନ ଧରି ଚାଲିଥିଲା। ଏଥିରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୧,୫୦୦ ଜଣ ଆହତ ହୋଇଥିଲେ। ଏଥିସହ ୭୦ ହଜାରରୁ ଊର୍ଦ୍ଧ୍ୱ ବାସହରା ହୋଇଥିଲେ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଜାତିଆଣ ହିଂସାର ୨ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ଶନିବାର ବନ୍ଦ ଡାକରା ଦିଆଯାଇଥିବାରୁ ମେଇତି ନିୟନ୍ତ୍ରିତ ଇମ୍ଫାଲ ଉପତ୍ୟକା ଏବଂ କୁକି ଅଧ୍ୟୁଷିତ ପାର୍ବତ୍ୟାଞ୍ଚଳ ଜିଲାଗୁଡ଼ିକରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ମେଇତି ସଂଗଠନ କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି (ସିଓସିଓଏମ୍‌ଆଇ) ପକ୍ଷରୁ ଉପତ୍ୟକା ଜିଲାଗୁଡ଼ିକରେ ବନ୍ଦ ଡାକରା ଦିଆଯାଇଥିବାବେଳେ ଜୋମି ଷ୍ଟୁଡେଣ୍ଟସ୍ ଫେଡେରେଶନ (ଜେଡ୍‌ଏସ୍‌ଏଫ୍) ଏବଂ କୁକି ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ (କେଏସ୍‌ଓ) ପକ୍ଷରୁ ପାର୍ବତ୍ୟାଞ୍ଚଳ ଜିଲାଗୁଡ଼ିକରେ ବନ୍ଦ ପାଳନ କରାଯାଇଛି। ଫଳରେ ସମଗ୍ରୀ ରାଜ୍ୟରେ ଦୋକାନବଜାର, ସ୍କୁଲ୍ କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହିଥିଲା। ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ କରାଯାଇଥିଲା। କୌଣସି ପ୍ରକାର ଅପ୍ରୀତିକର କାର୍ଯ୍ୟ ରୋକିବା ପାଇଁ ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା ବଳ ମୁତୟନ କରାଯାଇଥିଲା। ହିଂସାକାଣ୍ଡରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ସନ୍ଧ୍ୟାରେ ଇମ୍ଫାଲରେ ଏକ ମହମବତି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଚୁରାଚାନ୍ଦପୁର ଏବଂ କାଙ୍ଗ୍‌ପୋକ୍‌ପି ଜିଲାରେ କୁକି ସମ୍ପ୍ରଦାୟ ପକ୍ଷରୁ 'ବିଚ୍ଛିନ୍ନତା ଦିବସ' ପାଳନ କରାଯାଇ ସ୍ୱତନ୍ତ୍ର ଅଞ୍ଚଳ ପାଇଁ ଦାବି କରାଯାଇଛି।

ମଣିପୁରରେ ହିଂସାକାଣ୍ଡ ଲାଗିରହିଥିବା ସତ୍ତ୍ୱେ ୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାକୁ ଆଦୌ ନ ଯିବା ଘଟଣାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କୁ ସମାଲୋଚନା କରିଛନ୍ତି। ମଣିପୁର ଗସ୍ତରେ ନ ଯାଇ ପ୍ରଧାନମନ୍ତ୍ରୀ ରାଜଧର୍ମ ପାଳନରେ ବିଫଳ ହୋଇଥିବା ଖାର୍ଗେ କହିଛନ୍ତି।




## ଫୁର୍‌ସତ୍

### ଏକସଙ୍ଗେ ୩ ବିଶ୍ୱ ରେକର୍ଡ




ଲଣ୍ଡନ

ବ୍ରିଟିଶ୍ ମାର୍ଶାଲ ଆର୍ଟିଷ୍ଟ ଜୋଶୁଆ ଇୟାଲା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ଏକକାଳୀନ ୩ଟି ଅବିଶ୍ୱସନୀୟ ରେକର୍ଡ ସ୍ଥାପନ କରି ସମସ୍ତଙ୍କୁ ଚକିତ କରିଛନ୍ତି। ସେ ଗୋଟିଏ ମିନିଟରେ ସର୍ବାଧିକ ଫୁଲ୍-ଏକ୍ସଟେନ୍‌ସନ୍ ପଞ୍ଚ୍ ମାରିବାର ୩ଟି ବର୍ଗରେ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୧ ମିନିଟ ମଧ୍ୟରେ ବିନା ଗ୍ଲୋଭସ୍ ପିନ୍ଧି ୪୫୩ ପଞ୍ଚ୍, ବକ୍ସିଂ ଗ୍ଲୋଭସ୍ ସହ ୩୭୪ ପଞ୍ଚ୍ ଏବଂ ୧ କେ.ଜି. ଓଜନର ଡମ୍ବେଲ ଧରି ୩୩୩ ଥର ପଞ୍ଚ୍ ମାରି ୩ଟି ବିଶ୍ୱ ରେକର୍ଡ ଏକସଙ୍ଗେ ସୃଷ୍ଟି କରିଛନ୍ତି।

ଜୋଶୁଆ କହିଛନ୍ତି, ଏହି ସଫଳତା ପାଇଁ ସେ ପ୍ରାୟ ବର୍ଷେ ହେବ କଠିନ ପରିଶ୍ରମ କରୁଥିଲେ। ସେ ନିଜର ଟ୍ରେନିଂ ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ଚାଟ୍‌ଜିପିଟିର ବ୍ୟବହାର କରିଥିଲେ, ଯାହାକୁ ତାଙ୍କର ଜଣେ ସମ୍ପର୍କୀୟ ବକ୍ସିଂ ପ୍ରଶିକ୍ଷକ ଯାଞ୍ଚ କରିଥିଲେ। ଜୋଶୁଆଙ୍କ ଅନୁଯାୟୀ, ବିନା ଗ୍ଲୋଭସ୍ ପିନ୍ଧି ଗୋଟିଏ ମିନିଟରେ ସର୍ବାଧିକ ପଞ୍ଚ୍ ମାରିବାର ରେକର୍ଡ ତାଙ୍କ ପାଇଁ ସବୁଠାରୁ କଷ୍ଟସାଧ୍ୟ ଥିଲା।



### 'ଗଭର୍ନର' ହେବେ ମନୋଜ ବାଜପେୟୀ

ମୁମ୍ବାଇ

ଅଭିନେତା ମନୋଜ ବାଜପେୟୀ ପୁଣିଥରେ ନିଜ ଅଭିନୟ ସହ ଦର୍ଶକଙ୍କ ହୃଦୟରେ ରାଜ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଶନିବାର ତାଙ୍କ ନୂତନ ଚଳଚ୍ଚିତ୍ର 'ଗଭର୍ନର'ର ଘୋଷଣା କରାଯାଇଛି, ଯେଉଁଥିରେ ସେ ରାଜ୍ୟପାଳ ଭୂମିକାରେ ନଜରକୁ ଆସିବେ। ଫିଲ୍ମ ନିର୍ମାତା ବିପୁଲ ଶାହଙ୍କ ପ୍ରଡକ୍ସନ ହାଉସ୍ ସନ୍‌ସାଇନ୍ ପିକ୍ଚର୍ସର ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ପଲିଟିକାଲ ଥ୍ରୀଲର ଫିଲ୍ମର ନିର୍ଦ୍ଦେଶନା ଚିନ୍ମୟ ମାଣ୍ଡଲେକର ଦେବେ। 'ଗଭର୍ନର'ର ଶୁଟିଂ ଆସନ୍ତା ଜୁଲାଇ କିମ୍ବା ଅଗଷ୍ଟରୁ ଆରମ୍ଭ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ରିପୋର୍ଟ ଅନୁଯାୟୀ, ସନ୍‌ସାଇନ୍ ପିକ୍ଚର୍ସ ପକ୍ଷରୁ ଗତ ୨ ବର୍ଷ ଧରି ଏହି ପ୍ରୋଜେକ୍ଟ ଉପରେ କାମ କରାଯାଉଥିଲା। 'ଗଭର୍ନର' ଫିଲ୍ମର ପ୍ରାକ୍-ପ୍ରଡକ୍ସନ୍ ଆରମ୍ଭ ହୋଇସାରିଛି ଏବଂ ସମ୍ପ୍ରତି ଏହାର ପ୍ରମୁଖ ଚରିତ୍ରମାନଙ୍କ ପାଇଁ କାଷ୍ଟିଂ ପ୍ରକ୍ରିୟା ଜୋର୍‌ସୋର୍‌ରେ ଜାରି ରହିଛି।

ସମ୍ପ୍ରତି ମନୋଜଙ୍କ ହାତରେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି। ଆଗାମୀ ଦିନରେ ତାଙ୍କୁ ଫିଲ୍ମ ନିର୍ମାତା ଶେଖର କପୁରଙ୍କ 'ମାସୁମ: ଦି ନ୍ୟୁ ଜେନେରେଶନ' ଏବଂ ଫିଲ୍ମ ନିର୍ମାତା ରାମ ଗୋପାଳ ବର୍ମାଙ୍କ 'ପୋଲିସ ଷ୍ଟେସନ ମେ ଭୂତ'ରେ ଦେଖିବାକୁ ମିଳିବ। ସେହିପରି ମନୋଜଙ୍କ ଅଭିନୀତ ଆମାଜନ ପ୍ରାଇମ ଭିଡିଓର ସୁପରହିଟ୍ ସିରିଜ୍ 'ଦି ଫ୍ୟାମିଲି ମ୍ୟାନ୍'ର ତୃତୀୟ ସିଜନ ଆସନ୍ତା ଦୀପାବଳୀ ଉପଲକ୍ଷେ ମୁକ୍ତିଲାଭ କରିବାକୁ ଯାଉଛି।

### ହସ୍ପିଟାଲରେ ବିବାହ

ଭୋପାଳ

ମଧ୍ୟପ୍ରଦେଶର ରାଜଗଡ଼ ଜିଲାର ଆଦିତ୍ୟ ସିଂଙ୍କ ବିବାହ ନନ୍ଦିନୀଙ୍କ ସହ ସ୍ଥିର ହୋଇଥିଲା। ବିବାହର ସପ୍ତାହେ ପୂର୍ବରୁ ଗତ ଏପ୍ରିଲ ୨୪ରେ ନନ୍ଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ଖରାପ ହୋଇଥିଲା। ତେଣୁ ତାଙ୍କୁ ବ୍ୟାଓରାସ୍ଥିତ ପଞ୍ଜାବୀ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ଶୁଭ ମୁହୂର୍ତ୍ତକୁ ନଷ୍ଟ ନ କରିବା ପାଇଁ ନନ୍ଦିନୀଙ୍କ ପରିବାର ହସ୍ପିଟାଲ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ହସ୍ପିଟାଲରେ ଆଦିତ୍ୟ ଓ ନନ୍ଦିନୀଙ୍କ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧରିତ୍ରୀ
DHARITRI

51 Years
ପୃଷ୍ଠା-୮+୮

ଭୁବନେଶ୍ୱର,ରବିବାର, ମେ ୪/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 4/2025 Page 16 ₹ 7.00 | RAYAGADA

୫୧ଶ ଭାଗ ୧୫୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 158 ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ପୃଷ୍ଠା-୮+୮
51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ ୪/୨୦୨୫ | Bhubaneswar, Sunday, May 4/2025 | ପୃଷ୍ଠା-୧



ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଶନିବାର ଗୋଆ ଏଫ୍‌ସି ଓ ଜାମଶେଦପୁର ମଧ୍ୟରେ ଅନୁଷ୍ଠିତ କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ-ବିକାଶ ନାୟକ)

# ପରୀକ୍ଷା ପୂର୍ବରୁ ମେଡିକାଲ ସିଟ୍ ଡିଲ୍

## ଭୁବନେଶ୍ୱରରେ ଧରାପଡ଼ିଲେ ଆନ୍ତଃ ରାଜ୍ୟ ରାକେଟ୍‌ର ୪ ସଦସ୍ୟ

**ସର୍ବଭାରତୀୟ ସ୍ତରରେ ରବିବାର ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି-ୟୁଜି ୨୦୨୫) ଅନୁଷ୍ଠିତ ହେବ। ଏହାର ଦିନକ ପୂର୍ବରୁ ମେଡିକାଲ କଲେଜଗୁଡ଼ିକରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଦେବାକୁ କହି ଆଶାୟୀଙ୍କଠାରୁ ଅନେକ ଲକ୍ଷ ଟଙ୍କା ଲୁଟିଥିବା ଏକ ଆନ୍ତଃ ରାଜ୍ୟ ରାକେଟ ଧରାପଡ଼ିଛି। ଗ୍ୟାଙ୍ଗ୍‌ର ୨ ଜଣ ସଦସ୍ୟ ଓଡ଼ିଶାର ହୋଇଥିବାବେଳେ ବିହାର ଓ ଝାଡ଼ଖଣ୍ଡର ଜଣେ ଲେଖାଏ ରହିଛନ୍ତି। ଏମାନେ ପରୀକ୍ଷାର୍ଥୀ ପିଛା ୨୦ରୁ ୩୦ ଲକ୍ଷ ଟଙ୍କା ଲେଖାଏ ଆଦାୟ କରୁଥିଲେ। କଡ଼ା ପରୀକ୍ଷା ପ୍ରୋଟୋକଲ୍ ସତ୍ତ୍ୱେ ହଲ୍‌ରେ ଅସଲ ପରୀକ୍ଷାର୍ଥୀଙ୍କ ସ୍ଥାନରେ ଡମି କ୍ୟାଣ୍ଡିଡେଟ୍‌ମାନଙ୍କୁ ବସାଇ ପାସ୍ କରାଇବାକୁ ଯୋଜନା କରିଥିଲେ ବୋଲି କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ସମ୍ମୁଖରେ ଜେରା ବେଳେ ସେମାନେ ସ୍ୱୀକାର କରିଛନ୍ତି। ଏହି ଅଭିଯୁକ୍ତମାନଙ୍କ ନିକଟରୁ ୯୦ ଲକ୍ଷ ଟଙ୍କାର ୩ଟି ଚେକ୍ ସହ ଅନ୍ୟ ଏକ ବ୍ଲାଙ୍କ ଚେକ୍ ଜବତ କରାଯାଇଛି। ବିଦେଶରେ ରହୁଥିବା କେତେଜଣ ଏନ୍‌ଆର୍‌ଆଇଙ୍କଠାରୁ ମଧ୍ୟ ଏମାନେ ବିପୁଳ ଟଙ୍କା ନେବାକୁ ଉଦ୍ୟମ ଚଳାଇଥିବା ତଦନ୍ତରୁ ଜଣାପଡ଼ିଛି। ମୋଟ କେତେଜଣ ଛାତ୍ରୀଛାତ୍ରଙ୍କଠାରୁ କେତେ ଟଙ୍କା ନେଇଛନ୍ତି, ତାହା ଜାଣିବା ପାଇଁ ତନାଘନା ଜାରି ରହିଛି।**



ଭୁବନେଶ୍ୱର,୩।୫(ସତ୍ୟଜିତ ରାଉତ)

ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ନାମଲେଖା ପାଇଁ ଅନୁଷ୍ଠିତ ହେଉଥିବା ଏନ୍‌ଇଇଟିରେ ଚଞ୍ଚକତା କରି ଉତ୍ତୀର୍ଣ୍ଣ କରେଇବା ଆଳରେ ଠକୁଥିବା ଏକ ଆନ୍ତଃରାଜ୍ୟ ରାକେଟକୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍(ଏସ୍‌ସିୟୁ) ଧରିଛି। ଜୟଦେବ ବିହାରସ୍ଥିତ ଏକ ତାରକା ହୋଟେଲ ନିକଟରେ ଶନିବାର ସକାଳେ ଏସ୍‌ସିୟୁ ଟିମ୍ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ଜଣ ଓଡ଼ିଶାର ହୋଇଥିବାବେଳେ ଅନ୍ୟ ୨ଜଣ ରାଜ୍ୟ ବାହାରର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ହଜାରୀବାଗର ପ୍ରିୟଦର୍ଶୀ କୁମାର, ବିହାର ଔରଙ୍ଗବାଦର ଅରବିନ୍ଦଙ୍କ କୁମାର, ଭୁବନେଶ୍ୱର ପଟିଆ ଅଞ୍ଚଳର ସୁନୀଲ ସାମନ୍ତରାୟ ଏବଂ ତମାଣ୍ଡୋ ଅଞ୍ଚଳର ରୁଦ୍ର ନାରାୟଣ ବେହେରା। ସେମାନଙ୍କ ଠାରୁ ବିଭିନ୍ନ ଏନ୍‌ଇଇଟି ଆଶାୟୀ ପରୀକ୍ଷାର୍ଥୀଙ୍କ କାଗଜପତ୍ର, ୩ଟି ଚେକ୍ (୯୦ ଲକ୍ଷ ଟଙ୍କା), ଗୋଟିଏ ବ୍ଲାଙ୍କ୍ ଚେକ୍ (ଜଣେ ପରୀକ୍ଷାର୍ଥୀ ହୋଇଥିବା ସନ୍ଦେହ), ନକଲି ନନ୍ ରେସିଡେଣ୍ଟ ଇଣ୍ଡିଆନ (ଏନ୍‌ଆରଆଇ)/ ଓଭରସିଜ୍ ସିଟିଜେନ୍‌ଶିପ୍ ଅଫ୍ ଇଣ୍ଡିଆ (ଓସିଆଇ) ସାର୍ଟିଫିକେଟ, ୨ଟି କାର୍ ଏବଂ ଅନୁଗୋଳରେ କ୍ରୟ କରାଯାଇଥିବା ୨ଟି ପ୍ଲଟର କାଗଜପତ୍ର ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ ମାମଲା (ନଂ ୩/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠେଇ ଦିଆଯାଇଛି। ଏହା ଏକ ବଡ଼ ରାକେଟ ହୋଇଥିବାବେଳେ ଏମାନଙ୍କ ଚେର ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଲମ୍ବିଥିବା ପୋଲିସ ଜାଣିବାକୁ ପାଇଛି। ଏହି ରାକେଟରେ ଅନେକ ସଦସ୍ୟ ଥିବା ବେଳେ ସେମାନଙ୍କ ପାଖରେ ପହଞ୍ଚିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ଲିଙ୍କ୍‌ରେ ଅଧିକ ଖୋଳତାଡ଼ ଚାଲିଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସୂଚନାନୁଯାୟୀ, ଅଭିଯୁକ୍ତମାନେ ମେଡିକାଲ ଆଶାୟୀମାନଙ୍କୁ ଦୁଇଟି ଜରିଆରେ ଠକୁଥିଲେ। ଏନ୍‌ଇଇଟିରେ ଉତ୍ତୀର୍ଣ୍ଣ କରେଇଦେବେ ବୋଲି ମିଛ ପ୍ରତିଶ୍ରୁତି ଦେଉଥିଲେ। ଟଙ୍କା ଦେଲେ ଅନ୍ୟ ଜଣେ ପରୀକ୍ଷାର୍ଥୀ ତାଙ୍କ ସ୍ଥାନରେ ପରୀକ୍ଷା ଦେବେ ବୋଲି କହୁଥିଲେ। ସେହିପରି ଭାରତରେ ଥିବା ମେଡିକାଲ କଲେଜଗୁଡ଼ିକରେ ଏନ୍‌ଆର୍‌ଆଇଙ୍କ ପାଇଁ ସିଟ୍ ସଂରକ୍ଷଣ ଥିବାବେଳେ ଏହି କ୍ଷେତ୍ରରେ ବ୍ୟାପକ ଜାଲିଆତି କରି ଠକେଇ କରୁଥିଲେ। ସେହିପରି ଓସିଆଇ କୋଟାରେ ମଧ୍ୟ ନାମ ଲେଖାଇବା ପାଇଁ କହି ଠକୁଥିଲେ।

# ଆଇଟି ଲାବ୍ ସାମଗ୍ରୀ କିଣାରେ ଟେଣ୍ଡର ଫିକ୍ସିଂ

## କଲେଜ ପରିଚାଳନା କମିଟି ସଭାପତିଙ୍କ ବିନା ଅନୁମତିରେ ଟେଣ୍ଡର ଆହ୍ୱାନ

ଯାଜପୁର,୩।୫(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ୪୪ କଲେଜରେ ଅତ୍ୟାଧୁନିକ ଇନଫର୍ମେଶନ ଟେକ୍ନୋଲୋଜି (ଆଇଟି) ଲାବ୍ ସ୍ଥାପନ ବାବଦ ଟେଣ୍ଡରରେ ବ୍ୟାପକ ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୫ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୨୬୫୫ ଦ୍ୱାରା ଯାଜପୁର ଜିଲାର ୪୪ କଲେଜରେ ଅତ୍ୟାଧୁନିକ ଆଇଟି ଲାବ ସ୍ଥାପନ ପାଇଁ ବଡ଼ କଲେଜକୁ ୮.୧୧ଲକ୍ଷ ଏବଂ ଛୋଟ କଲେଜକୁ ୪.୯୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ପ୍ରତ୍ୟେକ କଲେଜର ଲାବ୍ ପାଇଁ କମ୍ପ୍ୟୁଟର୍, ପ୍ରିଣ୍ଟର୍, ୟୁପିଏସ୍, ୱେବ କ୍ୟାମେରା ଏବଂ ୬୫ ଇଞ୍ଚର ଏଲ୍‌ଇଡି ଟିଭି କିଣିବା ଏବଂ ସେଠାରେ ଇଣ୍ଟରନେଟ ସଂଯୋଗ ନିମନ୍ତେ ବିଭାଗ ପକ୍ଷରୁ ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ଏବଂ ଟେଣ୍ଡର ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇ ସମସ୍ତ କଲେଜର ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲା। ବିଗତ ସରକାର ସମୟରେ ମଧ୍ୟ କଲେଜଗୁଡ଼ିକରେ ଲାବ୍ ପାଇଁ ଏଭଳି ସବୁ ସାମଗ୍ରୀ କ୍ରୟ କରାଯାଇଥିଲା। ମାତ୍ର ଟେଣ୍ଡରରେ ସ୍ୱଚ୍ଛତା ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇ ନ ଥିବା ଯୋଗୁ ସାମଗ୍ରୀ କ୍ରୟରେ ଅନିୟମିତତାର ଅଭିଯୋଗ ଆସିଥିଲା। କିନ୍ତୁ ନୂଆ ସରକାର ଆସିବା ପରେ କ୍ରୟ ହେବାକୁ ଥିବା ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ସହ ଟେଣ୍ଡରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଯାଇ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇଥିଲା। ତଥାପି ଅନେକ କଲେଜର ଅଧ୍ୟକ୍ଷ ଏହାକୁ ଉଲ୍ଲଂଘନ କରି ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାଠାରୁ ଏସବୁ ସାମଗ୍ରୀ କ୍ରୟ ନିମନ୍ତେ ପୂର୍ବ ଫିକ୍ସିଂ ପୂର୍ବକ ତାଙ୍କଠାରୁ କୋଟେଶନ ନେଇ ଚଢ଼ା ଦରରେ ନିମ୍ନମାନର ସାମଗ୍ରୀ କିଣିଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ବିଭିନ୍ନ କଲେଜ ପରିଚାଳନା କମିଟିର ସଭାପତି ଥିବା ସତ୍ତ୍ୱେ ତାଙ୍କ ଅନୁମତି ନିଆଯାଇ ନାହିଁ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଅର୍ଥ ବ୍ୟୟ କରିବା ସମୟରେ ପରିଚାଳନା କମିଟିର ସଭାପତିଙ୍କ ଅନୁମତି ନିତାନ୍ତ ଆବଶ୍ୟକ। କିନ୍ତୁ ସଭାପତିଙ୍କ ଅନୁମତି ନ ଥାଇ ସାମଗ୍ରୀ କ୍ରୟ ନିମନ୍ତେ କିଛି କଲେଜର ଅଧ୍ୟକ୍ଷ ନିଜସ୍ୱ ଏକ କ୍ରୟ କମିଟି ଗଠନ କରିଛନ୍ତି। ମାତ୍ର ସେଥିରେ ବୈଷୟିକ ଅଭିଜ୍ଞତା ଥିବା କୌଣସି ସଦସ୍ୟ ହିଁ ନାହାନ୍ତି। ବୈଷୟିକ ଅଭିଜ୍ଞତା ଥିବା ସଦସ୍ୟ କିମ୍ବା ଜିଲାର ସ୍ଥାୟୀ ବୈଷୟିକ ପରିଚାଳକଙ୍କ ଦ୍ୱାରା ସାମଗ୍ରୀଗୁଡ଼ିକର ସ୍ପେସିଫିକେସନ ଯାଞ୍ଚ କରା ନ ଯାଇ କ୍ରୟ କମିଟି ମାଧ୍ୟମରେ ଟେଣ୍ଡର ଆହ୍ୱାନ କରି ସାମଗ୍ରୀ କିଣାଯାଇଛି। କୌଣସି ବି ସାମଗ୍ରୀ କ୍ରୟ ନିମନ୍ତେ ଜିଲା ଇ-ଗଭର୍ନାନ୍ସ ମ୍ୟାନେଜରଙ୍କ ଦ୍ୱାରା ଟେଣ୍ଡର ଆହ୍ୱାନ କରିବା ନିୟମ ରହିଛି। କିନ୍ତୁ ଅଧିକ ମୁନାଫା ଉଦ୍ଦେଶ୍ୟ ରଖି ଜିଲାର ପ୍ରାୟ ୮ଟି କଲେଜରେ ୱେବ୍‌ସାଇଟ ସ୍ଥାନରେ ଇମେଲ୍ ଠିକଣା ଭଳି ବିଭ୍ରାନ୍ତିକର ତଥ୍ୟ ଦେଇ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ଆଞ୍ଚଳିକ ପୃଷ୍ଠାରେ କୋଟେଶନ ଆହ୍ୱାନ କରିଥିବା ନଜରକୁ ଆସିଛି। ଏଥିରେ ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍ସ(ଓଜିଏଫ୍‌ଆର୍) ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏଭଳି କେଲେଙ୍କାରୀ ପଛରେ ଭୁବନେଶ୍ୱରର ଏକ ଆଇଟି ସଲ୍ୟୁଶନ ସଂସ୍ଥାର ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେଉଥିବା ଅଭିଯୋଗ ହୋଇଛି। ତେବେ ଯେଉଁ କଲେଜ ଅଧ୍ୟକ୍ଷମାନେ ଇତିମଧ୍ୟରେ ବିନା ଅନୁମତିରେ ଟେଣ୍ଡର ଆହ୍ୱାନ କରିସାରିଛନ୍ତି ତାକୁ ପରିଚାଳନା କମିଟିର ସଭାପତି ଥିବା ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ତୁରନ୍ତ ଟେଣ୍ଡର ସବୁକୁ ବାତିଲ କରିବାକୁ ଦାବି ହୋଇଛି। ଏହାସହ ଜିଲା ବୈଷୟିକ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଇଏମ୍ ମାଧ୍ୟମରେ ପୁନଃ ଟେଣ୍ଡର ଆହ୍ୱାନ କରିବାକୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବ ଓ ନିର୍ଦ୍ଦେଶକ ଏବଂ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଟେଣ୍ଡର ଏବଂ ଅନ୍ୟାନ୍ୟ ଗାଇଡ୍‌ଲାଇନ୍ ଉପରେ ଜାଣିବା ପରେ ସେ କିଛି କହିପାରିବେ। ଯଦି ଟେଣ୍ଡରରେ ଫିକ୍ସିଂ କିମ୍ବା ନିମ୍ନମାନର ସାମଗ୍ରୀ କିଣାଯାଇଥାଏ, ତାହାହେଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଖୁବ୍‌ଶୀଘ୍ର ରାଜ୍ୟରେ ନୂଆ ଇଭି ପଲିସି

ଭୁବନେଶ୍ୱର,୩।୫(ବନ୍ଦନା ସେଠୀ)

ଗ୍ରୀନ୍ ଏନର୍ଜି ବା ନବୀକରଣ ଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ବ୍ୟବସ୍ଥା ଗ୍ରହଣ କରାଯିବ। ଏହିକ୍ରମରେ ବୈଦ୍ୟୁତିକ ଯାନ ବା ଇଭିର ବ୍ୟବହାର ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ପଲିସି ପ୍ରଣୟନ କରାଯିବ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଶନିବାର ରାଜଭବନଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ସରକାରୀ ସ୍ତରରେ ଏହି ବ୍ୟବସ୍ଥାକୁ ଆଗୁଆ କାର୍ଯ୍ୟକାରୀ କରାଯିବ। ସମସ୍ତ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ସୌର ପ୍ୟାନେଲ ବାଧ୍ୟତାମୂଳକ କରାଯିବ। ଟୁଇନ୍ ସିଟିର ବିଭିନ୍ନ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯାଇଛି। ଆସନ୍ତା ୫ବର୍ଷ ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯିବ। ସେହିପରି ସରକାରୀ କର୍ମଚାରୀମାନେ ଇଭି (ଇଲେକ୍ଟ୍ରିକ୍ ଭେଇକିଲ୍) ଗାଡ଼ି ବ୍ୟବହାର କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସରକାରୀ ଚାକିରିଆଙ୍କୁ ପୂର୍ବରୁ ଇଭି ଗାଡ଼ି କିଣିବାକୁ ସରକାର ଆଡ୍‌ଭାନ୍ସ ଦେଉଥିଲେ। ଇଲେକ୍ଟ୍ରିକ କାର ବା ଦୁଇ ଚକିଆ ଯାନ ଉଭୟ କିଣିବାକୁ ଆଡ୍‌ଭାନ୍ସ ଆକାରରେ ଟଙ୍କା ଦିଆଯାଉଛି। ଗ୍ରୁପ-ଏ ବା ବି କର୍ମଚାରୀଙ୍କୁ ଇଲେକ୍ଟ୍ରିକ କାର୍ ପାଇଁ ଏବଂ ଗ୍ରୁପ ସି' ଓ ଡି' କର୍ମଚାରୀଙ୍କୁ ଦୁଇଚକିଆ ଯାନ କିଣିବାକୁ ଅଗ୍ରୀମ ଟଙ୍କା ଦିଆଯାଉଛି। ଗ୍ରୁପ୍-ଏର କର୍ମଚାରୀମାନେ କିଣିବାକୁ ଥିବା କାର୍ ଦାମ୍‌ର ୭୫% ଅର୍ଥାତ୍ ସର୍ବାଧିକ ୧୫ଲକ୍ଷ ଟଙ୍କା ଆଡଭାନ୍ସ ଆକାରରେ ଦିଆଯାଉଛି। ସେହିପରି ଗ୍ରୁପ୍ ସି ଓ ଡି କର୍ମଚାରୀଙ୍କୁ ଦୁଇ ଚକିଆ ଇଭି କିଣିବା ପାଇଁ ୭୫% ବା ସର୍ବାଧିକ ୨ଲକ୍ଷ ପର୍ଯ୍ୟନ୍ତ ଆଡଭାନ୍ସ ଦିଆଯିବ। ଏଥିସହ ସରକାର ଦେଇଥିବା ଏହି ଟଙ୍କା ସର୍ବାଧିକ ୧୦୦ଟି ମାସିକିଆ କିସ୍ତିରେ ଦରମାରୁ ଭରଣା କରାଯିବ। ଇଭି ଆଡଭାନ୍ସ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ପାକିସ୍ତାନରୁ ସବୁ ଆମଦାନୀ ବନ୍ଦକଲା ଭାରତ

ନୂଆଦିଲ୍ଲୀ,୩।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ସହ ଉତ୍ତେଜନା ବଢ଼ିଚାଲିଥିବାବେଳେ କେନ୍ଦ୍ର ସରକାର ସେଠାରୁ ସମସ୍ତ ପ୍ରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏଥିସହ ପାକିସ୍ତାନରୁ ଆସୁଥିବା ମେଲ୍ ଓ ପାର୍ସଲଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି। କେବଳ ସେତିକି ନୁହେଁ, ପାକିସ୍ତାନୀ ଜାହାଜଗୁଡ଼ିକ ଭାରତୀୟ ବନ୍ଦରରେ ନ ଲଗାଇବାକୁ କଟକଣା ଲଗାଯାଇଛି।

ବୈଦେଶିକ ବାଣିଜ୍ୟ ନୀତି (ଏଫ୍‌ଟିପି) ୨୦୨୩ର ନୂଆ ନିୟମାବଳୀ ଅନୁଯାୟୀ, ଆମଦାନୀ ଓ ଦ୍ରବ୍ୟ ପରିବହନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କଟକଣା ତୁରନ୍ତ ଲାଗୁ ହୋଇଥିବାବେଳେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନେବା ଜରୁରୀ ଥିଲା ବୋଲି ସରକାର କହିଛନ୍ତି। ଆବଶ୍ୟକ ହେଲେ ଏଥିପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁମୋଦନ ଆବଶ୍ୟକ ପଡ଼ିବ।

ସୂଚନାଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ଅତ୍ୟନ୍ତ ସୀମିତ ଥିଲା। ଚଳିତ ଆର୍ଥିକ ବର୍ଷରେ ଭାରତ ସେଠାରୁ ମାତ୍ର ୦.୫ ନିୟୁତ ଡଲାର ମୂଲ୍ୟର ପଣ୍ୟ ଆମଦାନୀ କରିଥିବାବେଳେ ପ୍ରାୟ ୫୦୦ ନିୟୁତ ଡଲାରର ପଣ୍ୟ ରପ୍ତାନୀ କରିଥିଲା। ୨୦୧୯ ପୁଲ୍‌ୱାମା ଆକ୍ରମଣ ପରେ ପାକିସ୍ତାନୀ ଆମଦାନୀ ସାମଗ୍ରୀ ଉପରେ ଭାରତ ୨୦୦ ପ୍ରତିଶତ ଟାରିଫ୍ ଲଗାଇ ଏହାକୁ ମହଙ୍ଗା କରିଦେଇଥିଲା। ଫଳରେ ୨୦୨୪ ଏପ୍ରିଲରୁ ୨୦୨୫ ଜାନୁଆରୀ ମଧ୍ୟରେ ସେଠାରୁ ଆମଦାନୀ ମାତ୍ର ୦.୪୨ ନିୟୁତ ଡଲାରକୁ ହ୍ରାସ ପାଇଥିଲା। ଏଥିସହିତ ପାକିସ୍ତାନ ସହ ବିମାନ ଓ ସ୍ଥଳପଥ ଯୋଗେ ହେଉଥିବା ସମସ୍ତ ମେଲ୍ ଓ ପାର୍ସଲ ଆଦାନପ୍ରଦାନକୁ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ଡାକ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ସେହିପରି ପାକିସ୍ତାନୀ ପତାକା ଲାଗିଥିବା ଜାହାଜଗୁଡ଼ିକୁ ଭାରତୀୟ ବନ୍ଦର ମଧ୍ୟକୁ ପ୍ରବେଶ ନିଷେଧ କରାଯାଇଛି।

# ତୃତୀୟ ସପ୍ତାହରେ +୨ ପରୀକ୍ଷାଫଳ

ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ ଚଳିତ ମାସ ୬ ତାରିଖରେ ପ୍ରକାଶ ପାଇବ ବୋଲି ଶନିବାର ଏକ ଗୁଜବ ସୃଷ୍ଟି ହୋଇଥିଲା। ତେବେ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ପରିଡ଼ା ଏନେଇ ସ୍ପଷ୍ଟୀକରଣ ରଖିଛନ୍ତି। ଡ. ପରିଡ଼ା କହିଛନ୍ତି, ସୋସିଆଲ ମିଡିଆରେ ଏକ ଫେକ୍ ଡ୍ରାଫ୍ଟ ଘୂରିବୁଲୁଛି। ଏହାକୁ ଛାତ୍ରୀଛାତ୍ର କିମ୍ବା ଅଭିଭାବକ ଧ୍ୟାନ ଦିଅନ୍ତୁ ନାହିଁ। ମେ' ମାସ ତୃତୀୟ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ସେ ସୂଚନା ଦେଇଛନ୍ତି। ତେବେ ଯୁକ୍ତ ପରୀକ୍ଷା ସମାପ୍ତ ହେବାର ୪୫ ଦିନ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ପରିଷଦ ସ୍ଥିର କରିଥିଲା। ମାତ୍ର ଖରା କାରଣରୁ ଖାତାଦେଖାରେ କିଛିମାତ୍ରାରେ ବିଳମ୍ବ ହୋଇଥିବା ସେ କହିଛନ୍ତି।

# ୟୁଟ୍ୟୁବ୍ ଦେଖି ସ୍କୁଟର ତିଆରିକଲେ ଛାତ୍ର

ଭଦ୍ରକ,୩।୫(ସନାତନ ରାଉତ)

ଶିଖିବାର ଇଚ୍ଛା ଓ ନିଷ୍ଠା ଥିଲେ କିଛି ବି ଅସମ୍ଭବ ନୁହେଁ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଜଣେ ମାଟ୍ରିକ୍ ଛାତ୍ର। ଏବେ ଯୁବପିଢ଼ି ସୋସିଆଲ ମିଡିଆରେ ଅଯଥା ସମୟ ନଷ୍ଟ କରୁଥିବା ବେଳେ ୟୁଟ୍ୟୁବ୍ ଦେଖି ଏକ ସ୍କୁଟର ତିଆରି କରି ଚର୍ଚ୍ଚାରେ ରହିଛନ୍ତି ଭଦ୍ରକ ଚରମ୍ପା ପଥରଆଡ଼ି ଗ୍ରାମର ବିନୋଦ ମହାରଣା(୧୭)।

ବିନୋଦ କହନ୍ତି, ମାଟ୍ରିକ୍ ପରୀକ୍ଷା ପରେ ଏକ ଇଲେକ୍ଟ୍ରିକ ସ୍କୁଟର କିଣିବା ପାଇଁ ଇଚ୍ଛା କରିଥିଲେ। ବଜାରରେ ଦାମ୍ ଅଧିକ ରହିଥିବାରୁ ସେ ନିଜେ ତିଆରି କରିବେ ବୋଲି ଆଗ୍ରହ ପ୍ରକାଶ କରିଥିଲେ। ଘରେ ମୋବାଇଲରେ ୟୁଟ୍ୟୁବ୍ ଦେଖି ବିଦ୍ୟୁତ୍‌ଚାଳିତ ସ୍କୁଟର ତିଆରି କରିବା କୌଶଳ ଶିଖିଥିଲେ। ପରେ ସେହି କ୍ରମରେ ସେ ସ୍କୁଟର ତିଆରି ଆରମ୍ଭ କରିଥିଲେ। ଘରେ ଥିବା ଭଙ୍ଗା ସାଇକେଲର ହ୍ୟାଣ୍ଡେଲ ସହ କିଛି ଷ୍ଟିଲ୍ ପାଇପ୍ ଓ ସିଟ୍‌କୁ ଯୋଡ଼ି ସ୍କୁଟର ବନାଇବା ଆରମ୍ଭ କରିଥିଲେ। ଅନ୍‌ଲାଇନରେ ଦୁଇଟି ଚକ ଓ ଗାଡ଼ି ଚାଲିବା ପାଇଁ ମୋଟର ସଂଗ୍ରହ କରିଥିଲେ। ନିଜ ଉଦ୍ୟମରେ ଏକ ବ୍ୟାଟେରି ତିଆରି କରି ସବୁକୁ ଯୋଡ଼ି ସେ ପ୍ରସ୍ତୁତ କରିଛନ୍ତି ଏହି ଗାଡ଼ି। ହ୍ୟାଣ୍ଡେଲରେ ଏକ ସୁଇଚ୍ ଓ ଏକ୍ସିଲିଟର ଲଗାଇଛନ୍ତି। ଏହି ଷ୍ଟାଣ୍ଡିଂ ସ୍କୁଟରଟି ବହୁ ସ୍ପିଡ୍‌ରେ ଯାଉଥିବାରୁ ତା'ର ଗତି ରୋକିବାକୁ ବ୍ରେକ୍ ମଧ୍ୟ ଲଗାଇଛନ୍ତି। ଏହି ବ୍ୟାଟେରିକୁ ଦେଢ଼ ଘଣ୍ଟା ଚାର୍ଜ କଲେ ୧୫ କି.ମି. ଯାଉଛି। ସ୍କୁଟରରେ ଜଣେ କିମ୍ବା ଦୁଇଜଣ ଠିଆ ହୋଇ ଯାଇପାରୁଛନ୍ତି। ଏହାକୁ ତିଆରି କରିବା ପାଇଁ ୧ ମାସ ସମୟ ଲାଗିଥିବା ବେଳେ ମୋଟ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଛନ୍ତି। ବିନୋଦ ପଥରଆଡ଼ି ଗ୍ରାମର କାର୍ତ୍ତିକ ମହାରଣାଙ୍କ ସାନପୁଅ। ତାଙ୍କ ବାପା ଜଣେ ଗ୍ୟାରେଜ୍ ମେକାନିକ୍ ହୋଇଥିବା ବେଳେ ମା' ଗୃହିଣୀ। ସେ ଚରମ୍ପା ହାପିହୋମ୍ ସ୍କୁଲର ଛାତ୍ର। ଚଳିତବର୍ଷ ସେ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ମାଟ୍ରିକ୍ ପରୀକ୍ଷାରେ ୬୪.୪ ପ୍ରତିଶତ ନମ୍ବର ରଖିଛନ୍ତି। ଆଗକୁ ଡିପ୍ଲୋମା ଇଞ୍ଜିନିୟରିଂ ପଢ଼ିବେ। ତେବେ ଆଗାମୀ ଦିନରେ ଡ୍ରୋନ୍ ତିଆରି କରିବା ସହ ୨ ସିଟ୍ ବିଶିଷ୍ଟ ବାଇକ୍ ତିଆରି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଯୁବପିଢ଼ି ଘରେ ନ ବସି କିଛି ନା କିଛି ନୂଆ ଅନୁସନ୍ଧାନ କରିବା ନେଇ ସେ ବାର୍ତ୍ତା ଦେଇଛନ୍ତି।



ଛାତ୍ର ବିନୋଦ ମହାରଣା ତିଆରି କରିଥିବା ସ୍କୁଟର ଚଲାଉଛନ୍ତି।



# ରାଜା ଚକ୍ରଙ୍କ ଓକିଲଙ୍କ ନାଁରେ ମାନହାନି ମାମଲା

**ବାଲେଶ୍ୱର,୩।୫(ବାଞ୍ଛାନିଧି ବେ)**


ମନମୋହନ ସାମଲ

ରାଜ୍ୟମାର୍କନ ଲେଙ୍ଗି ଏଜେନ୍ସିରେ ଆର୍ଥିକ ଦୁର୍ନୀତି ମାମଲାରେ ଛନ୍ଦି ହୋଇପଡ଼ିଥିବା ବିଜେଡି ନେତା ସୌମ୍ୟରଞ୍ଜନଙ୍କ ଓରଫ୍ ରାଜା ଚକ୍ରଙ୍କ ଓକିଲ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ବିରୋଧରେ ମାନହାନି ମକଦ୍ଦମା ଦାଏର କରିଛନ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ। ଶନିବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ସେ ଉପସ୍ଥିତ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ କୋର୍ଟରେ ମାମଲା (ନଂ.୨୫/୨୫) ରୁଜୁ କରାଯାଇଛି। ମନମୋହନଙ୍କ ସହ ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଓକିଲ ସଂଘ ସଭାପତି କେଶବ ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାସ, ଲମ୍ବୋଦର ନାୟକ, ବୈଲୋଚନ ଦାଶ, ଅଶିଷ ଘୋଷ ଓ ଶୋଭନା ମହାନ୍ତି, କଟକ ହାଇକୋର୍ଟ ଓକିଲ ଓମ୍ ପ୍ରକାଶ ରାୟଙ୍କ ସମେତ ବହୁ ଆଇନଜୀବୀ ଓ ଭାଜପା ନେତୃବୃନ୍ଦ ଉପସ୍ଥିତ ଥିଲେ।

ଏ ସଂକ୍ରାନ୍ତରେ ରାଜ୍ୟ ଭାଜପା ସଭାପତି ସାମଲ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଥିଲେ, ମାସକ ତଳେ ଓକିଲ ଦ୍ୱିବେଦୀ ମୋ ବିରୋଧରେ ଏକ ଆରୋପ କରିଥିଲେ। ମନ୍ଦ ଉଦ୍ଦେଶ୍ୟ ରଖି ସେ ମୋ ବିରୋଧରେ ଏପରି କହିଥିଲେ। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ। ଏ ଅଭିଯୋଗର କୌଣସି ଭିତ୍ତିଭୂମି ନାହିଁ କି ସତ୍ୟତା ନାହିଁ। ସେ ମିଛିଆ ଆଗରେ ଯଦି ଏଭଳି ଅଭିଯୋଗ ଆଣିଛନ୍ତି, ପ୍ରମାଣ ଦେଖାନ୍ତୁ। ରାଜ୍ୟରେ ଭାଜପାକୁ ଓ ବ୍ୟକ୍ତିଗତ ଭାବେ ତାଙ୍କୁ ବଦନାମ କରିବା ଅଥବା ନିଜକୁ ଚର୍ଚ୍ଚିତ କରିବା ପାଇଁ ହୁଏତ ଦ୍ୱିବେଦୀ ଏହା କହିଥାଇପାରନ୍ତି ବୋଲି କହିଥିଲେ। ଗଣମାଧ୍ୟମରେ କୌଣସି ଅଭିଯୋଗ କିମ୍ବା ଖବର ପ୍ରକାଶ ପୂର୍ବରୁ ସତ୍ୟାସତ୍ୟ ଅନୁଧ୍ୟାନ କରିବା ଉଚିତ ବୋଲି ମନମୋହନ କହିଛନ୍ତି। ଅପରପକ୍ଷରେ ଏ ସମ୍ପର୍କରେ ରାଜା ଚକ୍ରଙ୍କ ଓକିଲ ବରିଷ୍ଠ ଆଇନଜୀବୀ ଦ୍ୱିବେଦୀ କୁହନ୍ତି, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମିଥ୍ୟା ତଥ୍ୟ ଉପରେ ମାମଲା କରିଛନ୍ତି। ଆମେ ଷ୍ଟେଟ୍ ହେଡ୍ ବୋଲି କହିଛୁ, ସେ ଷ୍ଟେଟ୍ ହେଡ୍ ନୁହନ୍ତି। ମନମୋହନ ମନ୍ଦ ଉଦ୍ଦେଶ୍ୟରେ ଭାଜପା ଲୋକଙ୍କୁ ପ୍ରମୋଟ୍ କରିବା ପାଇଁ ଏକ ମିଥ୍ୟା ମୋକଦ୍ଦମା କରିଛନ୍ତି। ଆମେ ରିଜୋଲ୍ୟୁସନ୍ ପୁଡାବକ କହିଛୁ। ଆମେ ମଧ୍ୟ କାଉଣ୍ଟର କେଶ୍ କରିବୁ ବୋଲି ଦ୍ୱିବେଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୋସାଇଟିରେ ବହୁ କୋଟିଙ୍କାର ଆର୍ଥିକ ଦୁର୍ନୀତି ନେଇ କ୍ରାଇମବ୍ରାଞ୍ଚରେ ହୋଇଥିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ରାଜା ଚକ୍ରଙ୍କ ଓକିଲ ଦ୍ୱିବେଦୀ ଭାଜପା ରାଜ୍ୟ ମୁଖ୍ୟଙ୍କୁ ୧ କୋଟି ୩ ଲକ୍ଷ ଦିଆଯାଇଛି ବୋଲି ମନ୍ତବ୍ୟ ଦେଇଥିଲେ, ଯାହାକୁନେଇ ରାଜନୈତିକ ମହଲରେ ହଇଚଇ ସୃଷ୍ଟି ହୋଇଥିଲା।

# ସାରିଗାଡ଼ା ଡବଲ ମର୍ଡର ଅଭିଯୁକ୍ତ ଗିରଫ

## ପୂର୍ବ ଶତ୍ରୁତାକୁ ନେଇ ଲିକିଟିପଦର ସରପଞ୍ଚଙ୍କ ସ୍ୱାମୀ, ଶ୍ୱଶୁରଙ୍କୁ ହତ୍ୟା

**ରାୟଗଡ଼ା/ପଦ୍ମପୁର,୩।୫**
**(ଆଶିଷ ରଞ୍ଜନ ପଣ୍ଡା/ପ୍ରଶାନ୍ତ କର)**

ରାୟଗଡ଼ା ଜିଲା ପଦ୍ମପୁର ଥାନା ଅଧୀନ ଲିକିଟିପଦର ପଞ୍ଚାୟତ ସାରିଗାଡ଼ା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସରପଞ୍ଚ ଜିନିତା ଗମାଙ୍ଗଙ୍କ ସ୍ୱାମୀ ଅଗାଧୁ ଗମାଙ୍ଗ ଓ ଶ୍ୱଶୁର ସମ୍ବରା ଗମାଙ୍ଗଙ୍କୁ ହତ୍ୟା କରାଯାଇଛି। ପୋଲିସ ଜିନିତାଙ୍କ ବୟାନ ଆଧାରରେ ଶନିବାର ଅଗାଧୁଙ୍କ ସମ୍ପର୍କୀୟ ପୁତୁରା ସୁମନ ଗମାଙ୍ଗଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ପଦ୍ମପୁର ଥାନାରେ କେସ୍ ନଂ. ୬୩/୨୫ରେ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ଥାନାଧିକାରୀ ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରେମଜନିତ ମାମଲା ଓ ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ଥାନାଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

ଜିନିତାଙ୍କ କହିବାନୁସାରେ, ସୁମନ ନିଜ ସମ୍ପର୍କୀୟ ଭଉଣୀଙ୍କୁ ପ୍ରେମ କରୁଥିଲେ। ଏ ସମ୍ପର୍କରେ ଜାଣିବା ପରେ ଅଗାଧୁ ସୁମନ ଓ


ଅଗାଧୁ ଗମାଙ୍ଗ


ସମ୍ବରା ଗମାଙ୍ଗ

ତାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଯାହାକୁ ନେଇ ଅଗାଧୁ ଓ ତାଙ୍କ ସମ୍ପର୍କୀୟ ଭାଇଙ୍କ ମଧ୍ୟରେ ପୂର୍ବରୁ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ପୁଣି ଥରେ ଅଗାଧୁଙ୍କ ସହ ସୁମନଙ୍କ ଯୁକ୍ତିତର୍କ ହୋଇଥିଲା। ସୁମନ ଟାଙ୍ଗିଆରେ ଅଗାଧୁଙ୍କୁ ଆକ୍ରମଣ କରିଥିଲେ। ଅଗାଧୁଙ୍କ ଉପରେ ଆକ୍ରମଣ ହେଉଥିବା ଦେଖି ସମ୍ବରା ସେଠାକୁ ଯାଇ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ସୁମନ ସମ୍ବରାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଉଭୟଙ୍କ ମୁଣ୍ଡରେ ମାଡ଼ ବାଜିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଏହା ଦେଖି ଜିନିତା ଭୟଭୀତ ହୋଇ ସେଠାରୁ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଥିଲେ। ହତ୍ୟାକାଣ୍ଡ ସମ୍ପର୍କରେ ଖବରପାଇ ପଦ୍ମପୁର ପୋଲିସ ଓ ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତ ଓ ଜିନିତାଙ୍କ ବୟାନ ଆଧାରରେ ପୋଲିସ ସୁମନଙ୍କୁ ଗିରଫ କରିଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ଟାଙ୍ଗିଆ ଓ ଠେଙ୍ଗା ମଧ୍ୟ ଜବତ କରାଯାଇଛି। ବ୍ୟବଚ୍ଛେଦ ପାଇଁ ମୃତଦେହ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି।

# ପତିଆରା ପାଇଁ ଗାଁ ଦାଣ୍ଡରେ ବୋମାମାଡ଼

## ଫୁଲଟାରେ ୨ ପ୍ଲାଟୁନ ଫୋର୍ସ ମୁତୟନ

**ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗାଁ ଦାଣ୍ଡରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଏକାଧିକ ବୋମାମାଡ଼ ହୋଇଛି। ଗାଁରେ ପତିଆରା ଜାହିର କରିବା ପାଇଁ ଗୋଟିଏ ଗୋଷ୍ଠୀ ଏପରି କାଣ୍ଡ କରିଥିବା କୁହାଯାଇଛି। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ପ୍ରଚଣ୍ଡ ଶବ୍ଦ ଯୋଗୁ ଅଞ୍ଚଳରେ ଭୟର ବାତାବରଣ ଖେଳଯାଇଛି। ପୋଲିସ ସେହି ରାତିରେ ଗାଁରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ୨ଟି ଅଫୁଟା ବୋମା ଜବତ କରିଛି। ଗ୍ରାମର ଉଭୟ ଗୋଷ୍ଠୀ କେହି କାହା ବିରୋଧରେ ଅଭିଯୋଗ ନ କରିବା ସ୍ଥିତିକୁ ଆହୁରି ଜଟିଳ କରୁଛି। ପୋଲିସ ନିଜ ଆଡୁ ଏକ ମାମଲା (ନଂ.୧୩୨/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅପ୍ରୀତିକର ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ସେଠାରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।


No.D-

## ODISHA PUBLIC SERVICE COMMISSION

### NOTICE

No. 2839/P.S.C., Dt. 30.04.2025
(2PG-14-25/26, DR-I)

**Odisha Civil Services Main (Written) Examination-2023**
**Advt. No. 20 of 2023-24**

Keeping in view the dislocation arising because of interchange of Questions of Anthropology Optional Paper- I & II in the Odisha Civil Services Main (Written) Examination-2023 held on 27.04.2025 and considering the grievances of candidates received by OPSC, the Commission has decided the following :

1. The Written Examination in respect of Anthropology Optional Paper-I & II of the OCSE-2023 shall be re-conducted on 14.05.2025 (Wednesday) for ensuring fairness and equal opportunity to the concerned candidates as per the programme detailed below.

| Date of Examination | Forenoon Session (9.00 A.M. to 12.00 P.M.) | Afternoon Session (2.00 P.M. to 5.00 P.M.) |
|---|---|---|
| 14.05.2025 (Wednesday) | Anthropology Optional Subject, Paper-I | Anthropology Optional Subject, Paper-II |

**N.B :-** The PwD candidates will be given one-hour extra time in each sitting i.e. from 9.00 A.M. to 1.00 P.M. & 2.00 P.M. to 6.00 P.M.

2. The Written Examination in respect of Anthropology Optional Paper-I & II held on 27.04.2025 shall be treated as **cancelled** and the answer scripts of the said examination shall not be evaluated.
3. The Admission Certificate & Instructions to Candidates for the said examination will be downloaded by candidates w.e.f 08.05.2025.

The candidates are advised to visit the website of the Commission at http://opsc.gov.in for further information in this regard.

OIPR-12002/11/0202/2526 Sd./- Secretary

Annexure-1

## DISTRICT MINERAL FOUNDATION, JAJPUR

### Request for Proposal (RFP)

**No.CAD-271:** District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for "Selection of Agency for Imparting Computer Training Programmes in the colleges of mining affected areas of Jajpur district, Odisha under District Mineral Foundation, Jajpur".

The detail of the RFP is available in the district web portal i.e. www.jajpur.odisha.gov.in.

Sd./-
Collector & Managing Trustee,
DMF, Jajpur

OIPR-30025/11/0011/2526

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

**Short Notice**
**For Sale of Cement Grade Limestone**

**No.CAD-269:** The Odisha Mining Corporation Ltd. intends to sell Cement grade Limestone produced at Ampavalli Limestone Mines, Ampavalli, Pattangi, Koraput district, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M. on dtd.05.05.2025.
For details, please visit the website of MSTC i.e. www.mstcecommerce.com.

OIPR-30005/11/0188/2526 Sd./- Chief General Manager (S&M)

## OFFICE OF THE NOTIFIED AREA COUNCIL, NILGIRI

Ph : 06782-233259 e-Mail-ID : nilgirinac.balasore@gmail.com

Letter No. 834/ Date : 29.04.2025

**Quotation Call Notice/Tender Call Notice**

**No.C-204** : Sealed 3 nos. of quotations are invited from the registered Contractors/Suppliers/Dealers having valid GST registration Certificate for construction/supply/fitting of different items, Nilgiri as detailed below. The quotations to be received by the undersigned on or before below mentioned date and the same will be opened on the same day at 1.00 P.M. The quotationers or their authorized Agents should be present in this office in the same time and same day.
The Authority reserves the right to reject any or all quotation without assigning any reason thereof.

| Sl. No. | details of work | Notice No./date | Last date & time |
|---|---|---|---|
| 1 | Supply of Utensils | 820/29.04.2025 | 05.05.2025 at 11.00 A.M. |
| 2 | Supply fitting and fixing of Cremation Chula | 825/29.04.2025 | 05.05.2025 at 11.00 A.M. |
| 3 | 4 nos. of Civil Works | 830/29.04.2025 | 05.05.2025 at 11.00 A.M. |

- For more details visit website www.nilgirinac.in or Contract NAC office, Nilgiri / Notice Board.
- Any addendum/corrigendum of quotations can also be seen in the said website only.

Sd./- Executive Officer,
Nilgiri NAC

OIPR-13179/11/0019/2526

## ODISHA PUBLIC SERVICE COMMISSION, CUTTACK

### NOTICE

No. 2864/P.S.C., Dt. 01.05.2025
(1E-10-2024/25) (DR-II)

**No.D-** : In continuation of this Office Notice No.2389/PSC, dt.15.04.2025 and No.1650/PSC, dt. 07.03.2025, it is for information of all concerned that the Main Examination for recruitment to the posts of Assistant Executive Engineer (CIVIL) in Group-'A' of Odisha Panchayati Raj Engineering Service Cadre under the Panchayti Raj and Drinking Water Department, pursuant to Advertisement No.33 of 2023-24 will be held at Bhubaneswar, Cuttack and Sambalpur Zones as per the following programme :

**PROGRAMME OF EXAMINATION**

| Date | Session | Paper | Subject Code | Time |
|---|---|---|---|---|
| 11.05.2025 (Sunday) | 1st Session | Paper-I (General Study) | 01 | 09.30 A.M. to 12.00 NOON (9.30 A.M. to 12.50 P.M. for PWD Candidates) |
| | 2nd Session | Paper-II (Specialized Paper - Civil Engg.) | 02 | 02.00 P.M. to 04.30 P.M. (02.00 P.M. to 05.20 P.M. for PWD Candidates) |

The list of Examination Centres, along with allotment of Roll Nos. of Candidates are given below :

| Sl. No. | Name of the Examination Centres and Address | Roll Numbers Allotted From..... to ........ | Total Candiadtes Alloted |
|---|---|---|---|
| BHUBANESWAR | | | |
| 1 | D.R. NAYAPALLI COLLEGE, NAYAPLLI, BHUBANESWAR | 200009-200742<br>300002-300999 | 500 |
| 2 | SARASWATI SHISU VIDYA MANDIR, BHIMA TANGI, OLD TOWN, BHUBANESWAR | 301001-302925 | 500 |
| 3 | HARIHARA GOVT. HIGH SCHOOL, BJB NAGAR, BHUBANESWAR-14 | 302928-303784 | 230 |
| 4 | SARASWATI SHISU VIDYA MANDIR, UNIT-3, KHARAVELA NAGAR, BHUBANESWAR | 303785-304707 | 239 |
| CUTTACK | | | |
| 1 | SARASWATI SHISU VIDYA MANDIR, TULASIPUR, CHAHATA NAGAR (MAHANADI RING ROAD), CUTTACK-753008 | 100003-100632<br>400005-401139 | 470 |
| SAMBALPUR | | | |
| 1 | GOVT. WOMEN'S COLLEGE, SAMBALPUR, MOTIJHARAN, MOTIJHARAN, NEAR BHUTAPADA CHOWK | 500005 to 500975 | 249 |

The candidates admitted are required to download their **"Admission Certificate" and "Instuction to Candiadtes"** from website of the Commission **(www.opsc.gov.in) from 06.05.2025 onwards.**

OIPR-12002/11/0200/2526 Sd./- Secretary

## ODISHA PUBLIC SERVICE COMMISSION

19, DR. P. K. PARIJA ROAD, CUTTACK-753001

### NOTICE

No.D- No. 2869/P.S.C., Dt. 01.05.2025
(DR-IV)(2PA-01-2025-26)

**ADVERTISEMENT NO.02 OF 2025-26**

Website - https://www.opsc.gov.in

| | |
|---|---|
| I. | Assistant Section Officer (Group-B) in the Office of the Advocate General, Odisha, Cuttack |
| II. | No. of Vacancies - 29 (10-w) |

Online applications are invited from the prospective candidates through proforma application to be made available on the Website of the Commission (http://www.opsc.gov.in) for recruitment to **29 (Twenty-Nine)** Posts of **Assistant Section Officers** (Group-B) in the Office of the Advocate General, Odisha, Cuttack in the scale of pay of Rs. 35,400/- in Level - 9, Cell- 1 as per the Pay Matrix provided under Rule - 3 of ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time. The recruitment examination will be conducted in accordance with provisions of the Odisha Secretariat Service (Method of Recruitment and Conditions of Service) Rules, 2016 as per the Notification No. 3441/L, dt. 24.02.2025 of Law Department, Government of Odisha. The Appointing Authority for the said post shall be the Advocate General, Odisha for all purposes.

**2. VACANCY POSITION :**

As per requisition furnished by the office of the Advocate General, Odisha, Cuttack, out of a total of **29(10-w)** vacancies, 10(03-w) vacancies are for UR category, 08(03-w) vacancies are reserved for SC category and 11(04-w) vacancies are reserved for ST category.

Also, 01 post is reserved for Person with Disabilities (Category — III) whose permanent disability is 40% or more, and 01 post for Ex-Servicemen. Candidates belonging to the categories of PWD & Ex-Servicemen shall be adjusted against the categories to which they belong.

**3. AGE :**

A candidate must have attained the age of 21 years and must not be above the age of 32 years on the 1st day of January 2025 i.e., he/she must not have been born **earlier than 2nd January 1993 and not later than 1st January 2004.**

**4. EDUCATIONAL QUALIFICATION :**

A candidate must possess a Bachelor's Degree in any discipline from a recognized University or possess such other qualification equivalent thereto and must have adequate knowledge in computer application as specified in the Schedule.

**5. EXAMINATION FEE :**

The examination fee has been exempted to all the categories of candidates as per G.A. & P.G. Department Notification No.9897/Gen., dt.11.04.2022.

**6. METHOD OF SELECTION :**

The selection of candidates for recruitment to the posts of Assistant Section Officer shall be made on the basis of Written Examination (Objective Type- MCQ) **and Skill Test in Computer** (Practical - Qualifying).

**7. DATE OF EXAMINATION :**

The Written Examination will be held tentatively **on 27th July, 2025 (Sunday)**. The detailed Schedule and Centre of Examination will be notified in due course.

**THE LINK FOR REGISTRATION AND SUBMISSION OF ONLINE APPLICATION SHALL BE AVAILABLE IN THE WEBSITE FROM 09.05.2025 to 09.06.2025 till 05.00 P.M. (Note: 09.06.2025 is the last date for submission of Registered Online Application)**

The candidates are advised to visit the Website of the Commission at http://www.opsc.gov.in **for detailed information for applying to the above post.**

Place : CUTTACK
Date: 01.05.2025

Sd./- Secretary
Odisha Public Service Commission
Cuttack

OIPR-12002/11/0199/2526

## ODISHA HYDRO POWER CORPORATION LIMITED

OHPC

OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT: POST: BALIMELA: DIST: MALKANGIRI (ODISHA): PIN: 764 051
Phone:06861-232581 (O)/ 232641 (R), Fax:06861- 232541, Email- unit.head_balimela@yahoo.com/bhep.balimela@gmail.com

SECTION-1
TENDER CALL NOTICE
NOTICE INVITING TENDER No.BHEP/06/2025-26, Dated 29.04.2025

**No.CAD-265:** Sealed tenders are invited in two parts (i.e. Part-A techno-commercial bid & Part-B price bid) & in percentage bid basis from the Electrical Contractors/ Firms/ Agencies having experience in the execution of electrical work under State/Central Govt/ PSU of Govt. of India/ PSU of Govt. of Odisha & having valid Electrical Contractor License (MV) & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Approx. Estimated Cost in Rs. | E.M.D. in Rs. | Cost of Bid documents in Rs. |
|---|---|---|---|---|
| 1 | "New Internal Wiring & Earthing of 104 Nos. of Quarters of BHEP, Balimela | Rs.21,48,241.00 | Rs.22,000.00 | Rs.6,000.00+ (GST @ 18%) Rs.1080.00 = Rs.7,080.00 |

Availability of bid document : From 10.00 Hrs of 03.05.2025 to 13.00 Hrs. of 16.05.2025
Last date & time of submission of bid : Upto 13.00 Hrs. of 16.05.2025
The date & Time of opening of the bid : 12.30 Hrs. onwards of 17.05.2025 (Only Technical Bid)
For details of the tender documents, terms & conditions, please visit our website www. ohpcltd.com

OIPR-04019/11/0081/2526 Sd./- C & P Head, BHEP, Balimela

## ODISHA HYDRO POWER CORPORATION LTD.

OHPC ISO:9001-14001 18001 Certified

O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765, E-Mail: srgmhps_burla@yahoo.co.in, CIN: U40101OR1995SGC003963

No.HHEP/Tech-WK-46/2 (Vol-IV) / 2433 Date: 30.04.2025

**NOTICE INVITING TENDER NO. HHEP-20/2025**

**No.CAD-266:** Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from Govt. registered Contractors/ Agencies having eligibility criteria only for execution of the following work.

| Description of Work | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Annual Maintenance Contract for Hydro Generating Units, their auxiliaries and other equipment of Burla Power House for a period of one year (as per Section-IV) | Rs.11,800/- (Rs. 10000+ GST @ 18%) | 70,000/- | From 02.05.2025 (09.00 AM) to 15.05.2025 upto 11.00 AM | 15.05.2025 Upto 11.30 AM | 15.05.2025 at 12.00 Noon |

For details of the tender documents, terms and conditions please visit our website **www.ohpcltd.com**. If any of the above dates fall on holiday(s), or the office is closed due to any other reason the next working day will be treated as the effective date.

OIPR-04007/11/0041/2526 Sd./- C & P Head, HHEP, Burla

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER
## RUSHIKULYA BAHUDA BASIN, BERHAMPUR- 760004

e-mail id: se_sicbam@yahoo.com

No.A-106: **e-Procurement Notice No.ACE, RBB-02/2025-26**

1.Type of Work :- Road Work, 2. Total No. of Works : 01 (One) No. 3. Amount put to Tender: Rs.817.82 Lakh. 4. Period of Completion: 12 (Twelve) Calendar Months. 5. Paper Cost: Rs.10,000/- per each. 6.Class of Contractor: 'A' or 'Spl' Class of Contractor.

| Sl. No. | Procurement Officer | Bid Identification No | Name of Work | Bid Amount (Rs. in Lakh) | Availibility & Submission of Bid On-line |
|---|---|---|---|---|---|
| 1. | Addl. CE, RB Basin Berhampur | ACE, RBB (BEID)-02/2025-26 | Improvement to Service Road from RD 12.00 Km to 23.00 Km of HBMC and its distributaries that is Kanaka, Jaleswarkhandi, Chadheiapalli, Balia and Kharida-II of HIP | 817.82 | From 06.05.2025, 10.00 AM to 22.05.2025, 5.00 PM |

Date of opening of the Technical Bid:- 23.05.2025 at 11.30 A.M.
Bidders to be participate in online bidding only. Further details can be seen from the Govt. of Odisha e-Procurement Website www.tendersodisha.gov.in. Any addendum/ corrigendum/cancellation of the tender can be seen in the above website only.

Sd./- Additional Chief Engineer
Rushikulya Bahuda Basin, Berhampur

OIPR-32411/11/0028/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.2229/Date 30.04.2025

No.O-105: **"e" Procurement Notice for Building Work**

| | | | |
|---|---|---|---|
| 1. | Name of the Work | : | Composite Building Work |
| 2. | Total No. of Works | : | 01 No. of Building Work for the year 2024-25 |
| 3. | Estimated Cost of the Work | : | Rs.332.22 Crore |
| 4. | Class of Contractor | : | |
| | a) Estimated cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender Online for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online- C.C. 11 of 2025 | 06.05.2025 at 11.00 A.M. | 20.05.2025 upto 5.00 P.M. | 21.05.2025 at 11.00 A.M. | To be intimated lateron |

**Further details can be seen from the website www.tendersodisha.gov.in**

Sd./- Chief Constrcution Engineer,
Central Rural Works Circle, Bhubaneswar

OIPR-25194/11/0040/2526

No. D-38

## ଅପହୃତ ବ୍ୟକ୍ତିଙ୍କ ସନ୍ଧାନ

ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଅଧିନସ୍ଥ ଚନ୍ଦକା ଥାନା MMR ନମ୍ବର- ୧୯/୨୦୨୫

**ସମ୍ପୂର୍ଣ୍ଣ ନାମ ଓ ଠିକଣା**
ନାମ- ରଞ୍ଜନ କୁମାର ପାଲଟାସିଂହ
ପିତା-ଧୋବିନାଥ ପାଲଟାସିଂହ
ଗ୍ରାମ/ପୋଷ୍ଟ-ଦାରୁଠେଙ୍ଗ
ଥାନା-ଚନ୍ଦକା, ଭୁବନେଶ୍ୱର
ଜିଲ୍ଲା-ଖୋର୍ଦ୍ଧା



**ସଂକ୍ଷିପ୍ତ ବିବରଣୀ**
ବୟସ- ୬୦
ଉଚ୍ଚତା- ୫.୪ ଫୁଟ
ବର୍ଣ୍ଣ- ଶ୍ୟାମଳ (wheat)
ଗଲାବେଳେ ପିନ୍ଧିଥିବା ପୋଷାକ:
ନାଲି- ଧଳା ରଙ୍ଗର
ପୂରା ଟି-ସାର୍ଟ ଓ
କଳା ରଙ୍ଗର ହାଫ୍ ପ୍ୟାଣ୍ଟ ।

**ଯଦି ସନ୍ଧାନ ମିଳେ ଯୋଗାଯୋଗ କରିବା ଠିକଣା**

ଆରକ୍ଷୀ ଉପଆୟୁକ୍ତ, ଭୁବନେଶ୍ୱର
(Dy. Commissioner of Police, Bhubaneswar)
ବାଣୀ ବିହାର ଛକ, ପୋଷ୍ଟ ଭୋଇନଗର, ଥାନା- ସହିଦ ନଗର, ଭୁବନେଶ୍ୱର, ୭୫୧୦୨୨
ମୋବାଇଲ-୮୨୮୦୩୩୮୩୦୨, ଦୂରଭାଷ- ୦୬୭୪-୨୫୪୦୫୫୫

ବି.ଦ୍ର.:-ଉପରୋକ୍ତ ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କର ସଠିକ ତଥ୍ୟ ପ୍ରଦାନ କରିବା ବ୍ୟକ୍ତିଙ୍କୁ ଟ.୨୦,୦୦୦ଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ।

OIPR-12130/11/0010/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## KANUPUR REHABILITATION, CAMPS & BUILDING DIVISION

At/PO- Basudevpur, Dist-Keonjhar, PIN-758047

**e-Procurement Notice**

No.A- **Bid Identification No.SE,KRC & BD-03/2025-26**
Email:eekrcbdbasudevpur@gmail.com

| Sl. No. | Name of Work | Approx. value of work (Rs. in lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Power supply to village Electrification of Dhaladihi Mandir Sahi Hemlet of village Sankarpur and beneficiaries at Sankarpur new colony for the DPs of village Dhobakuchuda at Sankarpur of KIP" | 27.54 | 27600.00 | 6,000.00 | 06 (Six) Calendar Months | HT Electrical Contractor having valid license from ELBO | Kanupur Reh. Camps & Building Division, At/PO-Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C&B Division, Basudevpur, Dist-Keonjhar | SE, KRC & BD-03/2025-26 | 02.05.25 From 10.00 Hours | 13.05.25 Upto 17.00 Hours | 14.05.25 | 11.00 Hours | O/o the Superintending Engineer, Kanupur Reh. C&B Division, Basudevpur, Dist-Keonjhar |

Sd./- Superintending Engineer
Kanupur Reh. C & B Division, Basudevpur

OIPR-32053/11/0008/2526

# ସମୟସୀମାରେ କାମ ନ କରିବାରୁ ୮ କୋଟି ଜରିମାନା

ମାଲକାନଗିରି,୩।୫(ଦୁର୍ଯ୍ୟୋଧନ ପାତ୍ର)

■ ଅର୍ଦ୍ଧନିର୍ମିତ ପୋଲ, ଯାତାୟାତ ବାଧାପ୍ରାପ୍ତ
■ କାର୍ଯ୍ୟସ୍ଥଳରୁ ସାମଗ୍ରୀ ଉଠାଇନେଉଛନ୍ତି ଠିକାଦାର


କାଳିଆଗୁଡାରେ ଅଧା ପନ୍ତରିଆ ହୋଇରହିଥିବା ପୋଲ ।


ଟ୍ରକରେ ସାମଗ୍ରୀଗୁଡିକୁ ନିଆଯାଉଛି ।

ମାଲକାନଗିରି ଜିଲା ଜୟପୁରଠାରୁ ମୋଟୁ ପର୍ଯ୍ୟନ୍ତ ଜାତୀୟ ରାଜପଥ ସେତୁଗୁଡିକ ଅତି ପୁରୁଣା ହୋଇଗଲାଣି। ବର୍ଷା ଏବଂ ଲଘୁଚାପ ଯୋଗୁ ପାହାଡରୁ ପ୍ରବଳ ବର୍ଷାଜଳ ବନ୍ୟା ସୃଷ୍ଟି କରିଥାଏ । ଫଳରେ ସେହି ସମୟରେ ଉଭୟ ପାର୍ଶ୍ୱରେ ପୋଲ ଉପରେ ଜଳ ପ୍ରବାହିତ ହୋଇ ଯାନବାହନ ଅଟକିବା ସହ ଅନେକ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

ଜୟପୁରଠାରୁ ସପ୍ତଧାରା ପର୍ଯ୍ୟନ୍ତ ପୁରୁଣା ପୋଲଗୁଡିକ ଭଙ୍ଗାଯାଇ ନୂତନ ପୋଲ ଉଚ୍ଚତା ବୃଦ୍ଧି ହୋଇଥିବାରୁ ସେହି ଅଞ୍ଚଳରେ ବନ୍ୟା ସମୟରେ ଯାନବାହନ ଯାତାୟାତରେ ଅସୁବିଧା ହେଉ ନାହିଁ। ମାଲକାନଗିରି ଜିଲାର ଜାତୀୟ ରାଜପଥ ପାଙ୍ଗାମ, ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌ଭି ୯୦ ଓ ଏମ୍‌ଭି ୯୬ ସହ ୧୯ ନଦୀଗୁଡିକରେ ନୂତନ ପୋଲ ନିର୍ମାଣ ପାଇଁ ୨୦୨୦ରୁ ଟେଣ୍ଡର କରାଯାଇଥିଲା । ଏଥିରେ ରାଜ୍ୟ ବାହାରର ବିଭିନ୍ନ କମ୍ପାନୀ ଟେଣ୍ଡର ନେଇ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ସେଥିରୁ ୯ଟି ପୋଲ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୦ଟି ପୋଲ ବର୍ତ୍ତମାନ ସୁଦ୍ଧା ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଏହି ୧୦ ପୋଲ ମଧ୍ୟରୁ ପାଙ୍ଗାମ, ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌ଭି ୯୦ ଓ ଏମ୍‌ଭି ୯୬ ହାଇଲେଭଲ ପୋଲ ହୋଇଥିବା ବେଳେ ଏହାର ନିର୍ମାଣ ପାଇଁ ରାଜ୍ୟ ବାହାରର ବ୍ରିଜେଶ ଅଗ୍ରୱାଲ ନାମକ କମ୍ପାନୀକୁ ଟେଣ୍ଡର ଦିଆଯାଇଥିଲା। ଏହି କମ୍ପାନୀ ୦୧.୦୭.୨୨ରେ ଏହି ୫ ନିର୍ମାଣ ପାଇଁ ଟେଣ୍ଡର ପାଇଁ ଚୁକ୍ତି କରିଥିଲା। ଏଗୁଡିକର ଅଟକଳ ମୂଲ୍ୟ ୭୯ କୋଟି ଟଙ୍କା ଥିଲା । କାର୍ଯ୍ୟ ସମ୍ପୂର୍ଣ୍ଣ ନିମନ୍ତେ ୦୧।୦୭।୨୦୨୪ ପର୍ଯ୍ୟନ୍ତ ଚୁକ୍ତିନାମା ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କେବଳ ୩୦ ପ୍ରତଶତ କାର୍ଯ୍ୟକରି ବନ୍ଦକରି ଦେଇଥିଲା । ଚୁକ୍ତିନାମା ଅନୁଯାୟୀ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରି ନ ଥିବାରୁ ସମ୍ପୃକ୍ତ କମ୍ପାନୀ ଉପରେ ୮ କୋଟି ଟଙ୍କା ଜରିମାନା ହୋଇଛି। କିନ୍ତୁ କମ୍ପାନୀ ଏହାକୁ ଭ୍ରୁକ୍ଷେପ ନ କରି କାର୍ଯ୍ୟ ନ କରିବା ଯୋଗୁ ରାଜ୍ୟ ସରକାର କମ୍ପାନୀକୁ ଗତ ମାସ ନିର୍ମାଣ କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି।

ସମ୍ପୃକ୍ତ କମ୍ପାନୀ ବର୍ଷାଦିନ ପୂର୍ବରୁ ନିର୍ମାଣାଧୀନ ସ୍ଥାନରେ ଥିବା ବିଭିନ୍ନ ସାମଗ୍ରୀ ନେଇ ଯାଉଥିବା ଦେଖିବାକୁ ମିଳିଛି। ଶୁକ୍ରବାର ପାଙ୍ଗାମ ପୋଲ ନିକଟରେ ଥିବା ସାମଗ୍ରୀଗୁଡିକୁ ଟ୍ରକ ଯୋଗେ ନେଉଥିବା ଲୋକ ଦେଖିବାକୁ ପାଇଛନ୍ତି। ସେହିପରି ପଡିଆ ବ୍ଲକ୍‌ର କାଞ୍ଚନପାଲ୍ଲୀ, ରୁମା ଓ କାଳିଆଗୁଡାଠାରେ ନିର୍ମିତ ପୋଲ ସାଲିମି, ଗଜିଆଗୁଡାର ସାବେରୀ ଓ ସପ୍ତଧାରା ଆଭ୍ୟନ୍ତରୀଣର ଦୁଇଟି ପୋଲ ନିର୍ମାଣ ମାଳିଗୁଡା, କୁନିଗୁଡ ପୋଲରୁ ନଦୀଗୁଡିକରେ ୨୦୨୦ରୁ ନିର୍ମାଣ ଆରମ୍ଭ ହୋଇ ୨୦୨୩ ସୁଦ୍ଧା ସରିବାକୁ ଥିବା ବେଳେ ଅଦ୍ୟାବଧି କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଥିବାରୁ ଚଳିତ ବର୍ଷ ବର୍ଷା ଋତୁରେ ଯାନବାହନ ଓ ଲୋକେ ଦୁର୍ଦ୍ଦଶା ଭୋଗିବେ ।

ଏ ସମ୍ପର୍କରେ ମାଲକାନଗିରି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର କୁମାର ବେହେରାଙ୍କୁ ପଚାରିବାରୁ କାର୍ଯ୍ୟ ଅସମ୍ପୂର୍ଣ୍ଣ ନେଇ ସ୍ୱୀକାର କରିଥିବା ବେଳେ ଗତ କିଛିମାସ ହେବ ଏଠାରେ ଯୋଗ ଦେଇଥିବା ଥିବା ବେଳେ କାର୍ଯ୍ୟର ସମୀକ୍ଷା କରିବା ସହ ଠିକାଦାରଙ୍କୁ ଡାକି ତାଗିଦ ସହ ନୋଟିସ ଦେଇଛନ୍ତି। ତାଙ୍କୁ ମଧ୍ୟ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଚାପ ପଡୁଥିବା ବେଳେ ଆଇନଗତ, ଜମି ସମସ୍ୟାର ଆଳ ଦେଖାଇ ଠିକାଦାରମାନେ କାର୍ଯ୍ୟ କରୁ ନ ଥିବା ନେଇ ସ୍ୱୀକାର କରିଥିଲେ । ଏହି କାର୍ଯ୍ୟଗୁଡିକ କେଭଳି ସମ୍ପୂର୍ଣ୍ଣ ହେବ ସେ ନେଇ ସେ ଦୃଢ ପଦକ୍ଷେପ ନେବେ ବୋଲି କହିଛନ୍ତି ।

## ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମିଶ୍ରଣରେ ଆରମ୍ଭହେଲା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ


କେକ୍ କଟାଯାଇ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଜନ୍ମଦିବସ ପାଳନ କରାଯାଇଛି ।

କୋରୁକୋଣ୍ଡା,୩।୫(ଶିବଦତ୍ତ ସାହୁ)

ଦୀର୍ଘ ବର୍ଷ ହେବ ଓଡ଼ିଶାରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ରାଜ୍ୟର ୧୭ ଜିଲ୍ଲାରେ ତା'ର ୪୩୬ ଶାଖା ମାଧ୍ୟମରେ ଗ୍ରାହକଙ୍କୁ ସେବା ଯୋଗାଇ ଆସୁଥିଲା । ହେଲେ ମେ ୧ରୁ ଏହି ବ୍ୟାଙ୍କ ମିଶ୍ରଣ ହୋଇ ନୂତନ ଭାବେ ଆରମ୍ଭ ହୋଇଛି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ । ଏହି ପରିପ୍ରେକ୍ଷୀରେ କୋରୁକୋଣ୍ଡା ବ୍ଲକ୍ ସଦରରେ ଥିବା ପୁରାତନ ଉତ୍କଳ ବ୍ୟାଙ୍କର ନୂତନ ନାମକରଣ ହୋଇ ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ବିଭିନ୍ନ ସେବା ଯୋଗାଇଦେବେ ବୋଲି ଅଧକ୍ଷ ଚିତେନ୍ ହାଁସଦା କହିଛନ୍ତି । ଶୁକ୍ରବାରକୁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଜନ୍ମଦିବସ ଭାବେ ପାଳନ କରିଥିଲା । କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ କେଲୋସ ଡିଗାଲ, ବ୍ୟାଙ୍କମିତ୍ର ଅଖିଳ ନାଗ, ରମେଶ ଚନ୍ଦ୍ର ମହାରଣା (ଏସ୍‌ପି), ସଞ୍ଜୀବ ବିଶ୍ୱାସ (ଏସ୍‌ପି)ଙ୍କ ସମେତ ଗ୍ରାମର ସୁଦର୍ଶନ ସାବତ, ରଘୁନାଥ ମହାରଣା, ଆଦିତ୍ୟ ପଣ୍ଡା ଏବଂ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଶିକ୍ଷକ, ପୂର୍ବତନ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ।

କାଲିମେଲା,୩।୫(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା ଅନୁସୂଚିତ ଜାତି ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବିଭାଗ ତରଫରୁ କାଲିମେଲା ବ୍ଲକ୍ ଭେଙ୍କଟାପଲମ ଆଶ୍ରମ ବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଣେ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଜଣେ ପୂର୍ବତନ କର୍ମଚାରୀ ଅବସର ଗ୍ରହଣ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସୂଚନା ଅନୁଯାୟୀ, ମୋଟୁ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ ଏପ୍ରିଲ ୩୦ରେ ଅବସର ଗ୍ରହଣ କରିଥିବା ବେଳେ ବିଭାଗର ପୂର୍ବତନ କର୍ମଚାରୀ ତଥା କାଲିମେଲା ବ୍ଲକ୍ କାର୍ଯ୍ୟାଳୟ ର ମୁଖ୍ୟ କିରାଣି ଭାବେ କାର୍ଯ୍ୟ କରୁଥିବା କେଶବ ଚନ୍ଦ୍ର ରାଉଳ ଅବସର ଗ୍ରହଣ କରିଛନ୍ତି । ସେମାନଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ସଭାରେ ମାଲକାନଗିରି ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଲାଲ ବାହାଦୁର ମଲ୍ଲିକ, ବୁଦ୍ରା କବାସି, ରଘୁନାଥ ନାୟକ, ବସନ୍ତ କୁମାର ମହାପାତ୍ର, ବିଜୟ କୁମାର ପାତ୍ର ଏବଂ ଜିଲାର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । କାଲିମେଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌର୍ଯ୍ୟରଞ୍ଜନ ନାୟକ ସଭାପତି ଦାୟିତ୍ୱ ତୁଲାଇଥିଲେ। କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରା ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅବସର ଗ୍ରହଣ କରିଥିବା ୨ ଜଣଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୧୦ମ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ସହ ଅତିଥି ।

କୋରୁକୋଣ୍ଡା,୩।୫(ଶିବଦତ୍ତ ସାହୁ)

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**

ବାଲିମେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୦ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ସହିତ ଚଳିତ ବର୍ଷ ଦଶମ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ରଙ୍କୁ ଶନିବାର ବିଦ୍ୟାଳୟ କର୍ତ୍ତୃପକ୍ଷ ପୁଷ୍ପଗଚ୍ଛଦେଇ ଶୁଭେଚ୍ଛା ଜଣାଇଥିଲେ। ୫୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-୧ ଗ୍ରେଡ୍ ୫ ଜଣ ପାଇଛନ୍ତି । ସେମାନେ ହେଲେ କ୍ରିଷ୍ଣାଶ୍ରୀୟା ସ୍ୱାଇଁ ୫୫୮,ପ୍ରାଚୀ ଦାସ ୫୪୯, ଅନ୍ୱେଷା ବିଶ୍ୱାଳ ୪୫୬, ସ୍ମୃତିରେଖା ପ୍ରଧାନ ୫୪୬,ନୀତୀଶ ପାଙ୍ଗୀ ୫୪୦। ସେମାନଙ୍କୁ ଅତିଥି ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟ ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ, ଉପ ସଭାପତି ବି.ଅରୁଣ କୁମାର ପାତ୍ର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ , ପୂର୍ବତନ ସମ୍ପାଦକ ବିଜୟ କୁମାର ରାଉତ, ବରିଷ୍ଠ ଗୁରୁଜୀ ସୁବାସ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁ ଓ ଗୌରାଙ୍ଗ ଚରଣ ମହାପାତ୍ର ପ୍ରମୁଖ ଯୋଗଦେବା ସହ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ ବଣ୍ଟନ କରାଯାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପରିଚାଳନା କରିବା ସହ ସମସ୍ତ ଗୁରୁମା ଗୁରୁଜୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## କୋରାପୁଟକୁ ହରାଇ ଫାଇନାଲରେ କୋରୁକୋଣ୍ଡା ଟିମ୍

କୋରୁକୋଣ୍ଡା, ୩।୫(ଶିବଦତ୍ତ ସାହୁ)

■ ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ
■ ଆଜି ଫାଇନାଲ ମ୍ୟାଚ

ବାଲିମେଲା ଷ୍ଟାଡିୟମରେ ଚାଲିଥିବା ପୂର୍ବତନ ନଗର ପାଳ ସ୍ୱର୍ଗତ ପ୍ରମୋଦ କୁମାର ସାହୁ ଆନ୍ତଃ ରାଜ୍ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ଶେଷ ହୋଇଛି। କୋରାପୁଟ ଓ କୋରୁକୋଣ୍ଡା ଟିମ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳ ହୋଇଥଲା। ମ୍ୟାଚରେ କୋରୁକୋଣ୍ଡା ଟିମ୍ କୋରାପୁଟ ଟିମ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ମୁଖ୍ୟ ଅତିଥିଭାବେ ବାଲିମେଲା ଏନ୍‌ଏସିର ୫ ନଂ. ୱାଡ କାଉନସିଲର ସୁନିତା ଗୁରୁ, ସମ୍ମାନିତ ଅତିଥି ବାଲିମେଲା ମଣ୍ଡଳ ଭାଜପା ବରିଷ୍ଠ ନେତା ପ୍ରଦୀପ କୁମାର ନାୟକ, ରବି ବେହେରା ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ।

ସୂଚନାଯୋଗ୍ୟ, ଗତ ମାସ ୨୬ ତାରିଖ ଛତିଶଗଡ ଚିନ୍ଦଗଡ଼ ଓ ବାଲିମେଲା ଟିମ୍ ମଧ୍ୟରେ ଖେଳା ହୋଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଚିନ୍ଦଗଡ଼ ଟିମ୍‌କୁ ହରାଇ ଫାଇନାଲରେ ପ୍ରବେଶ କରି ସାରିଥିଲା ବାଲିମେଲା ଟିମ୍ । ଏହି ଦୁଇଟି ସେମିଫାଇନାଲ ମ୍ୟାଚ ସରିବା ପରେ ମେ ୪ ରେ ବାଲିମେଲା ଓ କୋରୁକୋଣ୍ଡା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ।

ବାଲିମେଲା କ୍ରିକେଟ ଆସୋସିଏଶନର ଅଶେଷ ନନ୍ଦ, ଅକ୍ଷୟ ମହାରଣା,ଅଭିଷେକ ନାୟକ, ହୃଷୀକେଶ ରାୟ,ବାଲିମେଲା ଭାଜପା ନଗର ସଭାପତି ସୀମାଞ୍ଚଳ ପ୍ରଧାନ ଓ ଅନ୍ୟ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।


ଅତିଥିଙ୍କ ସହ ଖେଳାଳି ।

## ଭାଲୁ ଆକ୍ରମଣରେ ୨ ଗୁରୁତର

ଜୟପୁର,୩।୫(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଗଡପଦର ଅନ୍ତର୍ଗତ ଛତଡିପୁଟ ନିକଟରେ ଭାଲୁ ଆକ୍ରମଣରେ ୨ଜଣ ଶନିବାର ସକାଳ ୬ଟାରେ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତରମାନେ ହେଲେ ଛତଡିପୁଟ ଗ୍ରାମର ନିଚାଇ ହରିଜନ ଓ ଗଡପଦର ଗ୍ରାମର ପାର୍ବତୀ ପରଜା। ନିଚାଇ ନିକଟସ୍ଥ ଏକ କାଜୁବାଡକୁ ଯିବା ସମୟରେ ୩ଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ପାଟି କରିବାରୁ ଭାଲୁ ଗଡପଦର ଗ୍ରାମରେ ପଶିଯାଇଥିଲେ। ସେଠାରେ ପାର୍ବତୀଙ୍କୁ ଆକ୍ରମଣ କରିଥିଲେ। ଗ୍ରାମବାସୀ ଭାଲୁଙ୍କୁ ଘଉଡାଇବାରୁ ସେମାନେ ଜଙ୍ଗଲକୁ ଚାଲିଯାଇଥିଲେ। ୨ ଗୁରୁତରଙ୍କୁ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ବନବିଭାଗ ରେଞ୍ଜର ସଚ୍ଚିଦାନନ୍ଦ ପରିଡା ଡାକ୍ତରଖାନାକୁ ଯାଇ ଉଭୟଙ୍କୁ ଭେଟିଥିଲେ।

## ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଶ୍ରମିକ ଦିବସ

ମାଲକାନଗିରି, ୩।୫(ଦୁର୍ଯ୍ୟୋଧନ ପାତ୍ର)

ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଓ ଜିଲା ଜଜ୍ ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶ୍ରମିକ ଦିବସ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଜଜ୍ ଶାନ୍ତନୁ କୁମାର ଦାଶ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ସତ୍ୟପ୍ରିୟ ଦାସ, ଆଇନସେବା ପ୍ରାଧିକରଣ ସଚିବ ବିଚାରପତି ସଙ୍ଗୀତା ପାତ୍ର, ମହିଳା ଅଦାଲତ ବିଚାରପତି ବବିତା ଦାଶ, ରେଜିଷ୍ଟ୍ରାର ରୁଦ୍ରପ୍ରସାଦ ନାୟକ, ଗ୍ରାମ ନ୍ୟାୟାଳୟ ଦଣ୍ଡାଧିକାରୀ ଦେବେନ୍ଦ୍ର କୁମାର ବାଘ, ବିଚାରବିଭାଗୀୟ ଦଣ୍ଡାଧିକାରୀ ଆଦିତ୍ୟ କୁମାର ପୃଷ୍ଟି, ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ମୁଖ୍ୟ ଆଇନସେବା ଅଧିବକ୍ତା ଅଶୋକ କୁମାର ପଟ୍ଟନାୟକ, ଉପମୁଖ୍ୟ ଆଇନସେବା ଅଧିବକ୍ତା ରାଜେଶ ପଟ୍ଟନାୟକ, ସହାୟକ ଆଇନସେବା ଅଧିବକ୍ତା ସାଗର ପାଣିଗ୍ରାହୀ ଓ ସଂଯୁକ୍ତାଦତ୍ତ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ସମସ୍ତ ବିଚାରପତି ଶ୍ରମିକଙ୍କ ଅଧିକାର ଓ ସରକାରୀ ଯୋଜନା ଉପରେ ବୁଝାଇଥିଲେ। ବିଭିନ୍ନ ହିତାଧିକାରୀଙ୍କୁ ସେମାନଙ୍କ ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା, ଶିକ୍ଷା ସହାୟତା ଇତ୍ୟାଦି ପ୍ରଦାନ ସହ ବିଭିନ୍ନ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା।

## ଘରଡିହ ପଟ୍ଟା ଦେବାକୁ ଦାବି

ଜୟପୁର,୩।୫(ପବନ ପାଣିଗ୍ରାହୀ)

**ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ଜୟପୁର ବ୍ଲକ୍ ଅନ୍ତର୍ଗତ ବାରିଣିପୁଟ ପଞ୍ଚାୟତ ଓସିସି କଲୋନି ମୁଣ୍ଡିଗୁଡ଼ା ଗ୍ରାମବାସୀ ଘରଡିହ ପଟ୍ଟା ଦେବା ନେଇ ଉପଜିଲାପାଳ ଆକାବରମ୍ ଶସ୍ୟା ରେଡ୍ଡୀଙ୍କ ଦ୍ୱାରସ୍ଥ ହୋଇ ଶୁକ୍ରବାର ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ନମ୍ରତା ଗର୍ଡିଆଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଓସିସି କଲୋନିରେ ବସବାସ କରୁଥିବା ସମସ୍ତ ହିତାଧିକାରୀଙ୍କୁ ବର୍ତ୍ତମାନ ସୁଦ୍ଧା ସରକାରୀ ଘରଡିହ ପଟ୍ଟା ମିଳିନାହିଁ। ୨୦୧୯ରେ ୨୦୫୦ ଘରଡିହ ପାଇଁ ସରକାରଙ୍କ ନିକଟରେ ଗୁହାରି କରାଯାଇଥିଲା । କେବଳ ୪୯ ପରିବାରଙ୍କ ଘରଡିହ ପଟ୍ଟା ପ୍ରଶାସନିକ ଅଧିକାରୀମାନେ ୬ ମାସ ପୂର୍ବରୁ ବାରିଣିପୁଟ ପଞ୍ଚାୟତରେ ୨ ସେଣ୍ଟ ଲେଖାଏ ବଣ୍ଟନ କରିଥିଲେ। ୨୫୦ ପରିବାର ପାଇଁ ଘରଡିହ ମିଳିବ ବୋଲି ସରକାର ପ୍ରତିଶ୍ରୁତି ସହ ପଟ୍ଟା ଦେଇଥିଲେ। ପରେ ଯେଉଁ ସ୍ଥାନ ସରକାରୀ ଅଧିକାରୀ ଘରଡିହ ପାଇଁ ଅନାବାଦୀ ଡଙ୍ଗର ଦେଖାଇଥିଲେ ତାହାକୁ କେତେଜଣ ଲୋକ ବିରୋଧକରି ନିଷେଧ କରିଥିଲେ। ସେହି ଡଙ୍ଗର ଜୟପୁର ମୌଜା ୭ ଏକର ୫୦ ଡେସିମିଲ ସ୍ଥାନ ନିରୂପିତ ସରକାରଙ୍କ ପକ୍ଷରୁ ହୋଇଥିଲା। ସର୍ବଜ୍ଞାତ ଅନୁସାରେ ଡଙ୍ଗରକୁ ସମତଳ କରିବା ପାଇଁ ଗ୍ରାମବାସୀ କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ। ସରକାରଙ୍କ ଘରଡିହ ମିଳିବା ନିୟମ ଅନୁସାରେ ସମସ୍ତ ଗ୍ରାମବାସୀଙ୍କୁ ସ୍ଥାୟୀ ବାସିନ୍ଦାର ଘରଡିହ ପ୍ରଦାନ କରାଯାଉ। ୨୫୦ ପରିବାରକୁ ଦିଆଯାଇଥିବା ୭ ଏକର ୫୦ ଡେସିମିଲ ଡଙ୍ଗର ସ୍ଥାନରେ ପଟ୍ଟା ପ୍ରଦାନ କଲେ ଉପକୃତ ହେବେ ବୋଲି ଟଙ୍କାଧର ହରିଜନ, ବିବେକାନନ୍ଦ ବାସ୍କା, ସୁସୁ ବାଘ, ଏସ୍. ସଚିନ ନାଗ ପ୍ରମୁଖ ଦାବି କରିଛନ୍ତି।

## ଆଦିବାସୀଙ୍କ ଜମିରୁ ବଙ୍ଗୀୟ ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଦାବି

ମାଲକାନଗିରି,୩।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଆଦିବାସୀଙ୍କ ଜମିକୁ ବଙ୍ଗୀୟ ଅନୁପ୍ରବେଶକାରୀମାନେ ଜବର ଦଖଲ କରି ଆସୁଛନ୍ତି। ଏହାକୁ ଉଚ୍ଛେଦ କରି ତୁରନ୍ତ ଆଦିବାସୀଙ୍କୁ ହସ୍ତାନ୍ତର ପାଇଁ ଜିଲା ଅନୁସୂଚିତ ଜାତି ଓ ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଶନିବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି।

ଏଥିରେ ଚିତ୍ରକୋଣ୍ଡା ତହସିଲ କାମବାଡା ମୌଜାରେ ଗତ ମାସ ୨୦ ତାରିଖରେ ବଙ୍ଗୀୟ ଅନୁପ୍ରବେଶକାରୀ ଓ ଆଦିବାସୀଙ୍କ ମଧ୍ୟରେ ଜମି ସଂକ୍ରାନ୍ତୀୟ ବିବାଦକୁ ନେଇ ବଚସା ଓ ଗଣ୍ଡଗୋଳ ହୋଇଥିଲା। ଆଦିବାସୀମାନେ ଜମିର ଉର୍ବରତାକୁ ବଢାଇବା ପାଇଁ ନିଜ ଜମି ଗୁଡିକୁ ବର୍ଷେ ଦୁଇବର୍ଷ ବ୍ୟବଧାନରେ ଚାଷ କରିଥାନ୍ତି । ଏହାର ସୁଯୋଗ ନେଇ ବଙ୍ଗୀୟ ଅନୁପ୍ରବେଶକାରୀ ବେଆଇନ ଭାବେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଚଞ୍ଚକତାକରି ଆଦିବାସୀଜମି ଜବରଦଖଲକରି ନିଜ ନାମରେ ରେକର୍ଡ କରିଛନ୍ତି। ସମସ୍ତ ଜବରଦଖଲ କେଶ୍‌ଗୁଡିକୁ ବାତିଲ କରି ମୂଳଜମି ଆଦିବାସୀଙ୍କୁ ଫେରାଇବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ଜମିହୀନ ମୂଳନିବାସୀଙ୍କୁ ୪୦ ଡେସିମିଲ ଘରବାରୀ ପଟ୍ଟା ଓ ୫ ଏକର ଚାଷ ଜମି ପ୍ରଦାନ କରିବାକୁ ସଂଘ ଦାବି କରିଛି। ଏହି ଦାବିପତ୍ର ମାଲକାନଗିରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଜିଲାରେ ଆଇନ ଶୃଙ୍ଖଳାପରିସ୍ଥିତି ସୃଷ୍ଟିହେବା ଘଟଣାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଚେତାବନୀ ଦେଇଛନ୍ତି।

ଦାବିପତ୍ର ପ୍ରଦାନ ସମୟରେ କମିଟି ସଭାପତି ଜାରାଶବର ମାଢ଼ି, ସମ୍ପାଦକ ହରିବନ୍ଧୁ ଗଲରି, ଉପଦେଷ୍ଟା ପ୍ରଭାକର ହନ୍ତାଳ, ଉପସଭାପତି କାମେଶ୍ୱର ରାଓ, ଜିଲା ଆଦିବାସୀ ସଂଘ ସଭାପତି ବାଲାରାଜୁ ଗେମେଲ, କୋଷାଧ୍ୟକ୍ଷ ବୁଦ୍ରା କାର୍ତ୍ତାମୀ, କାର୍ଯ୍ୟକାରୀ ସଭାପତି ସୋନୁ ଅନୁଗୁ, ଜିଲା ସରପଂଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲି, କୋୟା ସମାଜ ସଭାପତି ମୁକୁନ୍ଦ ପଡିଆମି ପ୍ରମୁଖ ଉପସ୍ଥିତ ଥିଲେ।


ଦାବିପତ୍ର ଦେବାପାଇଁ ଆସିଥିବା ଜିଲା ଅନୁସୂଚିତ ଜାତି ଓ ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ।


"छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी

काष्ठागार धमतरी का ई-ऑक्सन का संक्षिप्त विज्ञापन

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल, धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार धमतरी से प्राप्त की जा सकती है।

नीलाम दिनांक - 13 मई 2025
नीलाम समय - प्रातः 09.00 बजे से

नीलाम में प्रस्तावित वनोपज की अनुमानित मात्रा

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली / खूंटा नग में | लट्टा घ.मी. | बल्ली / खूंटा नग में | लट्टा घ.मी. | बल्ली / खूंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 83.491 | 2217 | 125.698 | 2923 | 209.189 | 5140 |
| बीजा | 9.366 | 2 | 0.059 | - | 9.425 | 2 |
| शीशम | 0.052 | 2 | - | - | 0.052 | 2 |
| हल्दु / मुण्डी | 3.809 | 4 | 1.492 | - | 5.301 | 4 |
| साजा | 13.670 | 61 | 2.139 | - | 15.809 | 61 |
| घावडा | 8.098 | - | - | - | 8.098 | - |
| नीलगिरी | - | - | 0.361 | - | 0.361 | - |
| पापडा | 0.656 | - | - | - | 0.656 | - |
| अन्य | 85.491 | 2459 | 48.012 | - | 133.503 | 2459 |
| योग | **204.633** | **4745** | **177.761** | **2923** | **382.394** | **7668** |

जलाऊ

| प्रजाति | काष्ठागार धमतरी नया | केन्द्रीय उपभोक्ता डिपो शयामतराई पुराना बांस | कुरूद डिपो में पुराना बांस विभिन्न साईज के टुकड़ो में (साईज 5.50 मीटर) |
|---|---|---|---|
| सागौन | 26 | - | - |
| अन्य | 69 | 1923 नग | 1000 नग |
| योग | 95 | 1923 नग | 1000 नग |

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लोंटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

फोन: 07722-238371, फैक्स: 07722-236137

G-252600629/2

स्वा. / - वनमण्डलाधिकारी, धमतरी वनमंडल, धमतरी



ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/ E-Tender/06, ତା.28.04.2025ରିଖ

(1) ଟେଣ୍ଡର ସଂ. e-Tender-estatekur-15-25, ତା.23.04.2025ରିଖ

ବିବରଣୀ : ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର ଅଧୀନସ୍ଥ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର (ୱାର୍କସପ୍) ସେକ୍ସନରେ 30.06.2026 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 173.89 ଲକ୍ଷ, EMD : ₹ 2,37,000/-

(2) ଟେଣ୍ଡର ସଂ. e-Tender-estatekur-11-25, ତା.23.04.2025ରିଖ

ବିବରଣୀ : ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ଚନ୍ଦ୍ରଶେଖରପୁର/ପଶ୍ଚିମ, ଭୁବନେଶ୍ୱର ସେକ୍ସନ ଅଧିନରେ ରେଳ ବିହାର କଲୋନୀରେ 30 ଜୁନ-2026 ରେ ଶେଷ ହେଉଥିବା ବର୍ଷ ନିମନ୍ତେ ପ୍ରତ୍ୟେକ ଟ.5 ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକଚରଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 155.00 ଲକ୍ଷ, EMD : ₹ 2,27,500/-

(3) ଟେଣ୍ଡର ସଂ. e-Tender-estatekur-12-25, ତା.23.04.2025ରିଖ

ବିବରଣୀ : ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ଚନ୍ଦ୍ରଶେଖରପୁର/ପୂର୍ବ, ଭୁବନେଶ୍ୱର ସେକ୍ସନ ଅଧିନରେ ରେଳ କୁଞ୍ଜ, ରେଳ କୁଟୀର, ରେଳ ଆବାସ, ମଞ୍ଚେଶ୍ୱର କଲୋନୀ, ଷ୍ଟାଡିୟମ ଏବଂ ରେଳ ସଦନରେ 30 ଜୁନ-2026 ରେ ଶେଷ ହେଉଥିବା ବର୍ଷ ନିମନ୍ତେ ପ୍ରତ୍ୟେକ ଟ.5 ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 170.08 ଲକ୍ଷ, EMD : ₹ 2,35,100/-

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.05.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-87/Q/25-26

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହସ ମହୌଷଧି



ପ୍ରଖ୍ୟାତ ହାସ୍ୟାଭିନେତା ଚାର୍ଲି ଚାପଲିନ୍ କହିଥିଲେ, 'ଯେଉଁଦିନ ମୁଁ ହସି ନ ଥାଏ, ସେ ଦିନ ମୋର ବେକାର ଗଲା ପରି ମନେକରେ।' ବାସ୍ତବରେ 'ହସ' ଏପରି ଏକ ଅମୂଲ୍ୟ କାର୍ଯ୍ୟ ଯାହା ପ୍ରତ୍ୟେକ ମଣିଷ ପାଇଁ ଅଶେଷ ହିତକାରୀ। ଏଥିସହ ଏହା ଅନେକ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାରରୁ ମୁକ୍ତି ଦେଇଥାଏ। ମଣିଷ ବିଷାଦଗ୍ରସ୍ତ ହେଲେ ତା'ର ଉପକାରୀ ହରମୋନ୍ ଓ ରାସାୟନିକ ତତ୍ତ୍ୱ କ୍ଷରଣରେ ବାଧା ସୃଷ୍ଟି ହୋଇଥାଏ। ମନ ଓ ମାନସିକ ଅବସ୍ଥାକୁ ସନ୍ତୁଳନ କରୁଥିବା ରାସାୟନିକ ପଦାର୍ଥ ଯଥା- ଗାବା, ସିରୋଟୋନିନ୍, ଆଡ୍ରେନାଲିନ୍ ଓ ଡୋପାମିନ୍‌ଗୁଡ଼ିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଆମର ଦୁଃଖ, ବ୍ୟାକୁଳତା, ଆନନ୍ଦ ଓ ହସ ସହିତ ଜଡ଼ିତ ଥାଆନ୍ତି। ଡୋପାମିନ କମ୍ ହେଲେ ବିଷାଦ ଆସିଥାଏ ଓ ଆଡ୍ରେନାଲିନ୍ ଅଧିକ ହେଲେ ଉନ୍ମାଦନା ଓ ଚଞ୍ଚଳତା ଆସିଥାଏ। ମଣିଷ ଚାପଗ୍ରସ୍ତ, ବିଷାଦଗ୍ରସ୍ତ ଓ ଆତୁର ନ ରହିଲେ ତା'ର ଆଭ୍ୟନ୍ତରୀଣ ଶରୀରର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ଚାଲିଥାଏ, ନଚେତ୍ ସବୁ କାର୍ଯ୍ୟ ଶିଥିଳ ହୋଇଯାଏ। ଅଧିକାଂଶ ରୋଗ ମନ ସହିତ ଜଡ଼ିତ ଓ ଖାଲି ଶାରୀରିକ ରୋଗର ଚିକିତ୍ସା କଲେ ସେସବୁ ଭଲ ହୋଇ ନ ଥାଏ। ବରଂ ଉଭୟ ଶାରୀରିକ ଓ ମାନସିକ ବ୍ୟତିକ୍ରମର ଚିକିତ୍ସା କଲେ ରୋଗୀଟି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥାଏ। ହସ ଓ କାନ୍ଦ ଦୁଇଟି ମଧ୍ୟରୁ ହସ ପାଇଁ ଅଧିକ ମାଂସପେଶୀ କାର୍ଯ୍ୟ କରିଥାଆନ୍ତି। କାନ୍ଦ ଯଦିଓ ମଣିଷର ଅନ୍ତରରୁ ଅନେକ ଦୁଃଖ ଓ କଷ୍ଟ ଧୋଇଦେଇଥାଏ। ହସ ମଣିଷକୁ ପ୍ରଫୁଲ୍ଲତା ପ୍ରଦାନ କରିଥାଏ। ଗୋଟିଏ ହସ କୋଟିଏଙ୍କ ମନରେ ପୁଲକ ଭରି ଦେଇଥାଏ, ମାତ୍ର ଏହା ଆକ୍ଷେପପୂର୍ଣ୍ଣ, ଅପମାନିତ କରିବା ଭଳି ହେବା ଉଚିତ ନୁହେଁ।



**-ଡା. ରାମଚନ୍ଦ୍ର ରାଉତ,** ପୂର୍ବତନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ:୮୨୪୯୦୮୭୯୯୮

## ସ୍ୱାସ୍ଥ୍ୟ, ଶାନ୍ତି, ଖୁସି ପାଇଁ ହସ

୧୯୯୮ ମେ' ୧୦ରେ ମୁମ୍ବାଇଠାରେ ଡା. ମଦନ କାଟାରିଆଙ୍କ ତତ୍ତ୍ୱାବଧାନରେ ପ୍ରଥମେ ବିଶ୍ୱ ହସ ଦିବସ ପାଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ମେ' ପ୍ରଥମ ରବିବାରକୁ ଏହି ଦିବସ ଭାବେ ପାଳନ କରାଯାଇଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ସ୍ୱାସ୍ଥ୍ୟ, ଶାନ୍ତି ଏବଂ ଖୁସି ପାଇଁ ହସ'।

## ସବୁଠୁ ପଜିଟିଭ୍ ଭାଇବ୍ରେଶନ୍ ହସ



ବିଶ୍ୱର ସବୁଠୁ ପଜିଟିଭ୍ ଭାଇବ୍ରେଶନ୍ ହେଉଛି ହସ। ପ୍ରତିଦିନ ହସିଲେ ପ୍ରାୟ ୯୯.୯% ରୋଗ ଭଲ ହୋଇପାରେ। ହସରେ ଏମିତି ଶକ୍ତି ରହିଛି ଯାହା ତା'ର ସକାରାତ୍ମକ ପ୍ରଭାବ ଦ୍ୱାରା ଅନ୍ୟକୁ ବି ଆକର୍ଷିତ କରିପାରେ। ମୋ ମତରେ ସମସ୍ତେ ପ୍ରତିଦିନ ଅତି କମ୍‌ରେ ୨ ରୁ ୫ମିନିଟ୍ ହସିବା ଦରକାର। ୨୨ଦିନ ପର୍ଯ୍ୟନ୍ତ ଏପରି କଲେ ଦେଖିବେ ୨୩ ଦିନକୁ ତାହା ଅଭ୍ୟାସରେ ପରିଣତ ହୋଇଯିବ।

**-ଅଭିଷେକ ମହାନ୍ତି,** ଯୋଗଗୁରୁ, ଭୁବନେଶ୍ୱର

## ଅନ୍ତରର ଖୁସି ଅଧିକ ଗୁରୁତ୍ୱପୂର୍ଣ୍ଣ



ହସିଲେ ମନ ଖୁସି ହୁଏ। କାରଣ ହସର ସିଧାସଳଖ ପ୍ରଭାବ ରହିଛି ମନ ଓ ଆବେଗ ଉପରେ। ମନ ଖୁସିରେ ହସିଲେ ତା'ର ପ୍ରଭାବ ଅଧିକ ରହିବ। ଖୁସିରେ ହସିବା ପାଇଁ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଦିଗକୁ ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରକୃତପକ୍ଷେ ଅନ୍ତରର ଖୁସି ଅଧିକ ଗୁରୁତ୍ୱପୂର୍ଣ୍ଣ।

**- କଳ୍ପନା ସାହୁ,** ଆସୋସିଏଟ୍ ପ୍ରଫେସର, ଏକ୍ସଆଇଏମ ୟୁନିଭର୍ସିଟି

## ଛୋଟ ପିଲାଙ୍କ ସହ ହସିବାକୁ ଭଲପାଏ



ହସ ହେଉଛି ଦିବ୍ୟ ପ୍ରବାହ। ଖୁସି ପାଇବା ପାଇଁ ସର୍ବଦା ହସିବାକୁ ଚେଷ୍ଟା କରେ। ଆଉ ସବୁବେଳେ ଛୋଟ ପିଲାଙ୍କ ସହ ହସିବାକୁ ଭଲ ପାଏ। ବ୍ୟସ୍ତ ବହୁଳ ଜୀବନରୁ ଟିକିଏ ସମୟ ବାହାର କରି ଏଭଳି କରିବା ଦ୍ୱାରା ମନ ପ୍ରଫୁଲ୍ଲ ରହେ।

**-ସୁଧୀର ରଞ୍ଜନ ପଟ୍ଟନାୟକ,** ମ୍ୟାନେଜର (ଏଚ୍.ଆର), ସ୍ୱଞ୍ଜ ଆଇରନ୍ ପ୍ଲାଣ୍ଟ, ରାଉରକେଲା

## ଚରିତ୍ର ସହ ହଜି ଯିବାକୁ ହୁଏ

ଯେଉଁ ଚରିତ୍ରରେ ଆମେ ଅଭିନୟ କରୁ ତାହାକୁ ସଫଳ କରିବାକୁ ଭୂମିକା ସହ ଶତ ପ୍ରତିଶତ ହଜି ଯିବାକୁ ପଡେ। ଏଥିପାଇଁ ତିନୋଟି ବିଷୟ- ଇମାଜିନେଶନ, ଇମିଟେସନ ଏବଂ ଇମ୍ପ୍ରେସନକୁ ଗୁରୁତ୍ୱ ଦେବାକୁ ପଡେ। ମନେକରନ୍ତୁ ମୁଁ ଯଦୁମଣି ମହାପାତ୍ର ଭୂମିକାରେ ଅଭିନୟ କରିବି। ତେଣୁ ସେହି ଭୂମିକା ସହ ସମ୍ପୂର୍ଣ୍ଣ ଭାବରେ ହଜିଯିବାକୁ ପଡିବ। ଏହାଦ୍ୱାରା ଭୂମିକାଟିକୁ ଭଲ ଭାବରେ ତୁଲାଇ ହୁଏ।



**-ହରିହର ମହାପାତ୍ର,** ହାସ୍ୟାଭିନେତା

**୧୫ ମିନିଟ୍‌ର ହସ ୪୦ କ୍ୟାଲୋରି ପର୍ଯ୍ୟନ୍ତ ଦହନ କରିଥାଏ ଏବଂ ଏହା ଶାରୀରିକ ଓଜନ କମାଇବା ତଥା ସୁସ୍ଥ ରହିବାରେ ସହାୟକ ହୋଇଥାଏ।**



## ମନେ ପଡ଼ନ୍ତି

### ପ୍ରଥମ ବାର୍ଷିକ ଶ୍ରାଦ୍ଧଦିବସ



ସ୍ୱର୍ଗତ ଦିଲ୍ଲିପ କୁମାର ପାହାନ (ନିଲୁ)
ଶ୍ରୀକୃଷ୍ଣଶରଣପୁର ଶାସନ (ଲୋଙ୍ଘର), ଖଲିକୋଟ, ଗଞ୍ଜାମ
ଆବିର୍ଭାବ: ୦୪।୦୭।୧୯୯୧
ତିରୋଧାନ: ୧୫।୦୫।୨୦୨୪
ଭାଇ, ଦୁର୍ବୃତ୍ତମାନେ ଆମ ପାଖରୁ ତତେ ଛଡ଼ାଇ ନେଲେ ତଥାପି ପରିବାର ଲୋକ, ସାଙ୍ଗସାଥୀ, ଗ୍ରାମବାସୀଙ୍କ ପ୍ରତି ତୋର ରହିଥିବା ସ୍ନେହ, ଶ୍ରଦ୍ଧା ଓ ଅବଦାନକୁ ସମସ୍ତେ ଝୁରୁଛନ୍ତି। ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ସକଳେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ଭାଇ: କିଡୁ, ସ୍ତ୍ରୀ: ସାବିତ୍ରୀ, ପୁଅ: ଦିବ୍ୟାଂଶୁ, ଭଉଣୀ: ପିଙ୍କି, ଛବି, ଭଣଜା, ଝିଆରୀ: ଓମ୍, ସାଇ, ଲକି ଓ ଅନ୍ୟମାନେ
ଧ-୩୮୮

### ଦଶାହ ଉପଲକ୍ଷେ



ଣ୍ଟକୃଷ୍ଣଚନ୍ଦ୍ର ମିଶ୍ର
ନିଜସ୍ୱ ବାସଭବନ, ଧାନକୋଠି ସାହି, ପୁରୀ
ଆବିର୍ଭାବ: ୦୨।୦୩।୧୯୩୮
ତିରୋଧାନ: ୨୫।୦୪।୨୦୨୫
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।
ଧ-୩୮୪



# Classified Everyday

0674-2580101, 9692975378



MATRIMONIAL

**BRIDE WANTED**

୩୪ବର୍ଷ ସୁନ୍ଦର ବିନମ୍ର (MBA ଦିଲ୍ଲୀ) ଲ ଲ ବି କ୍ୱାଲିଫାଏଡ ପୁରୀରେ ଆଇନଜୀବୀ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର। ଯୋଗାଯୋଗ- 7978626462. D-377

**GROOM WANTED**

Retd ଏକାକୀ ରହୁଥିବା Govt. ଶିକ୍ଷୟିତ୍ରୀ ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। ଘରଜ୍ୱାଇଁ ପ୍ରାଥମିକତା। 8327715036. D-379

47 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-378



REAL ESTATE
SALE

National and International Project @ 3lakhs to 30lakhs Contact- 8917622925. D-367

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-74649



CONSTRUCTION

Construct your home with branded materials, all complete furnishing, price start 1280/- per sqft. 9827152441. D-76818

Do you want to construct a building on your own plot please contact K.K. Construction. 7008268129, 9439143273. D-71397



FOR RENT

Ground Floor Single Room attached Toilet for Office at VSS Nagar. 7873657633. D-374

3BHK flat Ashok Nagar, Rajmahal Sqr. 9437778642. D-382

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Healthcare

**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by odia therapist in homely atmosphere. 9556498382. D-75384


## AFFIDAVIT

By virtue of an affidavit sworn before the Notary Public, Dharmasala, dated 03.05.2025, I, Sabita Das, Address: At-Phajilpur, P.O.-Mirzapur, P.S.- Dharmasala, Dist.-Jajpur, Odisha-755008 declare that I have changed my son's name from Chadrasakhara Das to Chandra Sekhar Das. Henceforth, he shall be known as Chandra Sekhar Das for all purposes.
D-375

By virtue of an affidavit No.- 783, dated 02.05.2025 sworn before the Executive Magistrate, Dharmasala, I, Sandhyarani Dash, W/o- Sanjay Dash, At-Dankari, P.O.- Mahisara, P.S.- Jenapur, Dist.- Jajpur declare that my minor son's old name Prailaya Dash changed to new name Pralay Dash. Henceforth, he shall be known as Pralay Dash for all purposes. D-376

I, Gulibindala Ranjit Kumar, S/o- Gulibindala Chiranjeebulu, resident of Radhu, Radu, Derigam, Rayagada, Odisha, PIN-Code-765024 declared by the affidavit No.- 21, dated-26.04.2025 that now onwa rds I shall be known as Gulibindal Ranjit Kumar for all future purposes. D-383

## LEGAL NOTICE

I.R. No.- 625
Date- 23.04.2025

ନୋଟିସ୍

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ ୨ନ୍ଦର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୧୮୪/୨୦୨୩ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

ସୁଶ୍ରୀ ସଂଗୀତା ପ୍ରଧାନ, ବୟସ ୪୫ ବର୍ଷ, ସ୍ୱାମୀ- ପଦ୍ମନାଭ ପ୍ରଧାନ, ଠିକଣା- ସା- ପ୍ଲଟ୍ ନଂ. ଏନ୍- ୫ନ୍ଦର, ଇ/୨୫୮, ଆଇ.ଆର୍.ସି. ଭିଲେଜ, ଥାନା- ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଜିଲ୍ଲା- ଖୋର୍ଦ୍ଧା,

....ବାଦୀ

ବନାମ

୧. ଇଲା ଦାସ, ସ୍ୱାମୀ- ସତ୍ୟ ମାଧବ ଦାସ, ସା- ପ୍ଲଟ୍ ନଂ. ୬୦୮ ନ୍ଦର, ଭଗବାନ ଟାୱାର, କଟକ ରୋଡ, ଲକ୍ଷ୍ମୀସାଗର, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୩. ଅମ୍ରିତା ରଏ, ସ୍ୱାମୀ- ତଡିତ କୁମାର ରୟ, ସା- ମୟାପୁରୀ, ଆପାର୍ଟମେଣ୍ଟ, ରାମକୃଷ୍ଣ ମଠ ପଛପାଖ, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୪. ଲଳିତା ମହାନ୍ତି, ସ୍ୱାମୀ- ମେଜର ଏଲ୍.କେ. ମହାନ୍ତି, ସା- ରଶ୍ମି ଆପାର୍ଟମେଣ୍ଟ, ନାଗେଶ୍ୱର ଟାଙ୍ଗି, ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୫. ଦେବୀ ଦାସ, ସ୍ୱାମୀ- ଣ୍ଟନୀଳମାଧବ ଦାସ, ସା- ପ୍ଲଟ୍ ନଂ୬୦୮ନ୍ଦର, ଭଗବାନ ଟାୱାର, କଟକ ରୋଡ଼, ଲକ୍ଷ୍ମୀସାଗର, ପୋଷ୍ଟ- ଲକ୍ଷ୍ମୀସାଗର, ଭୁବନେଶ୍ୱର- ୭୫୧୦୦୬, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୬. କଳା ଦାସ, ସ୍ୱାମୀ- ଣ୍ଟଉଦୟମାଧବ ଦାସ, ସା- ନାଗେଶ୍ୱର ଟାଙ୍ଗୀ, ପୋଷ୍ଟ- ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୭. ପ୍ରିୟମ୍ବଦା ଦାସ, ସ୍ୱାମୀ- ବୈଷ୍ଣବ ଚରଣ ଦାସ, ସା- ଓଲ୍ଡ ଟାଉନ, ଥାନା- ଲିଙ୍ଗରାଜ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୮. ଶିବାନୀ ଇଷ୍ଟେଟ ଆଣ୍ଡ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ତରଫ ମ୍ୟାନେଜିଂ ଡାଇରେକ୍ଟର, ରତିକାନ୍ତ କାନୁନ୍‌ଗୋ, ସା- ପ୍ଲଟ ନଂ ୨୫୧ନ୍ଦର, ସହିଦ ନଗର, ଭୁବନେଶ୍ୱର- ୭୫୧୦୦୭, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,

....ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦିନୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ଼ କରିବା ପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକଦ୍ୱାରା ନୋଟିସ୍ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀ ନମ୍ବର୪ଙ୍କୁ ମୃତ୍ୟୁ ଦର୍ଶାଯାଇ ଓ ଅନ୍ୟ ପ୍ରତିବାଦୀମାନଙ୍କର ବିଭିନ୍ନ କାରଣ ଦର୍ଶାଯାଇ ନୋଟିସ୍ ଜାରି ନହୋଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୦୩।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା।

ଜମିର ବିବରଣୀ

ମୌଜା: ନୀଳକଣ୍ଠପୁର, ଥାନା- ଚନ୍ଦକା, ଥାନା ନଂ- ୧୫ନ୍ଦର, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ୯୦ନ୍ଦର, ସାବିକ ପ୍ଲଟ୍ ନଂ ୨୭୭ନ୍ଦର, ଏ୧.୦୨୦ ଡିସିମିଲ ସ୍ଥଳରୁ କ୍ରୟ ବୃତ୍ତି ଏ୦.୦୫୫ ଡିସିମିଲ, ହାଲ ଖାତା ନଂ୧୯୯ନ୍ଦର, ହାଲ ପ୍ଲଟ୍ ନଂ୨୮୨ନ୍ଦର, ରକବା ଏ୦.୩୪୬ ଡିସିମିଲ ସ୍ଥଳରୁ ଏ୦.୦୨୮ ଡିସିମିଲ ଓ ହାଲ ପ୍ଲଟ୍ ନଂ୨୮୩ନ୍ଦର, ଏ୦.୩୭୬ ଡିସିମିଲ ସ୍ଥଳରୁ ଏ୦.୦୨୭ ଡିସିମିଲ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ପ୍ରତିବାଦୀ ନମ୍ବର ୧,୩,୫,୬,୭ ଓ ୮ ମାନେ ଓ ପ୍ରତିବାଦୀ ନଂ୪ନ୍ଦରଙ୍କର ୱାରସମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ ୨ନ୍ଦରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୮୭

---

ବୌଦ୍ଧ ମୁକାମ ସିଭିଲ୍ ଜଜ୍ (ସିନିୟର ଡିଭିଜନ୍)ଙ୍କ ଅଦାଲତ, ବୌଦ୍ଧ
ସି.ଏସ୍.ନଂ: ୬୭/୨୦୨୦

ରଞ୍ଜନ କୁମାର ଦାଶ, ବ୪୮ର୍ଷ, ପିତା: ବିଜୟ କୁମାର ଦାଶ, ସାକିନି: ରାଜନପାଲି, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ

....ବାଦୀ

ବନାମ

୧. ପ୍ରଜ୍ଞା ପରିମିତା ଦାଶ, ବ୩୫ର୍ଷ, ସ୍ୱାମୀ: ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସାକିନି: ଚାଉଁପୁର, ପୋଷ୍ଟ/ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ- ୭୬୨୨୦୧୩। ୨. ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪

.... ପ୍ରତିବାଦିନୀମାନେ

ଦେୱାନୀ କାର୍ଯ୍ୟବିଧି ଆଇନ ଅର୍ଡର-୫, ରୁଲ୍-୨୦ (୧) ମତେ ନୋଟିସ୍

ଏତଦ୍ୱାରା (୧) ପ୍ରଜ୍ଞା ପରିମିତା ଦାଶ, ବ୩୫ର୍ଷ, ସ୍ୱାମୀ: ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସାକିନି: ଚାଉଁପୁର, ପୋଷ୍ଟ/ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ- ୭୬୨୨୦୧୩। (୨) ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪ ମାନଙ୍କୁ ଜଣାଇ ଦିଆଯାଉଅଛି କି, ଆପଣମାନଙ୍କ ବିରୁଦ୍ଧରେ ଉପରୋକ୍ତ ମୋକଦ୍ଦମାର ବାଦୀ ଏକ ବଂଟୁଆରା (ପାର୍ଟିସନ୍) ମୋକଦ୍ଦମା ଦାଖଲ କରିଅଛନ୍ତି। ଆପଣମାନଙ୍କ ନାମରେ ଯାଉଥିବା ବିଧିବଦ୍ଧ କୋର୍ଟ ନୋଟିସ୍ ବାରମ୍ବାର ଫେରସ୍ତ ଆସୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣମାନେ ସ୍ୱୟଂ କିମ୍ବା ଆପଣମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା. ୧୫।୦୫।୨୦୨୫ରିଖ ଦିବା ଘ.୧୦.୩୦ ମିନିଟ୍ ସମୟେ ଅଦାଲତରେ ହାଜର ହୋଇ ଆପଣମାନଙ୍କ ପକ୍ଷ ରଖିବେ, ନଚେତ୍ ଆପଣମାନଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଦ୍ୟ ତା ୧୬।୦୪।୨୦୨୫ରିଖ ମାସ ବର୍ଷ ସହ ଆମ୍ଭର ମୋହର ଲଗାଗଲା।

ସ୍ୱା./- ସିଭିଲ୍ ଜଜ୍, ସିନିୟର ଡିଭିଜନ ବୌଦ୍ଧ
ଧ-୩୮୬

---

ବୌଦ୍ଧ ମୁକାମ ସିଭିଲ୍ ଜଜ୍ (ସିନିୟର ଡିଭିଜନ୍)ଙ୍କ ଅଦାଲତ, ବୌଦ୍ଧ
ଆଇ.ଏ.ନଂ:୨୫/୨୦୨୦

ରଞ୍ଜନ କୁମାର ଦାଶ, ବ୪୮ର୍ଷ, ପିତା: ବିଜୟ କୁମାର ଦାଶ, ସାକିନି: ରାଜନପାଲି, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ

....ବାଦୀ

ବନାମ

୧. ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ- ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪

....ପ୍ରତିବାଦିନୀ

ଦେୱାନୀ କାର୍ଯ୍ୟବିଧି ଆଇନ ଅର୍ଡର-୫, ରୁଲ୍-୨୦ (୧) ମତେ ନୋଟିସ୍

ଏତଦ୍ୱାରା ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନି: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪

ମାନଙ୍କୁ ଜଣାଇଦିଆଯାଉଅଛି କି ଆପଣମାନଙ୍କ ବିରୁଦ୍ଧରେ ଉପରୋକ୍ତ ମୋକଦ୍ଦମାର ବାଦୀ ଏକ ବଂଟୁଆରା (ପାର୍ଟିସନ୍) ମୋକଦ୍ଦମା ଦାଖଲ କରିଅଛନ୍ତି। ସେଥିରେ ଉପରୋକ୍ତ ନିଷେଧାଦେଶ ଦରଖାସ୍ତ ଦାଖଲ କରିଅଛନ୍ତି। ଆପଣଙ୍କ ନାମରେ ଯାଉଥିବା ବିଧିବଦ୍ଧ କୋର୍ଟ ନୋଟିସ୍ ବାରମ୍ବାର ଫେରସ୍ତ ଆସୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣ ସ୍ୱୟଂ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା. ୧୫।୦୫।୨୦୨୫ରିଖ ଦିବା ଘ.୧୦.୩୦ ମିନିଟ୍ ସମୟେ ଅଦାଲତରେ ହାଜର ହୋଇ ଆପଣଙ୍କର ପକ୍ଷ ରଖିବେ, ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଦ୍ୟ ତା. ୧୬।୦୪।୨୦୨୫ରିଖ ମାସ ବର୍ଷ ସହ ଆମ୍ଭର ମୋହର ଲଗାଗଲା।

ସ୍ୱା./- ସିଭିଲ୍ ଜଜ୍, ସିନିୟର ଡିଭିଜନ ବୌଦ୍ଧ
ଧ- ୩୮୫


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବନ୍ୟାଞ୍ଚଳରେ ଶୃଙ୍ଖଳା ଖାଦ୍ୟ, ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

**ନବରଙ୍ଗପୁର,୩।୫(ସଦାଶିବ ପ୍ରହରାଜ)**


ଅତିଥିମାନେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଖସଡ଼ା ୨୦୨୫ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ନବରଙ୍ଗପୁର ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ପୂର୍ବାହ୍ନ ୧୧ଟାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା(ବନ୍ୟା) କମିଟିର ଏକ ବୈଠକ କରାଯାଇଛି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଏମପି ପ୍ରତିନିଧି ପ୍ରହଲ୍ଲାଦ ତ୍ରିପାଠୀ, ଝରିଗାଁ ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ଦାସ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ଜିଲାପାଳ ତପନ ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଜରୁରୀକାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକଙ୍କ ସମେତ ଜିଲାସ୍ତରୀୟ ସମସ୍ତ ଅଧିକାରୀ ବିଡିଓ ଏବଂ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ବିପର୍ଯ୍ୟୟ ସମୟରେ ସବୁ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିଲେ ବିପଦକୁ ସହଜରେ ଏଡ଼ାଯାଇପାରିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ଏହି ଅବସରରେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଖସଡ଼ା ୨୦୨୫ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

ବନ୍ୟାର ସଫଳ ମୁକାବିଲା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ଥିବା ଦୁର୍ବଳ ନଦୀବନ୍ଧଗୁଡ଼ିକୁ ଶୀଘ୍ର ଚିହ୍ନଟ କରି ତାର ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନଦର୍ଦ୍ଦେଶ ଦେଇଛନ୍ତି। ବନ୍ୟା ପ୍ରବଣ ଅଞ୍ଚଳ ଗୁଡିକରେ ପ୍ରଯ୍ୟାପ୍ତ ପରିମାଣରେ ଚାଉଳ, କିରୋସିନୀ, ଚୁଡା, ଗୁଡ଼, ଗୋଖାଦ୍ୟ, ଔଷଧ ସହ ଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା ଉପରେ ଯଥା ସମ୍ଭବ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ସମ୍ଭାବ୍ୟ ମହାମାରୀକୁ ପ୍ରତିହିତ କରିବା ନିମନ୍ତେ ସିଡିଏମ୍‌ଓ ଏବଂ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ବନ୍ୟା ପ୍ଲାବିତ ଅଞ୍ଚଳରେ ସାପ କାମୁଡ଼ା ଇଞ୍ଜେକସନ୍, ହେଲୋଜିନ୍ ବଟିକା, ଓଆର୍‌ଏସ୍, ବ୍ଲିଚିଂ ଆଦି ମହଜୁଦ ରଖିବାକୁ କୁହାଯାଇଛି। ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ରଖିବା, ଖାଦ୍ୟ, ପାନୀୟ, ଶିଶୁ ଖାଦ୍ୟ, ଔଷଧ, ଆଲୋକର ବ୍ୟବସ୍ଥା, ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ମହିଳା, ଶିଶୁ, ଦିବ୍ୟାଙ୍ଗ ଓ ବୃଦ୍ଧାବୃଦ୍ଧଙ୍କୁ ସୁରକ୍ଷିତ ସ୍ଥାନାନ୍ତରିତ ଉପରେ ଆଲୋକପାତ କରାଯାଇଛି। ବର୍ଷା ପୂର୍ବରୁ ନଦୀବନ୍ଧ ଘାଇ ମରାମତି, ସହରାଞ୍ଚଳରେ ନାଳ ସଫେଇ ଓ ମରାମତି, ପାଇପ୍ ଦ୍ୱାରା ବିଶୁଦ୍ଧ ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ଏବଂ ବିପର୍ଯ୍ୟୟ ସମୟରେ ରାସ୍ତା ଅବରୋଧକୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ସଡ଼କ ପରିଷ୍କାର, ଅର୍ଦ୍ଧ ଭଗ୍ନ ବିଦ୍ୟୁତ୍ ଖୁଣ୍ଟ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳିନ ଭିତ୍ତିରେ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସଠିକ ବୃଷ୍ଟିର ପରିମାଣ ଜିଲା ଜରୁରୀକାଳୀନ ଉପବିଭାଗକୁ ପ୍ରେରଣ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପାପଡ଼ାହାଣ୍ଡିରୁ ୨ ଫେରାର ଅଭିଯୁକ୍ତ ଗିରଫ

**ପାପଡ଼ାହାଣ୍ଡି, ୩।୫(ସ୍ୱପ୍ନଜିତ ପଟ୍ଟନାୟକ)**

## ପାଟଣାଗଡ଼ ପୋଲିସଙ୍କୁ ହସ୍ତାନ୍ତରକଲା ପାପଡ଼ାହାଣ୍ଡି ପୋଲିସ

୨୦୨୦ରେ ପାଟଣାଗଡ଼ରେ ଘଟିଥିବା ଏକ ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଫେରାର ଅଭିଯୁକ୍ତଙ୍କୁ ଶୁକ୍ରବାର ରାତିରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପୋଲିସ ଗିରଫ କରିଥିଲା। ଶନିବାର ସକାଳେ ସେମାନଙ୍କୁ ପାଟଣାଗଡ଼ ପୋଲିସକୁ ହସ୍ତାନ୍ତର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲା ପାଟଣାଗଡ଼ ସହରପଡ଼ାର ଗଙ୍ଗୁଆ ମାଝୀ ଓ ତାଙ୍କ ପୁଅ ଦେବରାଜ ମାଝୀ।

ପୋଲିସ ସୂଚନାନୁଯାୟୀ, ୨୦୨୦ରେ ପାଟଣାଗଡ଼ରେ ୨ ଯାଯାବର ସମ୍ପ୍ରଦାୟର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀର ୯ଜଣ ମିଶି ଅନ୍ୟ ଗୋଷ୍ଠୀର ୭ ଜଣ ଲୋକଙ୍କୁ ହତ୍ୟା କରିଥିଲେ। ୯ ଅଭିଯୁକ୍ତଙ୍କ ମଧ୍ୟରୁ ବାପା ଗଙ୍ଗୁଆ ଓ ପୁଅ ଦେବରାଜ ଫେରାର ଥିଲେ। ଗଙ୍ଗୁଆଙ୍କ ସ୍ତ୍ରୀ ବର୍ଷେ ହେବ ପାପଡ଼ାହାଣ୍ଡି ବାବାଜୀଗୁଡ଼ାରେ ଘର କରି ରହିଥିଲେ। ଶୁକ୍ରବାର ଗଙ୍ଗୁଆ ଓ ଦେବରାଜ ସେଠାରେ ରହିବାକୁ ଆସିଥିଲେ। ଖବରପାଇ ପାପଡ଼ାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଗିରଫ କରିଥିଲା।

# ଏନ୍‌କାଉଣ୍ଟରରେ ପୁରସ୍କାର ଘୋଷିତ ମାଓବାଦୀ ନିହତ


ପୋଲିସ ଜବତ କରିଥିବା ମାଓବାଦୀ ସାମଗ୍ରୀ।

**ରାଇଘର/ମାଲକାନଗିରି, ୩।୫ (କିରଣ ପଟ୍ଟନାୟକ/ଦୁର୍ଯ୍ୟୋଧନ ପାତ୍ର)**

## ଘଟଣାସ୍ଥଳରୁ ବିସ୍ଫୋରକ ସହ ଅନ୍ୟ ସାମଗ୍ରୀ ଜବତ

ନବରଙ୍ଗପୁର ଜିଲା ରାଇଘର ସୀମାନ୍ତ ଛତିଶଗଡ଼ ରାଜ୍ୟ ଗରିଆବନ୍ଦ ପୋଲିସ ଏବଂ ସୁରକ୍ଷା ବାହିନୀଙ୍କ ଏନ୍‌କାଉଣ୍ଟରରେ ଶୁକ୍ରବାର ମାଓବାଦୀ ଯୋଗେଶ ଓରଫ ସାକେତ ଓରଫ ଆୟତୁ ଡିବିସିଏମ୍ ନିହତ ହୋଇଛନ୍ତି। ତାଙ୍କ ଉପରେ ୮ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିଲା। ସୂଚନାନୁଯାୟୀ, ଶୁକ୍ରବାର ଗରିଆବନ୍ଦ ପୋଲିସ ଏବଂ ସୁରକ୍ଷା ବାହିନୀ ପକ୍ଷରୁ ମୈନପୁରର ଜୁଗାଡ ଏବଂ ଶୋଭା ଥାନା ଅଞ୍ଚଳରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ସେମାନଙ୍କ ଉପରକୁ ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ସୁରକ୍ଷା ବାହିନୀ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ବସ୍ତର ଡିଭିଜନାଲ କମିଟିର ସଦସ୍ୟ ମାଓବାଦୀ ସାକେତ ନିହତ ହୋଇଥିବା ଗରିଆବନ୍ଦ ଏସ୍‌ପି ନିଖିଲ କୁମାର ସୂଚନା ଦେଇଛନ୍ତି। ଏନ୍‌କାଉଣ୍ଟର ସମୟରେ ଗାରିଆବନ୍ଦ ପୋଲିସ ଏସ୍‌ଏଲ୍‌ଆର୍ ୧୨ ବୋର୍ ବନ୍ଧୁକ ଜୀବନ୍ତ ଗୁଳି, ଆଇଇଡି,ଔଷଧ ସହ ଦୈନନ୍ଦିନ ବ୍ୟବହାରର ଅନେକ ଜିନିଷପତ୍ର ଜବତ କରାଯାଇଛି।

# ଗୁଣ୍ଡିଚା ମନ୍ଦିରରେ ପଡ଼ିଲା ରତ୍ନମୁଦ

**ଗୁଣପୁର,୩।୫( ପ୍ରଦୀପ କୁମାର ପାଢୀ)**

ରାୟଗଡ଼ା ଜିଲା ଗୁଣପୁରରେ ନବ ନିର୍ମିତ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବର ଶନିବାର ଚତୁର୍ଥ ଦିନରେ ମନ୍ଦିର ରତ୍ନମୁଦ ପ୍ରତିଷ୍ଠା ହୋଇଛି। ଏହି ଅବସରରେ ପାର୍ଶ୍ୱ ଦେବତାଙ୍କ ମହାସ୍ନାନ ସହ ନ୍ୟାସ ଓ ପ୍ରାଣ ପ୍ରତିଷ୍ଠା କରାଯାଇଛି। ମନ୍ଦିର ପ୍ରାସାଦର ଅଧିବାସ ଏବଂ ପ୍ରତିଷ୍ଠା କାର୍ଯ୍ୟ ସରିଛି। ମୁଖ୍ୟ କର୍ତ୍ତା ଭାବେ ନିରଞ୍ଜନ ପାଢି, କାବେରୀ ପାଢି, ଓ ସହଯୋଗି କର୍ତ୍ତା ଭାବେ ଡଃ ଜଗଦୀଶ ପଣ୍ଡା, ପ୍ରଫୁଲ ମିଶ୍ର, ରମେଶ ପାତ୍ର, ଡଃ ସୂର୍ଯ୍ୟ ନାରାୟଣ ପଣ୍ଡା ଦମ୍ପତିଙ୍କ ଦ୍ୱାରା ପଞ୍ଚ କୁଣ୍ଡିଅ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ବିଷମକଟକ ଝିଗିଡିରରୁ ଆସିଥିବା ମଣ୍ଡଳୀଙ୍କ ସଙ୍କୀର୍ତ୍ତନ, ଶଙ୍ଖ, ଘଣ୍ଟ, ହୁଳହୁଳି ଶବ୍ଦ ରେ ମନ୍ଦିର ପରିସର କମ୍ପିଥିଲା। ଏଥିପାଇଁ ସକାଳରୁ ପୂଜାର୍ଚ୍ଚନା ଚାଲିଥିଲା। ମନ୍ଦିରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ଚିନ୍ମୟ ମିସନ ର ସ୍ୱାମୀ ନିଗମାନନ୍ଦ ମହାରାଜ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମନ୍ଦିର ମହାରଣା ସୂର୍ଯ୍ୟ ମହାପାତ୍ର ଓ କେଦାର ମହାପାତ୍ରଙ୍କ ଦ୍ୱାରା ଏହି ରତ୍ନମୁଦ ପଡିଥିଲା। ପ୍ରତିଷ୍ଠା ପୂଜା ଦାୟିତ୍ୱରେ ବ୍ରହ୍ମା ଗୁପ୍ତେଶ୍ୱର ରଥ ଶର୍ମାଙ୍କ ସମେତ ନବିନ ରଥ, ପ୍ରକାଶ ରଥ, କାଶୀ ମିଶ୍ର, ଗଣେଶ ଷଡ଼ଙ୍ଗୀ, ଲୋକନାଥ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ଶେଖର ଶର୍ମା, ଇପିଲି କ୍ରିଷ୍ଣମୂର୍ତ୍ତି ଶର୍ମା, କୃଷ୍ଣ ମିଶ୍ର, ରଘୁନାଥ ମିଶ୍ର ପ୍ରମୁଖ ରହିଛନ୍ତି। ଶନିବାର ପୌରାଧ୍ୟକ୍ଷ ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ଆର୍. ପାପାରାଓ, ସୁବୁଦ୍ଧି ଅନୀଲ, ଶ୍ରୀନିବାସ ଖାଡାଙ୍ଗା, ବବଲୁ ଦାସ, ଗଜା ପାଳ, ସଲିଳ ସେନାପତି, ଚିନ୍ନାରି ଶ୍ରୀନିବାସ ରାଓ, ଟି. ନରେସ, ଟୁକୁନା ରଥ, ମଣି ସାଗର, ନୀଳମାଧବ ପାଢି, ସୂର୍ଯ୍ୟ ନାୟକ, ସୋନ୍ତଷ ରଥ, ସହଦେବ ରଥ, ଗଦା ପଣ୍ଡା, ସଦା ପଣ୍ଡା ପ୍ରମୁଖ ମନ୍ଦିର ଦଧିନଉତି ଉପରକୁ ଯାଇ ନବଧାନ୍ୟ ସହ ସୁନା ରୁପା ଟଙ୍କା ଆଦି ଢ଼ାଳିଥିଲେ। ରବିବାର ଶେଷ ଦିନରେ ଦେବତା ପ୍ରବେଶ ସହ ନୀଳଚକ୍ର ସ୍ଥାପନ, ଚାରି ପ୍ରହର ନାମଯଜ୍ଞ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି।

# ମାଟ୍ରିକ୍‌ରେ ଏ–୧ ପାଇଥିବା ୫ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ


ଡିଇଓ ଏବଂ ଶିକ୍ଷା ବିଭାଗର ଅନ୍ୟ ଅଧିକାରୀଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

**ନବରଙ୍ଗପୁର, ୩।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ମାଟ୍ରିକ ପାସ୍ ହାର ୯୫.୧୭ ପ୍ରତିଶତ ହୋଇଛି। ଜିଲାରୁ ୫ ଜଣ ଛାତ୍ରୀଛାତ୍ର ଏ–ୱାନ ଗ୍ରେଡ୍ ପାଇଛନ୍ତି। ଏ–୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଛାତ୍ରଙ୍କୁ ଡିଇଓ ଛତ୍ରପତି ସାହୁ ଶନିବାର ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ବଡ଼କୁମାରି ହାଇସ୍କୁଲର କେଶରୀ ଟୋଲଟିଆ, ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରର ଆଶୁତୋଷ ପାଣିଗ୍ରାହୀ, ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରର ରଷିକେଶ ମିଶ୍ର, ସରକାରୀ ନୂତନ ମୈଦଲପୁର ହାଇସ୍କୁଲର ଦେବସ୍ମିତା ସ୍ୱାଇଁ ଓ କୋଷାଗୁମୁଡ଼ା ସରକାରୀ ହାଇସ୍କୁଲର ମନୋରଞ୍ଜନ ପଣ୍ଡା। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ପରିଦର୍ଶକ ଚିତ୍ରଞ୍ଜନ ପଟ୍ଟନାୟକ, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନୀରିକ୍ଷକ ପ୍ରଭାତ ପଟ୍ଟନାୟକ, ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଚୋରି ବାଇକ୍ ଜବତ, ଅଭିଯୁକ୍ତ ଗିରଫ

**ରାୟଗଡ଼ା,୩।୫(ଆଶିଷ ରଞ୍ଜନ ପଣ୍ଡା)**

ଏପ୍ରିଲ ୨୮ରେ ରାୟଗଡ଼ା ସହରରେ ଏକ ବାଇକ ଚୋରି ହୋଇଥିଲା। ଉକ୍ତ ଚୋରି ବାଇକ୍‌କୁ ଶୁକ୍ରବାର ରାୟଗଡ଼ା ଟାଉନଥାନା ପୋଲିସ ଜବତ କରି ଘଟଣାରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ନ୍ୟୁ କଲୋନୀ ତୃତୀୟ ଲେନର ପି.ସୁରେଶ(୨୫)। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଘଟଣାରୁ ପ୍ରକାଶ ଯେ, ନ୍ୟୁ କଲୋନୀର ଜଣେ ବ୍ୟକ୍ତି ନିଜ ବାଇକ୍ (ଓଡି–୧୮ଜେ–୮୬୭୯)କୁ ଘର ସମ୍ମୁଖରେ ରଖିଥିଲେ। କିଛି ସମୟ ପରେ ଦେଖିବାବେଳକୁ ସେଠାରୁ ତାଙ୍କ ବାଇକ୍ ନଥିଲା। ବହୁ ଖୋଜାଖୋଜି ପରେ ମଧ୍ୟ ବାଇକ ନ ମିଳିବାରୁ ରାୟଗଡ଼ା ଟାଉନ ଥାନାରେ ସେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ କେସ୍ ନଂ ୧୫୧/୨୫ରେ ଏକ ମାମଲା ରୁଜୁ କରିଥିଲା। ଏସ୍‌ଆଇ ମନୋଜ ଜେନା ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଉକ୍ତ ବାଇକକୁ ଜଣେ ଯୁବକ ଚେକାଗୁଡ଼ା ନିକଟସ୍ଥ ନାଗାବଳୀ ପୋଲ ନିକଟରେ ଚଲାଉଥିବା ନେଇ ଶୁକ୍ରବାର ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପୋଲିସ ସେଠାରେ ପହଞ୍ଚି ବାଇକ ଜବତ କରିବା ସହ ସୁରେଶଙ୍କୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କେକେବିକେ କହଁର ସୂଚନା ଦେଇଛନ୍ତି।

# ଡିଏସ୍‌ଆର୍ ପ୍ରଣାଳୀରେ ଚାଷକୁ ନେଇ ପ୍ରଶିକ୍ଷଣ

**କୋରାପୁଟ,୩।୫(ଅମିତାଭ ବେହେରା)**

ଜୈବିକଶ୍ରୀ ଫାର୍ମର ପ୍ରୋଡୁସର କମ୍ପାନୀ ଓ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଡାଇରେକଟ ସିଡେଡ୍ ରାଇସ(ଡିଏସ୍‌ଆର୍) ପ୍ରଣାଳୀରେ ଚାଷ କରାଯିବା ନେଇ କୋରାପୁଟସ୍ଥିତ କୃଷି ବିଭାଗ ଅଫିସର ସଭାଗୃହରେ ଏକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ କୃଷି ଅଧିକାରୀ ନୀଳାଦ୍ରିକାନ୍ତ ଗିରି ଯୋଗଦେଇଥିଲେ। ଡିଏସ୍‌ଆର୍ ପ୍ରଣାଳୀରେ ଚାଷକଲେ କମ୍ ଖର୍ଚ୍ଚରେ ଅଧିକ ଅମଳ କରିପାରିବା ନେଇ ସେ ବୁଝାଇଥିଲେ। ସହକାରୀ ଇଞ୍ଜିନିୟର ମାନସ ସାହୁ, ସହକାରୀ କୃଷି ଅଧିକାରୀ କ୍ରାନ୍ତି କୁମାରୀ ଦାସ ଓ ବ୍ଲକ୍‌ର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଜୈବିକ ଶ୍ରୀ ପ୍ରୋଡୁସର କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ସୁରେନ୍ଦ୍ର ମସ୍ତି ମାଟିର ଉର୍ବରତା ରକ୍ଷା କରିପାରିବା ନେଇ ଚାଷୀଙ୍କୁ ଅବଗତ କରାଇଥିଲେ। ଜୈବିକଶ୍ରୀ ପ୍ରୋଡୁସର କମ୍ପାନୀର ତନ୍ମୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। କୋରାପୁଟ ବ୍ଲକର ସିଆର୍‌ପିମାନେ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ କୃଷି ଅଧିକାରୀ ଓ ଅନ୍ୟମାନେ।

# ଡାକ୍ତରଙ୍କ ଘରୁ ହାତଘଣ୍ଟା, ଟଙ୍କା ଚୋରି

**ରାୟଗଡ଼ା,୩।୫(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହର କସ୍ତୁରୀ ନଗର ବାସିନ୍ଦା ଡାକ୍ତର ବି.ଏଲ୍.ଏନ୍.ପୃଷ୍ଟିଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ତାଙ୍କ ଘରୁ ଏକ ହାତ ଘଣ୍ଟା ସହ ୧୦ ହଜାର ଟଙ୍କା ଚୋରି ହୋଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ରାୟଗଡ଼ା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟାଉନ ଥାନାଧିକାରୀ କେକେବିକେ କହଁରଙ୍କ ସୂଚନାନୁଯାୟୀ ଡା ପୃଷ୍ଟିଙ୍କ ପରିବାର ପ୍ରାୟ ଦେଢ଼ ମାସରୁ ଉର୍ଦ୍ଧ୍ୱ ହେଲାଣି ବିଦେଶ ଯାତ୍ରାରେ ଯାଇଛନ୍ତି। ସେମାନେ ଜଣଙ୍କୁ ଘର ଜଗିବା ଦାୟିତ୍ୱ ଦେଇଥିଲେ। ଦେହ ଖରାପ ଥିବାରୁ ଶୁକ୍ରବାର ରାତି ପ୍ରାୟ ୧୨ଟାରେ ତାଲା ପକାଇ ବ୍ୟକ୍ତି ଜଣଙ୍କ ନିଜ ଘରକୁ ଚାଲିଯାଇଥିଲେ। ଭୋର ୫ଟାରେ ଫେରି ଦେଖିବା ବେଳକୁ ତାଲା ଭାଙ୍ଗି ଚୋରି ହୋଇଥିଲା। ଏନେଇ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଆଇଆଇସି କହଁର କହିଛନ୍ତି।

# ବଦଳିଲେ ଗୁଡ଼ାରି ବିଇଓ

**ଗୁଡାରି, ୩।୫ (ପ୍ରମୋଦ କୁମାର ପତି)**

ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗୁଡାରି ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ମିଶ୍ରାଣି କୁମ୍ଭାରଙ୍କ ବଦଳି ହୋଇଛି। ସେ ଗତ ମାର୍ଚ୍ଚ ୨୫ରେ ଗୁଡାରି ବିଇଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ତାଙ୍କୁ ବରଗଡ଼ ଜିଲା ଅତାବିରା ବିଇଓ ଭାବେ ବଦଳି କରାଯାଇଛି। ଗୁଡାରି ବିଇଓଭାବେ ବଲାଙ୍ଗୀର ଜିଲା ପୁଇଁତଳା ବିଇଓଙ୍କୁ ନିଯୁକ୍ତି ମିଳିଛି।

# ସଂରକ୍ଷିତ ଜଙ୍ଗଲରୁ ଗଛକାଟି ୨ ଗିରଫ

**ପାପଡ଼ାହାଣ୍ଡି, ୩।୫ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ମୈଦଲପୁର ବନାଞ୍ଚଳ ସାନବାର୍ଲି ସଂରକ୍ଷିତ ଜଙ୍ଗଲ କାଟି ଜମି ତିଆରି କରିବା ବେଳେ ବନ ବିଭାଗ ଶନିବାର ଟ୍ରାକ୍ଟର ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଝରିଗାଁ ବ୍ଲକ ସାଗଯୋବା ଗ୍ରାମର ବନ ଯାନୀ ଓ ମିଲୁ ଯାନୀ।

ସୂଚନାନୁଯାୟୀ, ସାନବାର୍ଲି ସରଂକ୍ଷିତ କେନ୍ଦୁଗୁଡ଼ା ଓ ଗୁଣ୍ଡରୁଗୁଡ଼ା ଜଙ୍ଗଲ ମଧ୍ୟରେ ବନ ଓ ମିଲୁ ଏକ ଟ୍ରାକ୍ଟରରେ ପ୍ରାୟ ଏକ ହେକ୍ଟର ଜଙ୍ଗଲ ସଫା କରି ଜମି ତିଆରି କରୁଥିଲେ। ବିଶେଷ ସୂତ୍ରରୁ ମୈଦଲପୁର ବନ ବିଭାଗ ଖବରପାଇ ସେଠାରେ ସ୍ଥାନରେ ଚଢ଼ାଉ କରିଥିଲେ। ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଟ୍ରାକର ଜବତ କରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ୪୧ ଫର୍ମରେ ଦୁଇ ଜଣଙ୍କୁ ଜାମିନରେ ଛଡ଼ା ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।


ଜବତ ଟ୍ରାକ୍ଟର ସହ ଗିରଫ ଅଭିଯୁକ୍ତ।

# ଇନ୍ଦ୍ରାବତୀ ନଦୀପଠାରେ ନରକଙ୍କାଳ

**ନନ୍ଦାହାଣ୍ଡି, ୩।୫ (ପ୍ରତୀପ କୁମାର ଦାଶ)**

- ହତ୍ୟାକରି ଫୋପାଡ଼ି ଦିଆଯାଇଥିବା ସନ୍ଦେହ
- ମିଳିନି ପରିଚୟ, ଡିଏନ୍‌ଏ ଟେଷ୍ଟ ପାଇଁ ପଠାଯାଇଛି କୋରାପୁଟ

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ଅଧୀନ ଏକମ୍ବା ଓ ନୂଆଗାଁ ମଧ୍ୟରେ ଥିବା ଇନ୍ଦ୍ରାବତୀ ନଦୀ ବାଲିପଠାରୁ ଶନିବାର ସକାଳେ ଏକ କଙ୍କାଳ ମିଳିଛି। ତେନ୍ତୁଳିଖୁଣ୍ଟି ପୋଲିସ କଙ୍କାଳ ଜବତକରି ପରିଚୟ ଖୋଜିବାକୁ ଚେଷ୍ଟା କରୁଛି। ଡିଏନ୍‌ଏ ଟେଷ୍ଟ ପାଇଁ କଙ୍କାଳକୁ କୋରାପୁଟ ଜିଲା ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଥିବା ପୋଲିସ ସୂଚନା ଦେଇଛି।

ଶନିବାର ସକାଳେ ନନ୍ଦାହାଣ୍ଡି ବ୍ଲକ୍ ଦହଣା ପଞ୍ଚାୟତ ନୂଆଗାଁର କେତେଜଣ ଗ୍ରାମବାସୀ ନଦୀକୁ ଗାଧେଇବା ପାଇଁ ଯାଇଥିବାବେଳେ ବାଲିରେ ମଣିଷ କଙ୍କାଳ ଦେଖିଥିଲେ। ସେଠାରୁ ଆସି ସେମାନେ ସରପଞ୍ଚ କମଳା ପୂଜାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏହାପରେ ସରପଞ୍ଚ ତେନ୍ତୁଳିଖୁଣ୍ଟି ଥାନାକୁ ଖବର ଦେଇଥିଲେ। ଖବରପାଇ ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରଣବ ଟୁଡୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେଣିଆଙ୍କ ଉପସ୍ଥିତିରେ କଙ୍କାଳ ଜବତ କରାଯାଇଛି। ତାହା ଜଣେ ପୁରୁଷଙ୍କ କଙ୍କାଳ ବୋଲି ସନ୍ଦେହ କରାଯାଉଛି। କଙ୍କାଳ ପାଖରୁ ଇଅର ଫୋନ୍ ମିଳିଛି। କେହି ଜଣେ ତାଙ୍କୁ ହତ୍ୟାକରି ଫିଙ୍ଗିଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ତେବେ ଆଖପାଖ ଅଞ୍ଚଳର କୌଣସି ବ୍ୟକ୍ତିଙ୍କ ନିଖୋଜ ଖବର ନ ଥିବା ଅଞ୍ଚଳବାସୀ କହିଛନ୍ତି। ତେନ୍ତୁଳିଖୁଣ୍ଟି ଥାନାରେ ମଧ୍ୟ କୌଣସି ନିଖୋଜ ମାମଲା ନାହିଁ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନମୁନା ସଂଗ୍ରହ ସହ ଅଧିକ ତଦନ୍ତ କରୁଛି। କେସ୍ ନମ୍ବର ୬/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କଙ୍କାଳର ଡିଏନ୍‌ଏ ପରୀକ୍ଷା ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଥିବା ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରଣବ ଟୁଡୁ ସୂଚନା ଦେଇଛନ୍ତି।


ଘଟଣାସ୍ଥଳରେ ଥାନା ଅଧିକାରୀ ଓ ଅତିରିକ୍ତ ତହସିଲଦାର।

# ଆର୍‌ସିବିର ଦୃଢ଼ ବ୍ୟାଟିଂ



ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

**ବେଙ୍ଗାଲୁରୁ,୩।୫**

ଚଳିତ ଆଇପିଏଲ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ବିରାଟ କୋହଲି, ଜ୍ୟାକବ ବେଥେଲ ଓ ରୋମାରିଓ ଶେଫର୍ଡଙ୍କ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ସିଏସ୍‌କେ ଆଗରେ ୨୧୪ ରନର ବିଶାଳ ଟାର୍ଗେଟ ଛିଡ଼ା କରିଛି।

ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆର୍‌ସିବିକୁ କୋହଲି ଓ ବେଥେଲ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୯.୫ ଓଭରରେ ୯୭ ରନ ଯୋଡ଼ିଥିଲେ। ବେଥେଲ ୩୩ ବଲରେ ୮ ଚୌକା ଓ ୨ ଛକା ସହିତ ୫୫ ରନ କରିଥିଲେ। ତାଙ୍କ ଉଇକେଟ ନେଇ ମାଥିସା ପାଥିରାନା ସିଏସ୍‌କେକୁ ପ୍ରଥମ ବ୍ରେକଥ୍ରୁ ଆଣି ଦେଇଥିଲେ। କୋହଲି ୩୩ ବଲରେ ୫ ଲେଖାଏ ଚୌକା ଓ ଛକା ସହିତ ୬୨ ରନ କରି ସାମ କୁରାନଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଶେଷ ଆଡ଼କୁ ରୋମାରିଓ ଶେଫର୍ଡ ୧୪ ବଲରେ ୪ ଚୌକା ଓ ୬ ଛକା ସହିତ ଅପରାଜିତ ୫୩ ରନର ପାଳି ଖେଳି ଦଳୀୟ ସ୍କୋରକୁ ୨୦୦ ପାର ପଞ୍ଚାଇଥିଲେ। ୧୯ତମ ଓଭର ବୋଲିଂ କରିଥିବା ଖଲିଲ ଅହମ୍ମଦଙ୍କୁ ଶେଫର୍ଡ ୪ଟି ଛକା ଓ ଦୁଇଟି ଚୌକା ଲଗାଇଥିଲେ। ଏହି ଓଭରରେ ଖଲିଲ ଏକ ନୋ ବଲ ସମେତ ମୋଟ ୩୩ ରନ ବ୍ୟୟ କରିଥିଲେ, ଯାହାକି ଚଳିତ ସିଜନର ସବୁଠୁ ମହଙ୍ଗା ଓଭର। ଫଳରେ ଆରସିବି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୩ ରନ କରିବାକୁ ସକ୍ଷମ ହୋଇଥିଲା। ଚେନ୍ନାଇ ପକ୍ଷରୁ ପାଥିରାନା ୩ ଉଇକେଟ ନେଇଥିବା ବେଳେ ନୁର ଅହମ୍ମଦ ଓ ସାମ କୁରାନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୨୧୩/୫(ବିରାଟ କୋହଲି–୬୨, ଜ୍ୟାକବ ବେଥେଲ–୫୫, ରୋମାରିଓ ଶେଫର୍ଡ–୫୩*, ମାଥିସା ପାଥିରାନା–୩/୩୬, ନୁର ଅହମ୍ମଦ–୧/୨୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

କୋଲକାତା
ବନାମ ରାଜସ୍ଥାନ
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩.୩୦

ପଞ୍ଜାବ
ବନାମ ଲକ୍ଷ୍ନୌ
ସ୍ଥାନ: ଧର୍ମଶାଳା
ସମୟ: ରାତ୍ର ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ପଞ୍ଜାବ କିଙ୍ଗ୍ସ | ୧୦ | ୬ | ୩ | ୧ | ୧୩ | +୦.୧୯୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | –୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୫ | ୧ | ୯ | +୦.୦୮୦ |
| ରାଜସ୍ଥାନ ରୟାଲ୍ସ | ୧୧ | ୩ | ୮ | ୦ | ୬ | –୦.୭୮୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | –୧.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୨ | ୮ | ୦ | ୪ | –୧.୨୧୧ |

**ଅଷ୍ଟ୍ରେଲିଆ ବିପକ୍ଷ ମହିଳା ହକି ସିରିଜ**

# ୩–୨ରେ ହାରିଲା ଭାରତ

**ପର୍ଥ,୩।୫(ପି.ଟି)**

ଭାରତୀୟ ମହିଳା ହକି ଦଳ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା କରିବା ସତ୍ତ୍ୱେ ୨–୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାଜୟ ବରଣ କରିଛି। ଭାରତୀୟ ଦଳ ପକ୍ଷରୁ ନବନୀତ କୌର (୩୫ତମ ମିନିଟ୍) ଓ ଲାଲରେସିଆମି (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପାଇଁ ଗ୍ରେସ ଷ୍ଟିୱାର୍ଟ (ଦ୍ୱିତୀୟ), ଜେଡ ସ୍ମିଥ (୩୬ତମ) ଓ ଗ୍ରେଟା ହାୟେସ (୪୨ତମ) ଗୋଲ କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଗ୍ରେସ ଷ୍ଟିୱାର୍ଟଙ୍କ ଗୋଲ ଯୋଗୁ ପ୍ରଥମ କ୍ୱାର୍ଟରରେ ଅଷ୍ଟ୍ରେଲିଆ ୧–୦ ଗୋଲ୍‌ରେ ଆଗରେ ରହିଥିଲା। ଏହି କ୍ୱାର୍ଟରରେ ଭାରତୀୟ ଖେଳାଳିମାନେ ସୁଯୋଗ ସୃଷ୍ଟି କରିଥିଲେ। ହେଲେ କେହି ତାହାକୁ ସ୍କୋରରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଦଳ ସଫଳତାର ସହ ଅଷ୍ଟ୍ରେଲିଆର ପେନାଲ୍ଟି କର୍ନରକୁ ବେକାର କରିଥିଲା। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଅଷ୍ଟ୍ରେଲିଆ ୧–୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରର ୩୫ତମ ମିନିଟ୍‌ରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ନବନୀତ କୌର ଗୋଲରେ ପରିଣତ କରିଥିଲେ। ହେଲେ ଏହାର ପରବର୍ତ୍ତୀ ମିନିଟ୍‌ରେ ଜେଡ୍ ଅଷ୍ଟ୍ରେଲିଆ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ୪୨ତମ ମିନିଟ୍‌ରେ ହାୟେସ ଘରୋଇ ଦଳର ଅଗ୍ରଣୀ ବ୍ୟବଧାନକୁ ୩–୧ରେ ପହଞ୍ଚାଇଥିଲେ। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରର ୫୯ତମ ମିନିଟରେ ଲାଲରେସିଆମି ଭାରତ ପାଇଁ ଦ୍ୱିତୀୟ ଗୋଲ ପରିଶୋଧ କରିଥିଲେ।

# ହେମରାଜ ୪, ଅଞ୍ଜଳୀ ୬ ବର୍ଷ ବାସନ୍ଦ



ଅଞ୍ଜଳୀ ଦେବୀ

**ନୂଆଦିଲ୍ଲୀ, ୩।୫ (ପି.ଟି.)**

ଲଙ୍ଗ ଡିଷ୍ଟାନ୍ସ ରନର ହେମ୍‌ରାଜ ଗୁର୍ଜର ଓ ଅଞ୍ଜଳୀ ଦେବୀ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରି ପ୍ୟାନେଲ ଦ୍ୱାରା ଯଥାକ୍ରମେ ୪ ଓ ୬ ବର୍ଷ ବାସନ୍ଦ ହୋଇଛନ୍ତି। ଉଭୟେ ଗତବର୍ଷ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୨୫ ବର୍ଷୀୟ ଗୁର୍ଜର ୨୦୨୩ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍‌ର ୫୦୦୦ ମିଟର ରେସ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୨୦୨୩ ଓ ୨୦୨୪ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ନିଷ୍ପତ୍ତି ତାରିଖ ଏପ୍ରିଲ ୨୦ରୁ ସେ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ହୋଇଛନ୍ତି। ଗୁର୍ଜର ଆହୁରି ମଧ୍ୟ ଗତବର୍ଷ ୱାର୍ଲ୍ଡ ଆଥ୍‌ଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ଦେଶରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କଠାରୁ ସଂଗୃହୀତ ଡୋପ୍ ସାମ୍ପଲରୁ ନିଷିଦ୍ଧ ଦ୍ରବ୍ୟ ଡାର୍ବେପୋଟିନ (ଡେପୋ) ଠାବ କରାଯିବା ପରେ ନାଡା ତାଙ୍କୁ ସାମୟିକ ସସ୍‌ପେଣ୍ଡ କରିଥିଲା। ଅନ୍ୟପକ୍ଷରେ ଅଞ୍ଜଳୀଙ୍କ ୬ ବର୍ଷ ବାସନ୍ଦ ଦଣ୍ଡ ମାର୍ଚ୍ଚ ୩୧ରୁ କାର୍ଯ୍ୟକାରୀ ହେବ ବୋଲି ନାଡା ୱେବ୍‌ସାଇଟ୍‌ରେ ସଦ୍ୟତମ ଅପ୍‌ଡେଟ୍‌ରୁ ଜଣାପଡ଼ିଛି। ଏଥିରେ ଏହାଠାରୁ ଅଧିକ କିଛି ତଥ୍ୟ ପ୍ରଦାନ କରାଯାଇ ନାହିଁ। ଅଞ୍ଜଳୀ ଆହୁରି ମଧ୍ୟ ଗତବର୍ଷ ଦେଶରୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ପ୍ରତିନିଧିତ୍ୱ କରିଥିଲେ। ସୂଚନାଯୋଗ୍ୟ, ଡୋପିଙ୍ଗ ମାମଲାରେ ନାଡାର ଡିସିପ୍ଲିନାରି ପ୍ୟାନେଲ ଦ୍ୱାରା କବାଡ଼ି ଖେଳାଳି ମନୀଷ ଗୁଲିଆ, ରେସ୍‌ଲର ଓମ୍‌କାର ଶଙ୍କର ଚୋଗ୍‌ଲେ ଓ ଦିବ୍ୟାକକ୍ରାନ, ବକ୍ସର ଥୋକ୍‌ଚୋମ୍ ୟାଇସାନା ଚାନୁ ଓ ସନ୍ତରଣକାରୀ ବିଶାଳ ଗ୍ରେୱାଲ ପ୍ରମୁଖ ୪ବର୍ଷ ଲେଖାଏଁ ବାସନ୍ଦ ହୋଇଛନ୍ତି। ପାୱାର ଲିଫ୍ଟର ଅମିତା ଦେବୀ କୋଟ୍‌ୱଲ୍ ଏବଂ ଜଣେ ନାବାଳକ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥଲେଟ ୬ ବର୍ଷ ଲେଖାଏ ବାସନ୍ଦ ହୋଇଛନ୍ତି। ଏ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରାଯାଇ ନାହିଁ।

**ଡୋପ୍ ଟେଷ୍ଟ**

# ଡାଇମଣ୍ଡ ଲିଗ୍: ସାବ୍‌ଲେଙ୍କୁ ୮ମ ସ୍ଥାନ

**କେକିଆଓ (ଚାଇନା), ୩।୫ (ପି.ଟି.)**

ଭାରତର ଟପ୍ ୩,୦୦୦ ମିଟର ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେ ଏଠାରେ ଶନିବାର ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ମିଟିଂରେ ୮ମ ସ୍ଥାନ ଅଧିକାର କରିଛନ୍ତି। ୩୦ବର୍ଷୀୟ ସାବ୍‌ଲେ ସିଜନରେ ତାଙ୍କ ଦ୍ୱିତୀୟ ରେସ୍ ୮ମିନିଟ ୨୩.୮୫ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ପୂର୍ବରୁ ଏପ୍ରିଲ ୨୬ରେ ଅନୁଷ୍ଠିତ ଜିଆମେନ ଡାଇମଣ୍ଡ ଲିଗ୍‌ରେ ସେ କିନ୍ତୁ ୮ ମିନିଟ ୨୨.୫୯ ସେକେଣ୍ଡ ଟାଇମିଂ ସହ ୧୩ତମ ସ୍ଥାନ ଅଧିକାର କରିଥିଲେ। ଶନିବାର ଏଠାରେ ଅନୁଷ୍ଠିତ ରେସ୍‌ରେ ଇଥିଓପିଆର ଆବ୍ରାହମ ସିମେ ୮:୦୭.୮୨ ଟାଇମିଂ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନିଆର ଏଡ୍‌ମଣ୍ଡ ସେରେମ (୮:୦୮.୬୮) ଓ ସିମନ କିପ୍‌ରପ୍ କୋଚ୍ (୮:୦୯.୦୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଆମେନ୍ ଡାଇମଣ୍ଡ ଲିଗ୍ ଜିତିଥିବା ଇଥିଓପିଆର ଅନ୍ୟ ଜଣେ ଆଥ୍‌ଲେଟ ସାମୁଏଲ୍ ଫିରେଉ ଏଠାରେ ୮:୧୧.୧୮ ଟାଇମିଂ ସହ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ସାମୁଏଲ୍ ସେଠାରେ ବର୍ତ୍ତମାନର ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ କରକ୍କୋର ସୋଫିଆନେ ଏଲ୍ ପାକାଲିଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପାକାଲି କିନ୍ତୁ ଶନିବାର ରେସ୍‌ରେ ଅଂଶଗ୍ରହଣ କରି ନ ଥିଲେ।

# ମାଡ୍ରିଡ୍ ଓପନ ଫାଇନାଲରେ ରୁଡ୍

**ମାଡ୍ରିଡ, ୩।୫ (ଏପି)**

ଫ୍ରାନ୍‌ସିସ୍କୋ ସେରୁଣ୍ଡୋଲୋଙ୍କ ବିପକ୍ଷରେ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରି କାସ୍ପର ରୁଡ୍ ମାଡ୍ରିଡ୍ ଓପନ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ପଞ୍ଜରାରେ ଯନ୍ତ୍ରଣା ଯୋଗୁ ସେ ପେନ୍‌କିଲର ବ୍ୟବହାର କରି ଏହି ମ୍ୟାଚ ଖେଳିଥିଲେ। ଫାଇନାଲରେ ସେ ଜ୍ୟାକ୍ ଡ୍ରାପରଙ୍କୁ ଭେଟିବେ। ଡ୍ରାପର ଅନ୍ୟ ସେମିଫାଇନାଲରେ ଲୋରେଞ୍ଜୋ ମୁସେଟିଙ୍କୁ ୬–୩, ୭–୬ (୪)ରେ ପରାସ୍ତ କରି ବର୍ଷରେ ତାଙ୍କର ତୃତୀୟ ଫାଇନାଲ ଖେଳିବାକୁ ଯାଉଛନ୍ତି। ଏହି ମ୍ୟାଚ ପୂର୍ବରୁ ରୁଡ୍ ଗତ ୩ଟି ଗେମ୍‌ରେ ରୁଡ୍ ତାଙ୍କ ଇଞ୍ଜୁରୀକୁ ନେଇ ଚିକିତ୍ସାରେ ଅଛନ୍ତି। କାଜା ମାଜିକା ସେଣ୍ଟର କୋର୍ଟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚକୁ ସେ ୬–୪, ୭–୫ରେ ଜିତି ନେଇଥିଲେ। ରୁଡ୍ କହିଛନ୍ତି କୋର୍ଟକୁ ଯିବା ପୂର୍ବରୁ ୱାର୍ମଅପ୍ ହେଉଥିବା ବେଳେ ସେ ତାଙ୍କ ପଞ୍ଜରାରେ ଯନ୍ତ୍ରଣା ଅନୁଭବ କରିବାରୁ ପେନ୍‌କିଲର ବ୍ୟବହାର କରିବାକୁ ବାଧ ହୋଇଥିଲେ।



ଫ୍ରାନ୍‌ସିସ୍କୋ ସେରୁଣ୍ଡୋଲୋଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି କାସ୍ପର ରୁଡ୍।

# ରାବାଡ଼ା ସାମୟିକ ବାସନ୍ଦ

**ଜୋହାନ୍ସବର୍ଗ,୩।୫(ପି.ଟି.)**

ମନୋରଞ୍ଜନ ଲାଗି ନେଇଥିବା ଔଷଧ କାରଣରୁ ବର୍ତ୍ତମାନ ସାମୟିକ ବାସନ୍ଦାଦେଶ ଭୋଗ କରୁଥିବା ବିଶ୍ୱର ପ୍ରିମିୟର ଫାଷ୍ଟ ବୋଲର କାଗିସୋ ରାବାଡା ଶନିବାର ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକୀୟ ପେସର ଗତ ମାସରେ ଗୁଜରାଟ ଟାଇଟନ୍ସ ଲାଗି ଦୁଇଟି ମ୍ୟାଚ୍ ଖେଳିବା ପରେ ବ୍ୟକ୍ତିଗତ କାରଣ ଦର୍ଶାଇ ସ୍ୱଦେଶ ଫେରି ଯାଇଥିଲେ। ଆସନ୍ତା ୨୫ ତାରିଖରେ ୩୦ ବର୍ଷରେ ପାଦ ଦେବାକୁ ଯାଉଥିବା ରାବାଡା ଦକ୍ଷିଣ ଆଫ୍ରିକୀୟ କ୍ରିକେଟର୍ସଙ୍କ ଆସୋସିଏଶନ (ଏସ୍‌ଏସିଏ) ଜରିଆରେ ଏକ ବିବୃତି ଜାରି କରିଛନ୍ତି। ମୁଁ ନିକଟରେ ବ୍ୟକ୍ତିଗତ କାରଣ ଦର୍ଶାଇ ଆଇପିଏଲ୍‌ରେ ଅଂଶଗ୍ରହଣ ନ କରି ଦକ୍ଷିଣ ଆଫ୍ରିକାକୁ ଫେରି ଆସିଥିଲି। ମନୋରଞ୍ଜନ ଲାଗି ଔଷଧ ବ୍ୟବହାର ଯୋଗୁ ମୋ ଡୋପ ନମୁନାରେ ନିଷିଦ୍ଧ ଔଷଧ ଠାବ ହୋଇଛି।

# ଆଣ୍ଟୋନେଲି ସର୍ବକନିଷ୍ଠ ପୋଲ୍ ବିଜେତା

**ମାୟାମି ଗାର୍ଡେନ୍ସ (ଫ୍ଲୋରିଡା), ୩।୫ (ଏପି)**

ଫର୍ମୁଲା–୧ ଇତିହାସରେ କୌଣସି ଇଭେଣ୍ଟରେ ସର୍ବକନିଷ୍ଠ ପୋଲ୍ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି ୧୮ବର୍ଷୀୟ କିମି ଆଣ୍ଟୋନେଲି। ମାୟାମି ଗ୍ରାଁ ପ୍ରି ପୂର୍ବରୁ ଅନୁଷ୍ଠିତ ସ୍ପ୍ରିଣ୍ଟ ରେସ୍‌ରେ ମର୍ସିଡିଜର ଏହି ଡ୍ରାଇଭର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଣ୍ଟୋନେଲିଙ୍କର ଏହା ହେଉଛି ପ୍ରଥମ ଫର୍ମୁଲା–୧ ସିଜନ। ମର୍ସିଡିଜ ୭ଥର ଚାମ୍ପିୟନ ଲିୱିସ ହାମିଲ୍‌ଟନଙ୍କ ସ୍ଥାନରେ ଆଣ୍ଟୋନେଲିଙ୍କୁ ଟିମ୍‌ରେ ସାମିଲ କରିଛି। ଇଟାଲୀର ଏହି ଡ୍ରାଇଭରଙ୍କ ଉପରେ ମର୍ସିଡିଜ ଆସ୍ଥା ପ୍ରକଟ କରିଛି। ସେ ଦ୍ୱିତୀୟ ସ୍ପ୍ରିଣ୍ଟ ରେସ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ଯଥାର୍ଥ ବୋଲି ପ୍ରମାଣିତ କରିଛନ୍ତି।

**ଫର୍ମୁଲା-୧**



ଆଣ୍ଟୋନେଲି ଦ୍ୱିତୀୟ ସ୍ପ୍ରିଣ୍ଟ ରେସ୍ ବର୍ତ୍ତମାନର ଫର୍ମୁଲା–୧ ପଏଣ୍ଟ ଲିଡର ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରିଙ୍କ ସହିତ ଆରମ୍ଭ କରିବେ। ପ୍ରଥମ ସ୍ପ୍ରିଣ୍ଟ ରେସ୍‌ରେ ଆଣ୍ଟୋନେଲିଙ୍କଠାରୁ .୦୪୫ ସେକେଣ୍ଡ ଟାଇମ ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ପିଆଷ୍ଟ୍ରି।

# କିସ୍‌ରୁ ଭାଗ ନେବେ ୪୧ ଆଥ୍‌ଲେଟ୍

**ଭୁବନେଶ୍ୱର, ୩।୫ (ବିଜୟ ରଣା)**

**୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ବିହାରରେ ୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଆୟୋଜନ କରାଯାଇଛି। ଏଥିରେ ସ୍ଥାନୀୟ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରୁ ୪୧ଜଣ ଛାତ୍ର ଆଥଲେଟ (୨୦ ବାଳକ ଓ ୨୧ ବାଳିକା) ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ମେଗା ଇଭେଣ୍ଟ ରବିବାରଠାରୁ ମେ ୧୫ ପର୍ଯ୍ୟନ୍ତ ୫ଟି ସହର ଯଥା ପାଟନା, ରାଜଗିର, ଗୟା, ଭାଗଲପୁର ଓ ବେଗୁସରାଇଠାରେ ଆୟୋଜନ କରାଯାଇଛି। ଏଥିରେ ୨୭ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। କିସ୍‌ରୁ ରଗ୍‌ବୀରେ ୧୯ ଖେଳାଳି (୧୦ବାଳକ ଓ ୯ବାଳିକା), ସିପକଟାକ୍ରରେ ୧୫ ଖେଳାଳି (୮ବାଳକ ଓ ୭ବାଳିକା), ଆଥ୍‌ଲେଟିକ୍ସରେ ଜଣେ (ବାଳକ), ଖୋ ଖୋରେ ୪ ଖେଳାଳି (ଜଣେ ବାଳକ ଓ ୩ ବାଳିକା) ଏବଂ ଜୁଡୋ ଓ ସାଇକ୍ଲିଂରେ ଜଣେ ଲେଖାଏ ବାଳିକା ଅଂଶଗ୍ରହଣ କରିବେ।



୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଅଂଶଗ୍ରହଣ କରିବାକୁଥିବା ଆଥ୍‌ଲେଟ୍।

# ବଲାଙ୍ଗୀର, ଭୁବନେଶ୍ୱର, କଟକ, ଜୟପୁର ବିଜୟୀ

**ମାଧୁରୀ ମେହେଟାଙ୍କ ଶତକ**

**ଭୁବନେଶ୍ୱର, ୩।୫ (ବିଜୟ ରଣା)**



ମାଧୁରୀ ମେହେଟା



ଭାବାନୀ ଧଣ୍ଡା



କାଜଲ ଜେନା



ପ୍ରିୟଙ୍କା ସାହୁ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପର ଲିଗ୍‌ରେ ଶନିବାର ବଲାଙ୍ଗୀର, ଭୁବନେଶ୍ୱର, କଟକ ଓ ଜୟପୁର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କଟକସ୍ଥିତ ରେଭେନ୍‌ଶା ଗ୍ରାଉଣ୍ଡ–୧ରେ ଖେଳାଯାଇଥିବା ବରଗଡ଼ ବିପକ୍ଷ ମ୍ୟାଚରେ ବଲାଙ୍ଗୀର ୧୦୩ରନରେ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ମାଧୁରୀ ମେହେଟା (୬୨ବଲ୍‌ରୁ ୧୦୫ରନ)ଙ୍କ ଶତକ ଓ ସରିତା ମେହେର (୪୬ ବଲ୍‌ରୁ ୫୩* ରନ)ଙ୍କ ଅର୍ଦ୍ଧଶତକ ସହାୟତାରେ ୩ଉଇକେଟ ବିନିମୟରେ ୧୬୯ ରନ୍ କରିଥିଲା। ଜବାବରେ ବରଗଡ଼ ନିର୍ଦ୍ଧାରିତ ଓଭରରେ ମାତ୍ର ୬୬ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ବିଜିଲି ଦୀପ୍ ୪ ଓ ସୁଜିନ ଖାନ୍ ୨ ଉଇକେଟ ନେଇଥିଲେ। ମାଧୁରୀ ମେହେଟା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ–୨ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର ୮ ଉଇକେଟରେ ବାଲେଶ୍ୱରକୁ ପରାସ୍ତ କରିଛି। ଏଥିରେ ବାଲେଶ୍ୱର ଦଳ ୧୫.୫ ଓଭରରେ ମାତ୍ର ୪୦ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଭୁବନେଶ୍ୱର ୧୦.୩ ଓଭରରେ ୨ଉଇକେଟ ବିନିମୟରେ ୪୪ ରନ କରି ମ୍ୟାଚ ଜିତି ନେଇଥିଲା। ଏଥିରେ ପ୍ରିୟଙ୍କା ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୧୩ ରନ ଦେଇ ୨ଉଇକେଟ ଅକ୍ତିଆର କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ସମ୍ବଲପୁର ବିପକ୍ଷରେ କଟକ ୧୦ ଉଇକେଟରେ ବିଜୟୀ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୪୨ ରନ କରିଥିଲା। କଟକ ୪.୫ ଓଭରରେ ବିନା କୌଣସି ଉଇକେଟରେ ୪୫ ରନ କରି ମ୍ୟାଚରେ ବିଜୟ ଲାଭ କରିଥିଲା। ବିଜୟୀ ଦଳର ବୋଲର ଭାବାନୀ ଧଣ୍ଡା (୩.୧–୦–୭–୪) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ବାଡ଼ାନାସୀ ଗ୍ରାଉଣ୍ଡରେ ଜୟପୁର ୮ଉଇକେଟରେ କେନ୍ଦୁଝରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ନିର୍ଦ୍ଧାରିତ ଓଭରରେ ୭ଉଇକେଟ ହରାଇ ୫୯ ରନ କରିଥିଲା। ଜବାବରେ ଜୟପୁର ୧୦ ଓଭରରେ ୨ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏଥିରେ ବିଜୟୀ ଦଳର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୨୫ ବଲ୍‌ରୁ ୩୩ ରନ କରି ଅପରାଜିତ ରହିଥିବା ବେଳେ ୬ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ